
# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୧/୨୦୨୦ (୧୨ ପୃଷ୍ଠା) | Sambalpur, Saturday, August 1/2020 | ★★

୧୬ଶ ଭାଗ ୧୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

**ସୁଶାନ୍ତଙ୍କ ସ୍ମୃତିରେ ଭାବୁକ ଅଙ୍କିତା**

ସୁଶାନ୍ତ ସିଂ ରାଜପୁତ ରିୟାଙ୍କ ସହ ସମ୍ପର୍କ ସ୍ଥାପନ ପୂର୍ବରୁ ଅଙ୍କିତା ଲୋଖଣ୍ଡେଙ୍କୁ ଡେଟ କରୁଥିଲେ। ଦୁହିଁଙ୍କ ଫଟୋ ଏବେ ଭାଇରାଲ ହେବାରୁ ଅଙ୍କିତା ଭାବୁକ ହୋଇପଡ଼ିଛନ୍ତି। ୧୦

୧୨ **ବ୍ରିଟିଶ ଫର୍ମୁଲା ୱାନ୍‌ରେ ଭାଗ ନେବେ ହକେନ୍‌ବର୍ଗ**

ରବିବାର ହେବାକୁଥିବା ବ୍ରିଟିଶ ଫର୍ମୁଲା ୱାନ୍ ଗ୍ରାଁ ପ୍ରିରେ ରେସିଂ ପଏଣ୍ଟ ଟିମ୍ ତରଫରୁ ଭାଗ ନେବେ ନିକୋ ହକେନ୍‌ବର୍ଗ।



**ଆଜିର ସମ୍ପାଦକୀୟ** ପିଏମ୍‌ଓ ବାବୁ

**ଆଜିର ମନ୍ତବ୍ୟ** “ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଧର୍ମୀୟ ପ୍ରତୀକବାଦରେ ସୀମିତ ନ ରହି ଏକ ପ୍ରକାର ସାଂସ୍କୃତିକ ନବଜାଗରଣ ଓ ଜାତୀୟତାବାଦ ଭାବେ ଦେଖାଯିବା ଉଚିତ।
–ଦତ୍ତାତ୍ରେୟ ହୋସାବଲେ, ଆର୍‌ଏସ୍‌ଏସ୍ ଯୁଗ୍ମ ସାଧାରଣ ସମ୍ପାଦକ

# ରାତି କଟକଣା ବଳବତ୍ତର

## ଓଡ଼ିଶା ଅନ୍‌ଲକ୍-୩

- ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଏବଂ କଟକ ଜିଲା ସହ ରାଉରକେଲାରେ ଶନିବାର, ରବିବାର ଶଟ୍‌ଡାଉନ
- ଅଗଷ୍ଟ ୫ରୁ ଖୋଲିବ ଜିମ୍, ଯୋଗ କେନ୍ଦ୍ର
- ସ୍କୁଲ,କଲେଜ,ଶିକ୍ଷାନୁଷ୍ଠାନ ଅଗଷ୍ଟ ୩୧ ଯାଏ ବନ୍ଦ



ଭୁବନେଶ୍ୱର,୩୧।୭(ବ୍ୟୁରୋ)

କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିଲେ ମଧ ରାଜ୍ୟ ସରକାର ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ୪ ଜିଲା ଅର୍ଥାତ୍ ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଏବଂ କଟକ ସହିତ ରାଉରକେଲା ମହାନଗର ନିଗମରେ ଲକ୍‌ଡାଉନ କୋହଳ କରିଛନ୍ତି। ସଂକ୍ରମଣ ଯୋଗୁ ଲାଗୁ ହୋଇଥିବା ଆବଦ୍ଧ ଅଞ୍ଚଳ(କଣ୍ଟେନମେଣ୍ଟ ଜୋନ) ବ୍ୟତୀତ ଅନ୍ୟାନ୍ୟ ସ୍ଥାନରେ ଏହି କଟକଣାକୁ କୋହଳ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ନୂତନ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହା ଅଗଷ୍ଟ ପହିଲାରୁ ୩୧ ତାରିଖ ଯାଏ ବଳବତ୍ତର ରହିବ।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ ଅନୁଯାୟୀ ଉପରୋକ୍ତ ୪ ଜିଲା ଏବଂ ରାଉରକେଲା ମହାନଗର ନିଗମରେ ପୂର୍ବଭଳି ସପ୍ତାହାନ୍ତ ଶଟ୍‌ଡାଉନ ଲାଗୁ କରାଯାଇଛି। ଅଗଷ୍ଟର ସମସ୍ତ ଶନିବାର ଓ ☞ପୃଷ୍ଠା–୪

## ଉଲ୍ଲଂଘନକାରୀ ୧୦ ହଜାର ପର୍ଯ୍ୟନ୍ତ ଜରିମାନା ଗଣିବେ

- ମାସ୍କ ନ ପିନ୍ଧିଲେ, ଛେପ ପକାଇଲେ ମୋଟାଅଙ୍କର ଗଣିବେ
- ବାହାଘର, କାର୍ଯ୍ୟକ୍ରମ ସ୍ଥଳ, ଦୋକାନ ବଜାର ସିଲ୍ ହେବ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

ଲୋକଙ୍କ ଖାମଖିଆଲ ମନୋଭାବ ପାଇଁ ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଛି। ଏହା ସତ୍ତ୍ୱେ ଲୋକେ ଚେତୁନାହାନ୍ତି କି କଟକଣା ମାନୁନାହାନ୍ତି। ୯୦ ପ୍ରତିଶତ ଲୋକ କଟକଣା ମାନୁଥିଲେ ମଧ ୧୦ ପ୍ରତିଶତ ଲୋକ ମାନୁନାହାନ୍ତି। ଏହି ୧୦ ପ୍ରତିଶତ ଅମାନିଆ ୯୦ ପ୍ରତିଶତ ଲୋକଙ୍କୁ ବିପଦରେ ପକାଉଛନ୍ତି। ତେଣୁ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ରାଜ୍ୟ ସରକାର ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜରିମାନା ରାଶିକୁ ବହୁଗୁଣ ☞ପୃଷ୍ଠା–୪

# ସାନିଟାଇଜର ପିଇ ୧୦ ମଲେ

ଅମରାବତୀ, ୩୧।୭(ପି.ଟି.)

ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲାରେ କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ ମଦ ମିଳୁ ନ ଥିବାରୁ ଏହାର ବିକଳ୍ପ ଭାବେ ସାନିଟାଇଜର ପିଇ ୧୦ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ଭିକାରି ଅଛନ୍ତି। ଜିଲାର କୁରିଚେଡୁ ଗ୍ରାମର ମଦୁଆମାନେ ନିଶା ପାଇଁ କିଛିଦିନ ହେଲା ସାନିଟାଇଜରରେ ପାଣି ଓ ମୃଦୁ ପାନୀୟ ମିଶାଇ ପିଇଆସୁଥିଲେ ବୋଲି ଏସ୍‌ପି ସିଦ୍ଧାର୍ଥ କୌଶଲ କହିଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁବାର ରାତିରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଶୁକ୍ରବାର ସକାଳେ ଆଉ ୮ ଜଣଙ୍କ ଜୀବନ ଯାଇଛି। ଏସ୍‌ପି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏହା କହିଛନ୍ତି। ସାନିଟାଇଜରରେ ଅନ୍ୟ କୌଣସି ବିଷାକ୍ତ ପଦାର୍ଥ ମିଶିଥିଲା କି ନାହିଁ ତାହାର ତଦନ୍ତ କରାଯାଉଛି। ଗଚ୍ଛିତ ସାନିଟାଇଜରର ରାସାୟନିକ ବିଶ୍ଳେଷଣ ପାଇଁ ପଠାଯାଇଛି। ଏହି ଦୁଃଖଦ ଘଟଣା ସହ ବେଆଇନ ଭାବେ ପ୍ରସ୍ତୁତ ମଦର କୌଣସି ସମ୍ପର୍କ ନ ଥିବା ଏସ୍‌ପି କହିଛନ୍ତି।

ପୋଲିସର କହିବା ଅନୁଯାୟୀ ମୃତକମାନେ ଅତିମାତ୍ରାରେ ନିଶାସକ୍ତ ଥିଲେ। ଲକ୍‌ଡାଉନ ଯୋଗୁ କୁରିଚେଡୁରେ ମଦ ଦୋକାନ ଦୀର୍ଘଦିନ ହେଲା ବନ୍ଦ ରହିଛି। ସାନିଟାଇଜରରେ ଆଲ୍‌କୋହଲ ରହିଥିବାରୁ ଏହାକୁ ସେମାନେ ବିକଳ୍ପ ଭାବେ ବାଛିଥିଲେ। ମୃତକମାନେ ଅତ୍ୟନ୍ତ ଗରିବ ଶ୍ରେଣୀର। ସେମାନଙ୍କ ମଧ୍ୟରେ ଭିକାରି ସମେତ ରିକ୍ସାବାଲା ଓ ମାଲ୍ ଲୋଡ୍ ଅନ୍‌ଲୋଡ୍ କରୁଥିବା ଲୋକ ଅଛନ୍ତି। ଗୁରୁବାର ରାତିରେ ଏକ ମନ୍ଦିର ନିକଟରୁ ଜଣେ ଭିକାରିଙ୍କ ମୃତଦେହ ମିଳିଥିବାବେଳେ ଅନ୍ୟ ଜଣକୁ ଦର୍ସି ସହରର ସରକାରୀ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତୃତୀୟ ବ୍ୟକ୍ତିଙ୍କୁ ସଂଜ୍ଞାହୀନ ଭାବେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାନିଟାଇଜର ପିଇ ଅସୁସ୍ଥ ହୋଇପଡ଼ିଥିବା ଅନ୍ୟ ୭ ଜଣଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ଚିକିତ୍ସିତ ହେଉଥିବା ଅନ୍ୟ ଦୁଇଜଣ ବିପଦମୁକ୍ତ ବୋଲି ପୋଲିସ କହିଛି।

## ବିଷାକ୍ତ ମଦ ପିଇ ୩୮ ମୃତ

ଚଣ୍ଡିଗଡ଼, ୩୧।୭

ପଞ୍ଜାବର ତିନୋଟି ଜିଲାରେ ବିଷାକ୍ତ ମଦ ପିଇ ୩୮ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ାଉ କରି ୮ ଜଣଙ୍କୁ ଗିରଫ କରିଛି। ଏଥିସହିତ ପ୍ରଚୁର ପରିମାଣରେ ବିଷାକ୍ତ ମଦ ଜବତ କରାଯାଇ ରାସାୟନିକ ଯାଞ୍ଚ ପାଇଁ ପଠାଯାଇଛି। ବୁଧବାର ରାତିରୁ ଅମୃତସର, ବାଟଲା ଏବଂ ତର୍ନ ତରନ ଜିଲାରେ ବିଷାକ୍ତ ମଦ୍ୟପାନ ଯୋଗୁ ଏହିସବୁ ମୃତ୍ୟୁ ଘଟିଥିବା ଡିଜିପି ଦିନକର ଗୁପ୍ତା କହିଛନ୍ତି। ଜଳନ୍ଧରର ଡିଭିଜନାଲ କମିଶନରଙ୍କୁ ମଦମୃତ୍ୟୁ ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ପଞ୍ଜାବ ଯୁଗ୍ମ ଅବକାରୀ ଏବଂ ଟିକସ କମିଶନର ଏବଂ ଜିଲା ଏସ୍‌ପି ତଦନ୍ତରେ ସହାୟତା କରିବେ। ଏହା ବ୍ୟତୀତ ଡିଭିଜନାଲ କମିଶନର ଚାହିଁଲେ ଅନ୍ୟ ପୋଲିସ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ସହାୟତା ନେଇପାରିବେ। ଇତିମଧ୍ୟରେ ପୋଲିସ ମୁଚ୍ଛଲ ଗ୍ରାମର ବଲୱିନ୍ଦର କୌରଙ୍କ ସମେତ ୮ ଜଣଙ୍କୁ ଆଇପିସିର ଧାରା ୩୦୪ ଓ ଅବକାରୀ ଆଇନର ବିଭିନ୍ନ ଧାରାରେ ଗିରଫ କରିଛି। ବେଆଇନ ମଦ କାରବାର ସହ ☞ପୃଷ୍ଠା–୪







ପବିତ୍ର ଇଦ୍–ଉଜ୍–ଜୁହା–୨୦୨୦
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

DADLS-46 OIPR-15001/13/0071/2021



ପବିତ୍ର ଇଦ୍–ଉଜ୍–ଜୁହା–୨୦୨୦
ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା।

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ପର୍ବ ପାଳନ ସମୟରେ କୋଭିଡ-୧୯ ନିୟନ୍ତ୍ରଣ ପାଇଁ ସରକାରଙ୍କ ନିର୍ଦ୍ଦେଶାବଳୀର ଅନୁପାଳନରେ ସମସ୍ତଙ୍କ ସହଯୋଗ ଜରୁରୀ ଅଟେ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-46 OIPR-15001/13/0071/2021



ଇଦ୍–ଉଜ୍–ଜୁହା ଉପଲକ୍ଷେ
ବାର୍ତ୍ତା

ଉତ୍ସର୍ଗ ଓ ସମର୍ପଣ ଭାବର ପର୍ବ ପବିତ୍ର ଇଦ୍-ଉଜ୍-ଜୁହା ପାଳନ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

କରୋନା ମହାମାରୀ ବିରୁଦ୍ଧରେ ଆମ ସମସ୍ତଙ୍କର ଲଢ଼େଇ ଜାରି ରହିଛି । ଆସନ୍ତୁ, ଧୈର୍ଯ୍ୟ ଓ ସାହସର ସହିତ ସମସ୍ତେ ଏଥିରେ ସାମିଲ ହୋଇ ଏହି ସଂଗ୍ରାମକୁ ବଳବତ୍ତର ରଖିବା ଏବଂ ମହାମାରୀର ମୁକାବିଲା କରିବା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ, ଓଡ଼ିଶା

DADLS-46 OIPR-15001/13/0071/2021

**ଆତ୍ମଘାତୀ ବିସ୍ଫୋରଣରେ ୯ ମୃତ**

ଆଫଗାନିସ୍ତାନର ଲୋଗାର ପ୍ରଦେଶରେ ଗୁରୁବାର ରାତିରେ ଆତ୍ମଘାତୀ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ୪୦ ଜଣ ଆହତ ହୋଇଛନ୍ତି। ପୋଲିସ୍ ଚେକ୍ ପଏଣ୍ଟକୁ ଟାର୍ଗେଟ କରି ପ୍ରାଦେଶିକ ରାଜଧାନୀ ପୁଲ୍-ଇ-ଆଲମ୍‌ରେ ବିସ୍ଫୋରଣ ଘଟାଯାଇଥିଲା। ଏଥିରେ ୬ ପୋଲିସ କର୍ମଚାରୀ ଓ ୩ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୮.୨୫ ଲକ୍ଷ କୋଟିର ଋଣରେ ବୁଡ଼ିବେ ରାଜ୍ୟ

**କୋଭିଡ୍-୧୯ ପୂର୍ବରୁ ରାଜ୍ୟଗୁଡ଼ିକ ଋଣଗ୍ରସ୍ତ**

| ବର୍ଷ(ମାର୍ଚ୍ଚରେ ଶେଷ) | ଜିଡିପି ତୁଳନାରେ ଋଣ | ପରିମାଣ (ଟଙ୍କା) |
|---|---|---|
| ୨୦୧୬ | ୨୩.୭% | ୩୩ ଲକ୍ଷ କୋଟି |
| ୨୦୧୭ | ୨୫.୧% | ୩୯ ଲକ୍ଷ କୋଟି |
| ୨୦୧୮ | ୨୫.୧% | ୪୩ ଲକ୍ଷ କୋଟି |
| ୨୦୧୯ | ୨୪.୮% | ୪୭ ଲକ୍ଷ କୋଟି |
| ୨୦୨୦ | ୨୪.୯% | ୫୩ ଲକ୍ଷ କୋଟି |

- ୨୦୧୯ ଅଗଷ୍ଟରୁ ବିଗିଡ଼ିଲାଣି ଅର୍ଥନୀତି
- ସ୍ଥିତିକୁ ସଙ୍ଗିନ କରିଛି କରୋନା ଲକ୍‌ଡାଉନ
- ରାଜସ୍ୱ ସଂଗ୍ରହ ସବୁଠୁ ବଡ଼ ଚ୍ୟାଲେଞ୍ଜ
- ଯାହା ବି ଆସୁଛି ସମୁଦ୍ରକୁ ଶଙ୍ଖେ

ନୂଆଦିଲ୍ଲୀ,୩୧।୭

କରୋନା ଭାଇରସ୍ ସଙ୍କଟ ଭାରତୀୟ ରାଜ୍ୟଗୁଡ଼ିକୁ ୮.୨୫ ଲକ୍ଷ କୋଟି ଟଙ୍କା ବା ୧୦ ବିଲିୟନ ଡଲାର ଋଣଭାରରେ ବୁଡ଼ାଇ ଦେଇପାରେ। ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ରାଜସ୍ୱ ଆଦାୟ ହ୍ରାସ ପାଇବାରେ ଲାଗିଥିବାରୁ ଏବେ ଋଣ କରିବା ଜରୁରୀ ହୋଇପଡ଼ିବ। ଭାରତର ରାଜ୍ୟଗୁଡ଼ିକ ଅନ୍ୟ ବ୍ରିକ୍ସ ଦେଶଗୁଡ଼ିକର ରାଜ୍ୟ ତୁଳନାରେ ଅଧିକ ଋଣ ନେଇସାରିଥିବା ବେଳେ ଚଳିତ ବର୍ଷ ଆହୁରି ଅଧିକ ପରିମାଣର ଋଣ ନେବାକୁ ବାଧ ହେବେ ବୋଲି ଏକ ଆକଳନରୁ ଜଣାପଡ଼ିଛି।

କୋଭିଡ୍-୧୯ ଲକ୍‌ଡାଉନ୍ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ଆର୍ଥିକ ପ୍ରହାର ପକାଇଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରାଜ୍ୟଗୁଡ଼ିକୁ ସେମାନଙ୍କ ଅଂଶଧନ ଦେବା ପାଇଁ ସକ୍ଷମ ନ ଥିବାବେଳେ ରାଜ୍ୟଗୁଡ଼ିକ ଉପରେ ରାଜସ୍ୱ ମାଡ଼ ପଡ଼ିଛି। ଏଭଳି ସ୍ଥିତିରେ ରାଜ୍ୟଗୁଡ଼ିକ ବଜାରରୁ ନେଉଥିବା ମୋଟ ଋଣର ପରିମାଣ ଚଳିତ ଆର୍ଥିକ ବର୍ଷରେ ୮.୨୫ ଲକ୍ଷ କୋଟି ଟଙ୍କା ବା ୧୦ ବିଲିୟନ ଡଲାର ଛୁଇଁବ ବୋଲି ରିସର୍ଚ୍ଚ ଏଜେନ୍ସି ଇଣ୍ଡିଆ ରେଟିଂ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ଋଣର ପରିମାଣ ୬.୦୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଅଶୋକା ୟୁନିଭର୍ସିଟିର ଅର୍ଥନୀତି ପ୍ରଫେସର ପୁଲାପ୍ରେ ବାଲାକ୍ରିଷ୍ଣନ୍ କହିଛନ୍ତି, ରାଜ୍ୟଗୁଡ଼ିକୁ ଦରମା, ଗୁରୁତ୍ୱପୂର୍ଣ୍ଣ ଯୋଜନା, କୋଭିଡ୍-୧୯ ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟୟ ବୃଦ୍ଧି ଭଳି କେତେକ ଖର୍ଚ୍ଚ କରିବାକୁ ପଡ଼ିବ। ଏଥିଯୋଗୁ ଋଣ ବଢ଼ିବା ନିଶ୍ଚିତ। ରାଜ୍ୟ ରାଜସ୍ୱର ୪୩% କେନ୍ଦ୍ର ସରକାରଙ୍କ ପାଖରୁ ଆସୁଥିବାବେଳେ ଅବଶିଷ୍ଟ ୫୭% ରାଜସ୍ୱ ହେଉଛି ନିଜସ୍ୱ ଟିକସ ଓ ଅଣଟିକସ ଆୟ।

**ରାଜ୍ୟ ବନାମ କେନ୍ଦ୍ର**

କୋଭିଡ୍-୧୯ ଲକ୍‌ଡାଉନ ଜାରି ହେବା ଯୋଗୁ କେବଳ ଏପ୍ରିଲ ମାସରେ ୨୧ ରାଜ୍ୟର ୯୭,୦୦୦ କୋଟି ଟଙ୍କା ରାଜସ୍ୱ ହାନି ହୋଇଥିଲା। ମାର୍ଚ୍ଚ ୨୫ରେ ଆରମ୍ଭ ହୋଇଥିବା ୮୦ ଦିନିଆ ଲକ୍‌ଡାଉନର ସାମଗ୍ରିକ ପ୍ରଭାବ ଅଧିକ ରହିବ। ଯଦିଓ ବର୍ତ୍ତମାନ ଦେଶବ୍ୟାପୀ ଲକ୍‌ଡାଉନ ଶେଷ ହୋଇଛି, ତଥାପି କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଅନେକ ସ୍ଥାନରେ ଆର୍ଥିକ କାରବାର ଭଲ ଭାବେ ଚାଲିପାରି ନାହିଁ। ଲୋକେ ଭାଇରସ୍ ଦାଉରୁ ରକ୍ଷା ପାଇବା ପାଇଁ ଘର ଭିତରେ ରହୁଛନ୍ତି। ଏଭଳି ସ୍ଥିତିରେ ଅନେକ ରାଜ୍ୟ ସେମାନଙ୍କ ଟିକସ ରାଜସ୍ୱ ଓ କ୍ଷତିପୂରଣ ଦାବିରେ କେନ୍ଦ୍ରର ମୋଦି ସରକାରଙ୍କ ସହ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଛନ୍ତି। ମହାମାରୀଜନିତ ଲକ୍‌ଡାଉନ ଜାରି କରାଯିବା ଫଳରେ ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ମୋଦି ସରକାରଙ୍କୁ ମଧ୍ୟ ବହୁ ରାଜସ୍ୱ କ୍ଷତି ସହିବାକୁ ପଡ଼ିଛି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ରାଜସ୍ୱ ସଂଗ୍ରହ କରିବାରେ ବିଫଳ ହେଲେ କିମ୍ବା ଟାର୍ଗେଟ ମିସ୍ କଲେ ରାଜ୍ୟଗୁଡ଼ିକ ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ। ରାଜ୍ୟଗୁଡ଼ିକ ପାଇଁ ବଜେଟରେ ଆବଣ୍ଟିତ ପାଣ୍ଠି ମଧ୍ୟ ଦେବା ପାଇଁ କେନ୍ଦ୍ରକୁ କଷ୍ଟକର ହେବ ବୋଲି ବାଲାକ୍ରିଷ୍ଣନ୍ କହିଛନ୍ତି।

**ନିଅଣ୍ଟ ହେଉଛି ଟିକସ ସଂଗ୍ରହ**

କରୋନା କାଳରେ ଭାରତର ଟିକସ ସଂଗ୍ରହ ପରିମାଣକୁ ଦେଖିଲେ ରାଜସ୍ୱ ହାନିର କାହାଣୀ ବୁଝିହୁଏ। ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଏପ୍ରିଲ ମାସରେ ସବୁଠୁ କମ୍ ସଂଗ୍ରହ ହୋଇଥିଲା, ଯେତେବେଳେ କି ଦେଶବ୍ୟାପୀ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସର୍ବୋଚ୍ଚ ସ୍ତରରେ ଥିଲା। ଏପ୍ରିଲ ପରେ ଟ୍ୟାକ୍ସ କଲେକ୍ସନରେ କିଛି ଉନ୍ନତି ଆସିଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। କଟକଣା ସାମାନ୍ୟ କୋହଳ ହେବା ପରେ ଅର୍ଥନୈତିକ ଗତିବିଧି କିଛି ମାତ୍ରାରେ ବୃଦ୍ଧି ପାଇଥିଲେ ହେଁ ତାହା କ୍ଷତ ଉପଶମ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ।

ଇଣ୍ଡିଆ ରେଟିଂସ ସହକାରୀ ନିର୍ଦ୍ଦେଶକ ଅନୁରାଧା ବାସୁମଟାରି କହିଛନ୍ତି, ୨୦ ରାଜ୍ୟକୁ ନେଇ ଆମେ ଅଧ୍ୟୟନ କରିଥିଲୁ। ଏଥିରୁ ଜଣାପଡ଼ିଛି ଯେ, ରାଜ୍ୟଗୁଡ଼ିକର ନିଜସ୍ୱ ରାଜସ୍ୱ ସଂଗ୍ରହ ଓ ୨୦୨୦ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ଟିକସରେ ସେମାନଙ୍କ ଅଂଶଧନ ଆକଳନ ଅନୁସାରେ ହେଉନାହିଁ। ଆର୍ଥିକ କଟକଣା ସମ୍ପୂର୍ଣ୍ଣ ଭାବେ ଉଠି ନ ଥିବାରୁ ରାଜସ୍ୱ ସଂଗ୍ରହ ଆହୁରି ହ୍ରାସ ପାଇବ। ଆର୍ଥିକ କାର୍ଯ୍ୟକଳାପର ଅଭାବ ଅର୍ଥ ହେଉଛି ପେଟ୍ରୋଲ ଓ ଡିଜେଲ କମ୍ ଖର୍ଚ୍ଚ ହେବ। ତେଣୁ ତୈଳ ଉପରେ ଟିକସ ବୃଦ୍ଧି କରିବା ରାଜ୍ୟଗୁଡ଼ିକ ପାଇଁ ବିଶେଷ ସହାୟକ ହେବ ନାହିଁ। ରାଜ୍ୟଗୁଡ଼ିକର ଆର୍ଥିକ କ୍ଷତକୁ ଉପଶମ କରିବା ପାଇଁ ନିକଟରେ କେନ୍ଦ୍ର ସରକାର ସେମାନଙ୍କୁ ଋଣ ସୀମା ବୃଦ୍ଧି ନିମନ୍ତେ ଅନୁମତି ଦେଇଥିଲେ। କିନ୍ତୁ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଋଣ ବୃଦ୍ଧି କରାଯାଇ ପାରିବ।

**ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତର ଋଣ ଅଧିକ**

ଜିଡିପି ତୁଳନାରେ ଋଣ ହାର

| | |
|---|---|
| ଭାରତ | ୨୪.୮% |
| ଚାଇନା | ୨୦.୬% |
| ବ୍ରାଜିଲ | ୧୨.୫% |
| କଲୋମ୍ବିଆ | ୧୧.୧% |
| ଆର୍ଜେଣ୍ଟିନା | ୫.୬% |
| ଦକ୍ଷିଣ ଆଫ୍ରିକା | ୪.୮% |
| ରୁଷିଆ | ୪.୩% |
| ଦକ୍ଷିଣ କୋରିଆ | ୪.୨% |
| ଇଣ୍ଡୋନେସିଆ | ୦.୩% |




## ହାତ ଟେକିଦେଲା କେନ୍ଦ୍ର

ନୂଆଦିଲ୍ଲୀ,୩୧।୭




ରାଜ୍ୟଗୁଡ଼ିକୁ ମିଳିବାକୁ ଥିବା ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ବାବଦ ଅଂଶଧନ କେନ୍ଦ୍ର ସରକାର ଦେଇପାରିବେ ନାହିଁ। ରାଜସ୍ୱ ଭାଗବଣ୍ଟାର ସାମ୍ପ୍ରତିକ ଫର୍ମୁଲା ଅନୁସାରେ ରାଜ୍ୟଗୁଡ଼ିକୁ ଜିଏସ୍‌ଟି ଟଙ୍କା ମିଳି ନ ପାରେ ବୋଲି ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେ ମଙ୍ଗଳବାର ଅର୍ଥ ସମ୍ପର୍କିତ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟିକୁ ଅବଗତ କରାଇଥିଲେ। ୨୦୧୭ରେ ଲାଗୁ ହୋଇଥିବା ଜିଏସ୍‌ଟିକୁ ୩ ବର୍ଷ ବିତିଲାଣି। ଏବେ ସରକାର ପ୍ରଥମଥର ପାଇଁ ସ୍ୱୀକାର କରିଛନ୍ତି ଯେ ଜିଏସ୍‌ଟି ଆଇନ ଓ ନିୟମାବଳୀ ଅନୁସାରେ ରାଜ୍ୟଗୁଡ଼ିକୁ ଅର୍ଥ ଦେବା ଲାଗି କେନ୍ଦ୍ରୀୟ ରାଜକୋଷରେ ଟଙ୍କା ନାହିଁ। ଏଭଳି ସ୍ଥିତି ପାଇଁ ମୋଦି ସରକାର କରୋନା ଭାଇରସ୍ ସଂକ୍ରମଣ ଓ ତଜ୍ଜନିତ ଲକ୍‌ଡାଉନକୁ ଦାୟୀ କରୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ଭାବେ ସତ ନୁହେଁ। କାରଣ କରୋନା ଆସିବାର ବହୁ ପୂର୍ବରୁ ଅର୍ଥାତ୍ ୨୦୧୯ ଅଗଷ୍ଟ ବେଳୁ ଦେଶର ଅର୍ଥନୀତି ବିଗିଡ଼ିବାରେ ଲାଗିଛି।

ଚଳିତ ବର୍ଷ ଆରମ୍ଭରେ କେନ୍ଦ୍ର ସରକାର ୧.୮୫ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ବାବଦରେ ପାଇଥିଲେ, ଯାହାକି ପୂର୍ବ ବର୍ଷ ତୁଳନାରେ ୩.୧୪ ଲକ୍ଷ କୋଟି କମ୍। ଏଥିଯୋଗୁ ରାଜ୍ୟଗୁଡ଼ିକୁ ଦୁଇମାସରେ ଥରେ କ୍ଷତିପୂରଣ ଇନ୍‌ଷ୍ଟଲମେଣ୍ଟ ଦିଆଯିବ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସୋମବାର କେନ୍ଦ୍ର ସରକାର ଚୂଡ଼ାନ୍ତ ଇନ୍‌ଷ୍ଟଲମେଣ୍ଟରେ ୧୩,୮୦୬ କୋଟି ଟଙ୍କା ରିଲିଜ୍ କରିଛନ୍ତି। ଜିଏସ୍‌ଟି ସଂଗ୍ରହ ଅଧାକୁ ଖସିଯାଇଥିବାରୁ ବିଭିନ୍ନ ପର୍ଯ୍ୟାୟ ଆଲୋଚନା ଓ ସମ୍ମିଳନୀ ପରେ କ୍ଷତିପୂରଣ ଦେବା ପାଇଁ କେନ୍ଦ୍ର ସରକାର ଜିଏସ୍‌ଟି ବୃଦ୍ଧି ପାଇଁ ଚିନ୍ତା କରୁଥିବା ଜଣାପଡ଼ିଛି। ଏପରି ହେଲେ ଅନଟନରେ ଥିବା ସାଧାରଣ ଜନତାଙ୍କ ଉପରେ ବୋଝ ଆହୁରି ବଢ଼ିବ।

# ଜୟସାଲମେର ଗଲେ କଂଗ୍ରେସ ବିଧାୟକ

ଜୟସାଲମେର/ଜୟପୁର, ୩୧।୭(ପି.ଟି.)



ଜୟପୁର ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ।

**ଗେହଲଟଙ୍କୁ ଘୋଡ଼ାବେପାର ଭୟ**

ରାଜସ୍ଥାନରେ ରାଜନୈତିକ ସଙ୍କଟ ଜାରି ରହିଥିବାବେଳେ ଜୟପୁର-ଦିଲ୍ଲୀ ଜାତୀୟ ରାଜପଥ ପାର୍ଶ୍ୱ ଏକ ହୋଟେଲରେ ଅବସ୍ଥାନ କରୁଥିବା ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମର୍ଥକ କଂଗ୍ରେସ ବିଧାୟକମାନଙ୍କୁ ଶୁକ୍ରବାର ତିନୋଟି ଚାର୍ଟାର୍ଡ ବିମାନରେ ଜୟସାଲମେର ପଠାଇଦିଆଯାଇଛି। ଅଗଷ୍ଟ ୧୪ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ହେବାକୁ ଥିବାବେଳେ ଏହା ପୂର୍ବରୁ ଘୋଡ଼ାବେପାର ଆଶଙ୍କା କରାଯାଉଛି। କଂଗ୍ରେସ ବିଧାୟକମାନଙ୍କୁ ଏକଜୁଟ କରି ରଖିବା ପାଇଁ ସେମାନଙ୍କୁ ଜୟସାଲମେର ପଠାଯାଇଥିବା ରାଜ୍ୟ ପରିବହନ ମନ୍ତ୍ରୀ ପ୍ରତାପ ସିଂ କହିଛନ୍ତି। ଜଣେ ହେଲେ ବିଧାୟକ ଯେପରି ପ୍ରଲୋଭିତ ହୋଇ ଅନ୍ୟ ଶିବିରକୁ ନ ଯାଆନ୍ତି ସେଥିପାଇଁ ମୁଖ୍ୟମନ୍ତ୍ରୀ ଏଭଳି ରଣନୀତି ଆପଣାଇଛନ୍ତି। ବିଧାୟକମାନେ ଜୟସାଲମେରରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବସ୍ ଓ ଅନ୍ୟ ଗାଡ଼ିରେ ହୋଟେଲ ସୂର୍ଯ୍ୟଗଡ଼କୁ ନିଆଯାଇଥିଲା। ଦୀର୍ଘଦିନ ଗୋଟିଏ ହୋଟେଲରେ ରହି ବୋରିଂ ହୋଇଯାଇଥିଲେ ବିଧାୟକ। ସେଥିପାଇଁ ସେମାନଙ୍କୁ ଜୟସାଲମେର ନିଆଯାଉଛି ବୋଲି ବିଧାୟକ ପ୍ରଶାନ୍ତ ବୈରଓ୍ୱା ଜୟପୁର ବିମାନ ବନ୍ଦରରେ କହିଥିଲେ। ପ୍ରଥମେ ୫୪ ଜଣଙ୍କୁ ନିଆଯାଇଥିବାବେଳେ ଅନ୍ୟ ବିଧାୟକମାନଙ୍କୁ ଖୁବ୍‌ଶୀଘ୍ର ସ୍ଥାନାନ୍ତର କରାଯିବ। ଅଗଷ୍ଟ ୧୪ରେ ଅଧିବେଶନ ଆରମ୍ଭ ହେଲେ ଆସ୍ଥା ଭୋଟ ଲୋଡ଼ିବେ ବୋଲି ଗେହଲଟ ସୂଚନା ଦେବାର ଦିନକ ପରେ ବିଧାୟକମାନଙ୍କୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ତାଙ୍କ ସମର୍ଥକ ୧୮ ବିଧାୟକ ସରକାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିବା ପରେ ଜୁଲାଇ ୧୩ରୁ କଂଗ୍ରେସ ବିଧାୟକମାନେ ଜୟପୁର ହୋଟେଲରେ ରହିଥିଲେ।

**ଚିଫ୍ ହ୍ୱିଇପ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ**

ରାଜସ୍ଥାନର ବହିଷ୍କୃତ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ୧୮ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଜୁଲାଇ ୨୪ରେ ହାଇକୋର୍ଟ ବିଧାନସଭା ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କଂଗ୍ରେସ ମୁଖ୍ୟ ହ୍ୱିଇପ୍ ମହେଶ ଜୋଷୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆଇନଜୀବୀ ବରୁଣ ଚୋପ୍ରାଙ୍କ ଜରିଆରେ ଦାଖଲ ହୋଇଥିବା ପିଟିଶନରେ ହାଇକୋର୍ଟଙ୍କ ରାୟ ଅସାମ୍ବିଧାନିକ ଏବଂ ବେଆଇନ ବୋଲି କୁହାଯାଇଛି। ବାଚସ୍ପତି ସି.ପି. ଜୋଷୀ ମଧ୍ୟ ହାଇକୋର୍ଟଙ୍କ ରାୟ ବିରୋଧରେ ଗତ ୨୯ରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ।

## ଚାଇନାରୁ ରଙ୍ଗୀନ ଟିଭି ଆମଦାନୀ ଉପରେ କଟକଣା

ନୂଆଦିଲ୍ଲୀ, ୩୧।୭

ପୂର୍ବ ଲଦାଖର ଗଲଓ୍ୱାନ ଉପତ୍ୟକାରେ ଜୁନ୍ ୧୫ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ବେଜିଂ ବିରୋଧରେ ନୂଆଦିଲ୍ଲୀ ଅନେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୂର୍ବରୁ ଭାରତ ସରକାର ଚାଇନାର କେତେକ ମୋବାଇଲ ଆପ୍‌କୁ ରଦ୍ଦ କରିବା ସହ ସେଠାକାର କମ୍ପାନୀଗୁଡ଼ିକୁ ସରକାରୀ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟାରୁ ବାଦ୍ ଦେଇଥିଲେ। ଏବେ ଘରୋଇ କମ୍ପାନୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଚାଇନାରୁ ରଙ୍ଗୀନ ଟିଭି ଆମଦାନୀ ଉପରେ ସରକାର କଟକଣା ଲଗାଇଛନ୍ତି। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ରଙ୍ଗୀନ ଟିଭି ଆମଦାନୀ ନୀତିରେ ସଂଶୋଧନ କରିଛି। ଜାରି ହୋଇଥିବା ନୋଟିସ ଅନୁଯାୟୀ ରଙ୍ଗୀନ ଟିଭି ଆମଦାନୀକୁ କଟକଣା ବର୍ଗରେ ରଖାଯାଇଛି। ପୂର୍ବରୁ ଏହା ମୁକ୍ତ ବର୍ଗରେ ରହିଥିଲା। ଏଣିକି ଚାଇନାରୁ ରଙ୍ଗୀନ ଟିଭି ଆମଦାନୀ କରିବାକୁ ହେଲେ ସରକାରଙ୍କଠାରୁ ଲାଇସେନ୍ସ ହାସଲ କରିବାକୁ ପଡ଼ିବ।

## ଡାକ୍ତରଙ୍କୁ ଠିକ୍ ସମୟରେ ଦରମା ଦିଅ

ନୂଆଦିଲ୍ଲୀ, ୩୧।୭(ପି.ଟି.)

**କ୍ୱାରାଣ୍ଟାଇନ ସମୟକୁ ଛୁଟି ବିବେଚନା କରାଯିବନି: ସୁପ୍ରିମକୋର୍ଟ**

କରୋନା ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଠିକ୍ ସମୟରେ ବେତନ ପ୍ରଦାନ କରିବା ନିର୍ଦ୍ଦେଶନାମାକୁ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ ଓ ତ୍ରିପୁରା ସରକାର ପାଳନ କରୁ ନ ଥିବା ଶୁକ୍ରବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କୋଭିଡ୍-୧୯ ଡ୍ୟୁଟିରେ ଥିବା ଡାକ୍ତର ଓ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯେପରି ଠିକ୍ ସମୟରେ ବେତନ ମିଳିବ ତାହା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ ସମୟକୁ ଛୁଟି ବିବେଚନା କରାଯାଇ ସେମାନଙ୍କର ସେହି ସମୟର ବେତନକୁ କଟାଯାଇପାରିବ ନାହିଁ। ଜଷ୍ଟିସ୍, ଅଶୋକ ଭୂଷଣ, ଆର୍. ସୁଭାଷ ରେଡ୍ଡୀ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଯଦି ରାଜ୍ୟ କାର୍ଯ୍ୟକାରୀ ନ କରନ୍ତି ତେବେ ବିପର୍ଯ୍ୟୟ ପରିଚାଳନା ଆଇନ ଅନୁଯାୟୀ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି। କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମାମଲା ପରିଚାଳନା କରିଥିଲେ।

ସୁପ୍ରିମକୋର୍ଟଙ୍କ ଜୁନ୍ ୧୭ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଠିକ୍ ସମୟରେ ବେତନ ଦେବା ଲାଗି ଜୁନ୍ ୧୮ରେ କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଅଧିକାଂଶ ରାଜ୍ୟ ଏହାକୁ ଅନୁପାଳନ କରୁଥିବାବେଳେ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ ଓ ତ୍ରିପୁରା ଠିକ୍ ସମୟରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଠିକ୍ ସମୟରେ ବେତନ ଦେଉ ନ ଥିବା ମେହେଟ୍ଟା କହିଥିଲେ।

# ୨୪ ଘଣ୍ଟାରେ ୫୫ ହଜାର ଆକ୍ରାନ୍ତ

ନୂଆଦିଲ୍ଲୀ,୩୧।୭

**ଦେଶରେ ୩୬,୫୦୦ ଲୋକଙ୍କ ଜୀବନ ଗଲାଣି**



ବୋଲ ମାନୁନି ମହାମାରୀ କରୋନା। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୫,୦୭୯ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ୭୭୯ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇ ୧୬.୯୦ ଲକ୍ଷରେ ପହଞ୍ଚିଥିବା ବେଳେପ୍ରାୟ ୩୬ ହାର ଲୋକଙ୍କ ଜୀବନ ଗଲାଣି। ଏବେ ବି ୫.୬୨ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ଦେଶରେ ମୋଟ ୧୦.୯୧ ଲକ୍ଷରୁ ଅଧିକ ଲୋକ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସୁସ୍ଥହାର ଜାତୀୟ ହାରଠାରୁ ଅଧିକ ରହିଥିବା ଜଣାପଡ଼ିଛି। ଦିଲ୍ଲୀ, ଲଦାଖ, ହରିୟାଣା, ଆସାମ, ତେଲଙ୍ଗାନା, ଗୁଜରାଟ ଓ ତାମିଲନାଡ୍ରୁରେ ସୁସ୍ଥହାର ବୃଦ୍ଧିପାଉଛି।

ମହାରାଷ୍ଟ୍ର ସବୁଠାରୁ ଅଧିକ କରୋନା ପ୍ରଭାବିତ ହୋଇଥିବାବେଳେ ୪.୧୨ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ପ୍ରାୟ ୨.୪୯ ଲକ୍ଷ ଏଠାରେ ସୁସ୍ଥହୋଇ ଘରକୁ ଫେରିଛନ୍ତି। ତାମିଲନାଡ୍ରୁରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଇ ୨.୪୬ ଲକ୍ଷରେ ପହଞ୍ଚିଥିବା ବେଳେ ୧.୮୪ ଲକ୍ଷ ସୁସ୍ଥ ହେଲେଣି। ତାମିଲନାଡ୍ରୁ ଭଳି କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶରେ ଉଗ୍ର ସଂକ୍ରମଣ ସ୍ଥିତି ଜାରି ରହିଛି। ଦିନକୁ ଦେଶରେ ହାରାହାରି ୫୦ ହଜାର ରୋଗୀ ଚିହ୍ନଟ ହେବା ଚିନ୍ତା ବଢ଼ାଇଦେଇଛି। ଭାରତରେ ପ୍ରତିଦିନ ୬ ଲକ୍ଷ କରୋନା ପରୀକ୍ଷା କରାଯାଉଥିବାବେଳେ ମାସକ ମଧ୍ୟରେ ୧ କୋଟି ଲୋକଙ୍କ ପରୀକ୍ଷା କରାଯାଇଛି। ଅଧିକ ପରୀକ୍ଷା ଯୋଗୁ ନୂଆ ମାମଲା ସାମ୍ନାକୁ ଆସିବାରେ ଲାଗିଛି।

## ଆଉ ୩ ମାସ ଅଟକ ରହିବେ ମେହବୁବା

ନୂଆଦିଲ୍ଲୀ,୩୧।୭: ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କୁ ପୁଣି ଅଧିକ ୩ ମାସ ଅଟକ ରଖାଯିବ। ଜନ ସୁରକ୍ଷା ଆଇନ ବଳରେ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ଶୁକ୍ରବାର ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅଗଷ୍ଟ ୫ରେ ତାଙ୍କ ଅଟକ ମିଆଦ ପୂରିଯାଉଥିବାବେଳେ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗତବର୍ଷ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ହଟାଇଦେବା ପରଠାରୁ ମେହବୁବା ଓ ଅନ୍ୟ କେତେଜଣଙ୍କୁ ଗୃହବନ୍ଦୀ କରି ରଖାଯାଇଆସୁଛି। ରାଜ୍ୟକୁ ଦୁଇଭାଗ କରାଯାଇ ଜମ୍ମୁ-କଶ୍ମୀର ଓ ଲଦାଖ କରାଯିବା ସହ ପ୍ରତ୍ୟେକକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଦିଆଯାଇଛି।



# ମନିଲଣ୍ଡରିଂ ମାମଲା ରୁଜୁକଲା ଇଡି

ନୂଆଦିଲ୍ଲୀ,୩୧।୭

**ସୁଶାନ୍ତ ସିଂ ଆତ୍ମହତ୍ୟା ଘଟଣା**

- ସିବିଆଇ ତଦନ୍ତ ଦାବିକଲେ ସୁବ୍ରମଣ୍ୟମ୍ ସ୍ୱାମୀ
- ଅଙ୍କିତାଙ୍କୁ ବିହାର ପୋଲିସର ଜେରା


ସୁଶାନ୍ତଙ୍କ ସହ ଅଙ୍କିତା ଲୋଖାଣ୍ଡେ।


ରିଆ ଚକ୍ରବର୍ତ୍ତୀ

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ମନିଲଣ୍ଡରିଂ ମାମଲା ରୁଜୁ କରାଯାଇଛି। ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ବିହାର ପୋଲିସ ନିକଟରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଓ ଅନ୍ୟମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଆର୍ଥିକ ଅନିୟମିତତା ଯୋଗୁ ଚିନ୍ତିତ ସୁଶାନ୍ତ ଆତ୍ମହତ୍ୟା ରାସ୍ତା ବାଛିନେଇଥିବା ସନ୍ଦେହ କରାଯାଉଛି। ବିହାର ପୋଲିସଠାରୁ ଏଫ୍‌ଆଇଆର୍ କପି ମଗାଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହାର ତର୍ଜମା ଆରମ୍ଭ କରିଛି। ରିଆ ଓ ତାଙ୍କ ପରିବାରଙ୍କ ବିରୋଧରେ ସୁଶାନ୍ତଙ୍କ ବାପା କେ. କେ. ସିଂ ସଙ୍ଗିନ ଅଭିଯୋଗ ଆଣିଥିଲେ। ରିଆ ନିଜ କ୍ୟାରିୟର ଲାଗି ସୁଶାନ୍ତଙ୍କୁ ବନ୍ଧୁକରି ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହୋଇଥିଲା। ସୁଶାନ୍ତଙ୍କୁ ଆତ୍ମହତ୍ୟା ଲାଗି ଏମାନେ ବାଧ କରିଥିଲେ ବୋଲି ଏଫ୍‌ଆଇଆର୍‌ରେ ଦର୍ଶାଯାଇଥିଲା। ଏବେ ଇଡି ସୁଶାନ୍ତଙ୍କ ଟଙ୍କା ଓ ବ୍ୟାଙ୍କ ଆକାଉଣ୍ଟର ତର୍ଜମା କରିବ। ତାଙ୍କ ଆୟ ଟଙ୍କା ମନିଲଣ୍ଡରିଂ କରାଯାଉଥିଲା କି ନାହିଁ ସେ ସମ୍ପର୍କରେ ବିଶେଷ ତଦନ୍ତ କରାଯିବ ବୋଲି ଇଡିର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ମୁମ୍ବାଇ ପୋଲିସ ସୁଶାନ୍ତ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିଲେ ହେଁ ଏପର୍ଯ୍ୟନ୍ତ ଗୋଟିଏ ବି ଏତଲା ରୁଜୁ କରିନାହିଁ। ସୁଶାନ୍ତଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ଅଭିଯୋଗ ଆଣିଛନ୍ତି। ସୁଶାନ୍ତଙ୍କ ବେକରେ କୌଣସି ଚିହ୍ନ ନ ଥିବା କହିଛନ୍ତି। ଏହାର ସିବିଆଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ସୁଶାନ୍ତଙ୍କ ପୂର୍ବତନ ବାନ୍ଧବୀ ଅଙ୍କିତା ଲୋଖଣ୍ଡେଙ୍କୁ ବିହାର ପୋଲିସ ଶୁକ୍ରବାର ଜେରା କରିଛି। ମୁମ୍ବାଇରେ ଥିବା ବିହାର ପୋଲିସ ଟିମ୍ ଅଙ୍କିତାଙ୍କ ଘରକୁ ଯାଇ ତାଙ୍କ ବୟାନ ରେକର୍ଡ କରିଛନ୍ତି। ରିଆ ଓ ତାଙ୍କ ସହଯୋଗୀମାନେ ମାନସିକ ନିର୍ଯାତନା ଦେଉଥିବା ସୁଶାନ୍ତ କହିଥିବା ଅଙ୍କିତା ଅଭିଯୋଗ କରିଛନ୍ତି। ସୁଶାନ୍ତଙ୍କ ପରିବାରକୁ ନ୍ୟାୟ ଦାବିରେ ବିହାରର ସମସ୍ତ ରାଜନୈତିକ ଦଳ ଏକ ହୋଇଛନ୍ତି। ରିଆଙ୍କ ଆବେଦନ ପରେ ବିହାର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ କେଭିଏଟ୍ ମଧ୍ୟ ଦାଖଲ କରାଯାଇଛି। ମହାରାଷ୍ଟ୍ର ଗୃହମନ୍ତ୍ରୀ ସିବିଆଇ ତଦନ୍ତକୁ ଖାରଜ କରିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଲଲାନ କୁମାର ସୁଶାନ୍ତ ଆତ୍ମହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବା ଲାଗି ଦାବି କରିଛନ୍ତି। ପ୍ରଦେଶ ଯୁବ ଆର୍‌ଜେଡି ଉପାଧ୍ୟକ୍ଷ ଅଜିତ ଯାଦବ ସୁଶାନ୍ତ ଆତ୍ମହତ୍ୟା ମାମଲାର ନିରପେକ୍ଷ ତଦନ୍ତ ଓ ନ୍ୟାୟ ମିଳିବା ଉଚିତ ବୋଲି କହିଛନ୍ତି। ଘଟଣାକ୍ରମରେ ପରିବର୍ତ୍ତନ ଆସିବା ପରେ ରିଆ ମୁହଁ ଖୋଲି ସତ୍ୟର ବିଜୟ ହେବ ବୋଲି କହିଛନ୍ତି। ପ୍ରକାଶଥାଉ କି, ମାମଲା ମୁମ୍ବାଇକୁ ସ୍ଥାନାନ୍ତର କରିବା ଲାଗି ରିଆ ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣି ଅଗଷ୍ଟ ୫ରେ କରାଯିବ।




# ଅଗଷ୍ଟର ପ୍ରତି ଶନିବାର ସରକାରୀ ଅଫିସ୍ ବନ୍ଦ

ଭୁବନେଶ୍ୱର,୩୦।୭(ବ୍ୟୁରୋ): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଅଗଷ୍ଟ ନିମନ୍ତେ ଶୁକ୍ରବାର ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଗଷ୍ଟ ମାସର ପ୍ରତ୍ୟେକ ଶନିବାର ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ ରହିବ। ଏଥିସହ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଅଫିସଗୁଡ଼ିକ ଚାଲିବ। ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅଗଷ୍ଟ ମାସରେ ସମସ୍ତ ବିଭାଗ ଓ ଅଧୀନ ଦପ୍ତରରେ ପ୍ରଥମ ଶ୍ରେଣୀ ଅଧିକାରୀଙ୍କୁ ମିଶାଇ ସର୍ବାଧିକ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ ଚାଲିବ। ତେବେ ଜରୁରୀ ସେବା ପ୍ରଦାନ କରୁଥିବା କାର୍ଯ୍ୟାଳୟ ଯଥା ଏସ୍‌ଆର୍‌ସି ଏବଂ ଓସ୍‌ଡମା ଦପ୍ତର, ପୋଲିସ ଅଗ୍ନିଶମ ସେବା, ସ୍ୱାସ୍ଥ୍ୟସେବା, ମ୍ୟୁନିସିପାଲ ସେବା ଆଦି ଯୋଗାଉଥିବା ଅଫିସଗୁଡ଼ିକ ପୂର୍ଣ୍ଣ କର୍ମଚାରୀ ସହ କାମ କରିବ। ଯେଉଁ ଅଫିସ ଓ କର୍ମଚାରୀମାନଙ୍କୁ ଭିପିଏନ୍ ସୁବିଧା ଦିଆଯାଇଛି ସେମାନେ ରୋଷ୍ଟର ଡ୍ୟୁଟି ନ ଥିବାବେଳେ ଘରେ ରହି କାମ କରିବେ। ଅଫିସରେ କୌଣସି ଜରୁରୀ କାର୍ଯ୍ୟ ପଡ଼ିଲେ ସ୍ୱଳ୍ପ ଅବଧିର ସୂଚନାରେ ସେମାନଙ୍କୁ ଅଫିସ ଆସିବାକୁ ପଡ଼ିବ। ସମସ୍ତ ସରକାରୀ କର୍ମଚାରୀ କୋଭିଡ୍ ନିମନ୍ତେ ରାଜ୍ୟ ସରକାର ଜାରି କରୁଥିବା ନିୟମ ଓ ଗାଇଡ୍‌ଲାଇନ ମାନିବା ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## କରୋନା ସଂକ୍ରମଣ ସ୍ଥିତି (ଶୁକ୍ରବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୭୬,୦୮,୩୫୦ | ୬,୭୯,୩୩୪ | ୧,୧୦,୧୫,୯୪୧ |
| ଭାରତ | ୧୬,୯୩,୮୭୯ | ୩୬,୫୪୮ | ୧୦,୯୩,୭୪୭ |
| ଓଡ଼ିଶା | ୩୧,୮୭୭ | ୧୭୭(+୩୭) | ୨୦,୫୧୮ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅନ୍‌ଲାଇନରେ ମିଳିବ ଅଗ୍ନି ନିରାପତ୍ତା ସାର୍ଟିଫିକେଟ


ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ 'ଓଡ଼ିଶା ଅଗ୍ନିଶମ ସେବା ୱେବ୍ ପୋର୍ଟାଲ'କୁ ଲୋକାର୍ପିତ କରିଛନ୍ତି। ଏହା ମାଧ୍ୟମରେ ସବୁ କୋଠା ପାଇଁ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ପ୍ରଦାନ କରାଯିବ। ପୋର୍ଟାଲ ଜରିଆରେ ତତ୍କାଳ ୮ ସେବା ଯୋଗାଇ ଦିଆଯିବ। ଅକ୍ଟୋବର ୨ ସୁଦ୍ଧା ଏଥିରେ ଅନ୍ୟ ସମସ୍ତ ସେବା ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। 'ଓଡ଼ିଶା ଅଗ୍ନିଶମ ସେବା ୱେବ୍ ପୋର୍ଟାଲ' '୫-ଟି'ର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବାତ୍ୟା ଅମ୍ଫନ ସମୟରେ ପଶ୍ଚିମବଙ୍ଗରେ ସାହସିକତାର ସହ କାର୍ଯ୍ୟ କରିଥିବା ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଅଗ୍ନିଶମ ସେବା ଡିଜି, ଆଇଜି, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ପ୍ରମୁଖ ଉପସ୍ଥିତ ଥିଲେ।

# ଚାକିରି: ନାହିଁ କିନ୍ତୁ ଅଛି

ଭୁବନେଶ୍ୱର,୩୧।୭(ବ୍ୟୁରୋ)

କରୋନା ମୁକାବିଲା ପାଇଁ ସରକାର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଯେଉଁସବୁ ପଦକ୍ଷେପ ନେଇଛନ୍ତି ତା'ର ପ୍ରଭାବ ରାଜ୍ୟ ଅର୍ଥ ବ୍ୟବସ୍ଥା ଉପରେ ପଡ଼ିଛି। ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ର ପ୍ରଥମ ତିନିମାସରେ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ତେଣୁ ସରକାର ଗତ ୭ ତାରିଖରେ ଏକ ସର୍କୁଲାର ଜାରି କରି କେତେକ ଖର୍ଚ୍ଚ ଉପରେ କଟକଣା ଲଗାଇବା ସାଙ୍ଗକୁ ଠିକା କର୍ମଚାରୀଙ୍କ ଚାକିରି ନବୀକରଣ ଉପରେ ଅଙ୍କୁଶ ଲଗାଇଛନ୍ତି। ଏହାସହ ଅବସରପ୍ରାପ୍ତ ଅଧିକାରୀଙ୍କୁ ଆଉ ପୁନଃ ନିଯୁକ୍ତି ମିଳିବ ନାହିଁ ବୋଲି ମଧ୍ୟ ସେଥିରେ ଦର୍ଶାଇଛନ୍ତି। ଏହାସହିତ ପ୍ରକାଶ ପାଇଥିବା ୨୦୦୪୨ ସର୍କୁଲାର ନମ୍ବର ଦେଖନ୍ତୁ। ଏଭଳି ସ୍ଥିତିରେ ପାଖିପାଖି ୨ଲକ୍ଷ ଠିକା କର୍ମଚାରୀ ଜୀବିକା ହରାଇବାର ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃ ନିଯୁକ୍ତି ବ୍ୟବସ୍ଥାକୁ ନେଇ କିନ୍ତୁ ପ୍ରଶ୍ନ ଉଠିବା ଆରମ୍ଭ ହୋଲାଣି। କାରଣ ଅବସରପ୍ରାପ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଯେଉଁ କଟକଣା ଜାରି ହେବ ବୋଲି ଅର୍ଥ ବିଭାଗ ଦର୍ଶାଇଥିଲା ସେହିଦିନ ସାଧାରଣ ପ୍ରଶାସନ ଶ୍ରୀଭୂଷଣ ଶୁକ୍ଳା ନାମକ ଜଣେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବଙ୍କୁ ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ଖାଲି ସେତିକି ନୁହେଁ ,ଏହାର ୩ ଦିନ ପରେ ଅର୍ଥାତ୍ ଜୁଲାଇ ୧୦ ତାରିଖରେ ପୂର୍ବତନ ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତିଙ୍କୁ ଅଷ୍ଟମ ଥର ପାଇଁ ଇସ୍ପାତ ଓ ଖଣି ବିଭାଗରେ ଓଏସ୍‌ଡି ତଥା ସ୍ୱତନ୍ତ୍ର ଶାସନ ସଚିବ ଭାବେ ସାଧାରଣ ପ୍ରଶାସନ ବିଭାଗ ନିଯୁକ୍ତି ଦେଇଛି। ମହାନ୍ତି ଖଣି ନିର୍ଦ୍ଦେଶକ ଥିବା ସମୟରେ ୨୦୧୮ରେ ଅବସର ନେଇଥିଲେ। ଉଚ୍ଚତମ ନ୍ୟାୟାଳୟରେ



GOVERNMENT OF ODISHA
FINANCE DEPARTMENT
***

No. 20042 /F Date: 07.07.2020
FIN-BUD1-MISC- 0003-2020

From
Shri Ashok Meena, IAS
Principal Secretary to Government

To
The Additional Chief Secretaries/
Principal Secretaries/
Commissioner-cum-Secretaries/
Secretaries to Government
All Departments

Sub: - Adoption of expenditure rationalization measures in the wake of economic downturn due to the global pandemic Covid19.

Sir/ Madam,

I am directed to say that we are going through a crisis of unprecedented nature due to the global pandemic COVID-19. It has posed challenges in every sphere of our life. The State Government has been fighting the pandemic with all its might to minimize the casualty. Strategic imposition of shutdowns/lockdowns at various places could ensure minimum spread of virus. However, nation-wide lockdown/ shutdown has interrupted the economic activities which resulted in shortfall in realization of resources. On the other hand COVID management would require higher expenditure. There would also be higher spending need for generating employment and livelihoods for the most affected sections of the society.

5. Recruitment and Man power engagement:

a. There shall be a complete ban on creation of new posts except for Health & Family Welfare Department. In case there is absolute necessity for creation of posts for modernization of administration or effective implementation of development and welfare programmes, the same shall be considered only against abolition of equivalent posts with concurrence of Finance Department.

b. There shall be automatic abolition of redundant posts which have remained vacant for more than 5 years. All the Administrative Departments are to issue formal abolition order by 31st July 2020 and furnish a report to Finance Department and G.A and P.G Department.

c. New engagement of consultants, outsourcing and engagement of retired Government employees shall be restricted and prior concurrence of Finance Department would be required for the purpose.

6. Austerity in implementation of Schemes :

a. No new State Schemes/ Projects to be taken up by Administrative Departments except Health & Family Welfare Department. However, if any new scheme is essentially required for emergent public service, the same can be taken up only after appraisal by EFC/SFC following the due procedure and with specific concurrence of Finance Department for any expenditure under such scheme.

ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଉ ପୁନଃନିଯୁକ୍ତି ନ ଦେବାକୁ ପ୍ରକାଶ ପାଇଥିବା ସର୍କୁଲାରର ନକଲ।

ମାମଲା ପରିଚାଳନାର ଆବଶ୍ୟକତା ଥିବା ଦର୍ଶାଇ ତାଙ୍କୁ ପ୍ରଥମେ ୬ ମାସ ପାଇଁ ସେତେବେଳେ ପୁନଃ ନିଯୁକ୍ତି ଦିଆଗଲା। ଏହିଭଳି ୨୦୧୮ରୁ ୨୦୨୦ ମଧ୍ୟରେ ତାଙ୍କୁ ୭ଥର ପୁନଃ ନିଯୁକ୍ତି ମିଳିସାରିବାପରେ ନିକଟରେ ମହାନ୍ତିଙ୍କ ସମୟ ଅବଧି ପୂରିଥିଲା। ବର୍ତ୍ତମାନ ଖଣି ନିର୍ଦ୍ଦେଶକ ଭାବେ ଆଇଏଫଏସ ଅଫିସର ଦେବୀଦତ୍ତ ବିଶ୍ୱାଳଙ୍କୁ ନିଯୁକ୍ତି ମିଳିବା ପରେ ଦୀପକ ମହାନ୍ତିଙ୍କୁ ବିଭାଗରେ ଓଏସ୍‌ଡି ଭାବେ ପୁନଃନିଯୁକ୍ତି ମିଳିଲା।

ଏହିସବୁ ଘଟଣା ପରେ ଅର୍ଥ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗ ମଧ୍ୟରେ ତାଳମେଳର ଅଭାବ ରହୁଥିବା ପରିଲକ୍ଷିତ ହେଉଛି। ସରକାରଙ୍କ ନିୟମାନୁଯାୟୀ, ଯେଉଁ ସ୍ଥାନରେ ନିଯୁକ୍ତିକୁ ନେଇ କୌଣସି ଆଇନଗତ ସମସ୍ୟା ରହିଥିବ ସେହି ସ୍ଥାନରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥାଏ। ଆବଶ୍ୟକସ୍ଥଳେ ଖାଲି ପଦବୀ ପୂରଣ କରିବା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଦରଖାସ୍ତ ମଧ୍ୟ ଆହ୍ୱାନ କରିବା ବ୍ୟବସ୍ଥା ୨୦୧୪ରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପ୍ରକାଶିତ ସଂକଳ୍ପରେ ରହିଛି। କିନ୍ତୁ ଏ ନିୟମକୁ ଅଣଦେଖା କରି ଅବସରପ୍ରାପ୍ତ କର୍ମଚାରୀଙ୍କୁ ବାରମ୍ବାର ପୁନଃ ନିଯୁକ୍ତି ମିଳୁଛି। ଠିକା କର୍ମଚାରୀଙ୍କ ପାଇଁ ବିପଦ ଥିବାବେଳେ ଏବଂ ଆଗକୁ କୌଣସି ନୂଆ ପଦବୀ ଚାକିରି କ୍ଷେତ୍ରରେ ସୃଷ୍ଟି ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଭିନ୍ନ ନିୟମ ରଖାଯାଇଛି। ଅନ୍ୟପଟେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ୨୦୧୮ରେ ଏକ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଷ୍ପତ୍ତି ହେଲା ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଉ ପୁନଃ ନିଯୁକ୍ତି ମିଳିବ ନାହିଁ। କିନ୍ତୁ ବରିଷ୍ଠ ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ନିଜ କଥାକୁ ପାଳନ କରିବାରେ ବିଫଳ ହେଲେ। ସେହିବର୍ଷ ୩ ଜଣ ବରିଷ୍ଠ ଅଧିକାରୀ ତଥା ୨ଜଣ ଆଇଏଏସ ଏବଂ ଜଣେ ଆଇଏଫଏସ ଅଫିସରଙ୍କୁ ପୁନଃ ନିଯୁକ୍ତି ମିଳିଲା। ଏହାସହ ଆଉ କେତେଜଣ ଓଏଏସ୍ ଅଫିସରଙ୍କୁ ମଧ୍ୟ ସମାନଭାବେ ପୁନଃ ନିଯୁକ୍ତି ଦିଆଗଲା। ସେହିପରି ୨୦୨୦ରେ ଆହୁରି ୪ଜଣ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ସେହିପରି ୨ଜଣ ଓଏଏସ୍ ଅଫିସର ଏବଂ ଜଣେ ଓଏସ୍ଏସ୍ ଅଧିକାରୀଙ୍କୁ ମଧ୍ୟ ପୁନଃ ନିଯୁକ୍ତି ମିଳିଛି। ଅନ୍ୟପଟେ ଅର୍ଥ ବିଭାଗରେ ଓଏସ୍‌ଡି ତଥା ଅତିରିକ୍ତ ଶାସନ ସଚିବ ପଦବୀରେ ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ବର୍ଷେ ପାଇଁ ପୁନଃ ନିଯୁକ୍ତି ଦିଆଯାଇଛି। ସେହିଭଳି ପୂର୍ତ୍ତ ବିଭାଗରେ ମଧ୍ୟ ସମାନ ଦଶା ଦେଖିବାକୁ ମିଳିଛି। ଜଣେ ଅବସରପ୍ରାପ୍ତ ଆଇଏଏସ ଅଫିସରଙ୍କୁ ବର୍ତ୍ତମାନ ବିଭାଗର ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ପାହ୍ୟାରେ ପୁନଃ ନିଯୁକ୍ତି ଦିଆଯାଇଛି।




TJM/TTL/20/ORI


# ପିପିଇ କିଟ୍ ନ ଥିବାରୁ ଚିକିତ୍ସା କଲେନି, ଚାଲିଗଲା ଜୀବନ

ବ୍ରହ୍ମପୁର ଅଫିସ,୩୧।୭

ଗଞ୍ଜାମ ଜିଲାରେ ପୁଣି ଜଣେ ରୋଗୀଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ଆସିଛି। ପିପିଇ କିଟ ନ ଥିବା ଦର୍ଶାଇ ଶୁକ୍ରବାର ବ୍ରହ୍ମପୁରସ୍ଥିତ ହୋମିଓପାଥି କଲେଜ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସାରେ ବିଳମ୍ବ କରାଯିବାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ବ୍ରହ୍ମପୁର ରାଜୀବ ନଗର ଅଞ୍ଚଳର ପଙ୍କଜ ବେହେରା ଜ୍ୱରରେ ପୀଡ଼ିତ ଥିଲେ। ଶୁକ୍ରବାର ପରିବାର ଲୋକେ ତାଙ୍କୁ ସିଟି ହସ୍ପିଟାଲ୍‌କୁ ନେଇଥିଲେ। ପଙ୍କଜଙ୍କୁ ଅକ୍ସିଜେନ୍ ଦରକାର ପଡ଼ୁଥିବା କହି ସେଠାରୁ ଡାକ୍ତର ତାଙ୍କୁ ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ କୋଭିଡ୍ କେୟାର ସେଣ୍ଟରକୁ ପଠାଇ ଦେଇଥିଲେ। କୋଭିଡ୍ କେୟାର ସେଣ୍ଟରରେ ପିପିଇ କିଟ୍ ନ ଥିବା

### ଅଭିଯୋଗ ପରେ ତଦନ୍ତ ଆରମ୍ଭ

ଦର୍ଶାଇ ଡାକ୍ତର କିମ୍ବା ନର୍ସ କେହି ହେଲେ ବି ପଙ୍କଜଙ୍କ ପାଖକୁ ଆସି ନ ଥିଲେ। ପରିବାର ଲୋକେ ବାହାରୁ ପିପିଇ କିଟ୍ ଆଣି ଦେବା ପରେ ଡାକ୍ତର ଓ ନର୍ସ ଚିକିତ୍ସା କରିବାକୁ ଯାଇଥିଲେ। ହେଲେ ସେତେବେଳକୁ ପଙ୍କଜଙ୍କ ମୃତ୍ୟୁ ଘଟି ସାରିଥିଲା। ଚିକିତ୍ସାରେ ବିଳମ୍ବ କରାଯିବାରୁ ପଙ୍କଜଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡ଼ିଏମପିଏଚଓ) ଉମାଶଙ୍କର ମିଶ୍ରଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଚିକିତ୍ସା ଅବହେଳା ହୋଇଥିବା ଜଣାପଡ଼ିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଜିଏମ୍‌ଆର୍ ଡିଲ୍ ବାତିଲ କଲା ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୩୧।୭

ଜିଏମ୍ କମଲାଙ୍ଗ ଏନର୍ଜିକୁ ଅଧିଗ୍ରହଣ କରିବା ଲାଗି ଜେଏସ୍‌ଡବ୍ଲ୍ୟୁ ଏନର୍ଜି ଗତ ୫ ମାସ ତଳେ ଘୋଷଣା କରିଥିଲା। ବର୍ତ୍ତମାନ ଏହି ଡିଲ୍‌ରୁ ଜେଏସ୍‌ଡବ୍ଲ୍ୟୁ ଓହରିଯାଇଥିବା ଜଣାପଡ଼ିଛି। କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ ଉପୁଜିଥିବା ଅନିଶ୍ଚିତତା ଏହି ଡିଲ୍ ଉପରେ ପ୍ରଭାବ ପକାଇଥିବା କୁହାଯାଉଛି। ସଜ୍ଜନ ଜିନ୍ଦଲଙ୍କ ମାଲିକାନାରେ ଥିବା ଜେଏସ୍‌ଡବ୍ଲ୍ୟୁ ଉକ୍ତ ଯୋଜନା ସମ୍ପର୍କରେ ଗତ ଫେବୃୟାରୀରେ ଘୋଷଣା କରିଥିଲା। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗଠାରେ ଜିଏମ୍‌ଆର୍ ଗ୍ରୁପ୍‌ର ୧୦୫୦ ମେଗାୱାଟ୍ ପ୍ରକଳ୍ପକୁ ୫,୩୨୧ କୋଟି ଟଙ୍କାରେ ଅଧିଗ୍ରହଣ ନେଇ ଜେଏସ୍‌ଡବ୍ଲ୍ୟୁ ନିଷ୍ପତ୍ତି ନେଇଥିଲା। ଅତ୍ୟଧିକ ଋଣ ଚାପରେ ରହିଥିବା ଜିଏମ୍‌ଆର୍ ଗ୍ରୁପ୍ ଏହି ପ୍ରକଳ୍ପକୁ ବିକ୍ରି କରିବାକୁ ଯୋଜନା ରଖିଥିଲା।

ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ଜିଏମ୍‌ଆର୍ ଏନର୍ଜିଠାରୁ ଏହାର କମଲାଙ୍ଗ ପ୍ରକଳ୍ପର ୧୦୦% ଅଂଶଧନ ହାସଲ ନେଇ ପ୍ରସ୍ତାବିତ ଡିଲ୍‌କୁ ଆଗକୁ ବଢ଼ାଯାଇ ନାହିଁ। ମହାମାରୀ ସ୍ଥିତିରେ ଉପୁଜିଥିବା ଅନିଶ୍ଚିତତା ଯୋଗୁ ଉଭୟ ପକ୍ଷଙ୍କ ସମ୍ମତିରେ ଡିଲ୍ ଏବଂ ଟ୍ରାଞ୍ଜାକ୍ସନକୁ ବାତିଲ



କରିଦିଆଯାଇଛି। ପ୍ରସ୍ତାବିତ ଅଧିଗ୍ରହଣ ଆଗକୁ ବଢ଼ିଥିଲେ ଜିଏମ୍‌ଆର୍‌କୁ ଏହାର ଋଣ ଭାର ହ୍ରାସ କରିବାରେ ସହାୟକ ହୋଇଥାନ୍ତା। ସେହିଭଳି ଜେଏସ୍‌ଡବ୍ଲ୍ୟୁ ଏହାର ପୋର୍ଟଫୋଲିଓ କ୍ଷମତାକୁ ବଢାଇବାରେ ସକ୍ଷମ ହୋଇଥାନ୍ତା ବୋଲି ମେ ମାସରେ ଆସିଥିବା ଏକ ରିପୋର୍ଟରେ କୁହାଯାଇଥିଲା।

ଗତବର୍ଷ ଏପ୍ରିଲରେ ଦେବାଳିଆ ଆଇନ ସଂଶୋଧନ ହେବା ଯୋଗୁ ଶକ୍ତି କ୍ଷେତ୍ରର ବିଭିନ୍ନ ଚାପଗ୍ରସ୍ତ ସମ୍ପତ୍ତି କ୍ରୟ ନେଇ କେତେକ କମ୍ପାନୀ ଆଗ୍ରହ ଦେଖାଇଥିଲେ। ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ ନିୟମ ବାହାରେ କେତେକ ମାମଲା ସମାଧାନ କରିବା ଲାଗି ମଧ୍ୟ ପ୍ରକ୍ରିୟା ଜାରି ରହିଥିଲା। ମାତ୍ର ଏଭଳି ଧାରା ଉପରେ କୋଭିଡ୍‌ର ପ୍ରଭାବ ପଡ଼ିଛି। ଡିଲ୍ ବାତିଲ ହେବା ପରେ ଜିଏମ୍‌ଆର୍ ଶେୟାର କାରବାର ଉପରେ ଏହାର ପ୍ରଭାବ ମଧ୍ୟ ପରିଲକ୍ଷିତ ହୋଇଛି। ଅପରପକ୍ଷରେ ୨୦୨୦-୨୧ର ପ୍ରଥମ ତ୍ରୈମାସରେ ଜେଏସ୍‌ଡବ୍ଲ୍ୟୁ ଏନର୍ଜିର ନେଟ୍ ଲାଭ ୨୧୯.୫୬ କୋଟି ଟଙ୍କା ରହିଛି। ଗତ ବର୍ଷ ଏହି ସମୟରେ କମ୍ପାନୀ ୨୩୭.୨୭ କୋଟି ଟଙ୍କା ଲାଭ କରିଥିଲା। ଚଳିତ ବର୍ଷ ଏହି ଅବଧିରେ କମ୍ପାନୀର ମୋଟ ରାଜସ୍ୱ ୧୮୮୬.୭୮ କୋଟି ଟଙ୍କା ରହିଛି।

# ଆଇଜିଏଚ୍ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟିତ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଉରକେଲାର ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ର ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱ ବର୍ତ୍ତମାନ କରୋନା ମହାମାରୀର ସାମନା କରୁଥିବା ବେଳେ ଅଗଣିତ କୋଭିଡ୍ ରୋଗୀଙ୍କ ପାଇଁ ପ୍ଲାଜ୍‌ମା ଥେରାପି ଏକ ଆଶାର କିରଣ ସାଜିଛି। ଓଡ଼ିଶାରେ ପ୍ଲାଜ୍‌ମା ଥେରାପି ଏକ ସଫଳ ଚିକିତ୍ସା ପଦ୍ଧତି ରୂପେ ବିଶ୍ୱାସ ସୃଷ୍ଟି କରିଛି। ଏଥିପାଇଁ ସାରା ରାଜ୍ୟର ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରିବା ଓ ଏହାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ସମ୍ପ୍ରସାରିତ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କଟକ ଓ ଭୁବନେଶ୍ୱରରେ ପ୍ଲାଜ୍‌ମା ଥେରାପିର ସଫଳ ପ୍ରୟୋଗ ପରେ ପଶ୍ଚିମ ଓଡ଼ିଶାର ତୃତୀୟ ପ୍ଲାଜ୍‌ମା ବ୍ୟାଙ୍କ୍ ଉଦ୍‌ଘାଟିତ ହେବା ଖୁସିର କଥା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦ୍ଧତି ଉପରେ ଜନସାଧାରଣଙ୍କର ଆଶା ଓ ବିଶ୍ୱାସ ଥିବାରୁ ରାଉରକେଲା ଆଇଜିଏଚ୍‌ର ଦାୟିତ୍ୱ ଅନେକ ପରିମାଣରେ ବଢ଼ି ଯାଇଛି। ଏହି ନୂଆ କେନ୍ଦ୍ର ଲୋକଙ୍କୁ ଉତ୍ତମ ସେବା ଦେବା ସହ ସେମାନଙ୍କ ଭରସାକୁ ପୂରଣ କରିବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ରାଜ୍ୟର ଜଣେ ବ୍ୟକ୍ତି ସବୁଠାରୁ ଉତ୍ତମ ଚିକିତ୍ସା ପାଇବାରୁ କେବେ ବି ବଞ୍ଚିତ ହେବେ ନାହିଁ। ଏହି ପ୍ରତିଶ୍ରୁତି ରାଜ୍ୟର ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଆଶା ଏବଂ ଭରସା ଉପରେ ପର୍ଯ୍ୟବସିତ। ଏଭଳି ଆହ୍ୱାନମୂଳକ ସମୟରେ ସେମାନେ ବହୁତ ଭଲ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ରାଜ୍ୟର ସମସ୍ତ କୋଭିଡ୍ ଯୋଦ୍ଧାଙ୍କର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରଶଂସା କରିବା, ସେମାନଙ୍କୁ ସମର୍ଥନ ଦେବା ତଥା ଏପରି ସମୟରେ ସେମାନଙ୍କ ସହିତ ଦୃଢ଼ ଭାବେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ପ୍ଲାଜ୍‌ମା ଦାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ପୂରା ସମର୍ଥନ ଯୋଗାଇ ଦେବେ ବୋଲି ଘୋଷଣା କରିଛନ୍ତି।




ରାଉରକେଲା ଆଇଜିଏଚ୍‌ର ପ୍ଲାଜ୍‌ମା ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦ୍‌ଘାଟନ କରୁଛନ୍ତି।

- ପ୍ଲାଜ୍‌ମା ଦାନ ପାଇଁ ଆଗେଇ ଆସିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ବ୍ରହ୍ମପୁର, ସମ୍ବଲପୁରରେ ଖୋଲିବ ପ୍ଲାଜ୍‌ମା ଚିକିତ୍ସା କେନ୍ଦ୍ର

ସୂଚନାଯୋଗ୍ୟ, ଗତ ୧୫ ଦିନ ମଧ୍ୟରେ ରାଜ୍ୟର ୭୦ଟି ପ୍ଲାଜ୍‌ମା ୟୁନିଟ୍ ସଂଗୃହୀତ ହୋଇଛି। ୮ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ୧୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଛି। ଏହି ଉଦ୍ୟମ ଆହୁରି ଆଗକୁ ନେବାକୁ ରାଜ୍ୟର ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ଲାଜ୍‌ମା ଦାନ କାର୍ଯ୍ୟକ୍ରମରେ ସାମିଲ କରିଛନ୍ତି। ଖୁବ୍‌ଶୀଘ୍ର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ବୁର୍ଲାର ଭିମ୍‌ସାରରେ ପ୍ଲାଜ୍‌ମା ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସ୍ପେଶାଲ ଅପରେଶନ ପ୍ରୋସିଜିଓର (ଏସ୍‌ଓପି ) ଅନୁଯାୟୀ ଜଣେ ବ୍ୟକ୍ତି କୋଭିଡ୍‌ରୁ ସୁସ୍ଥ ହେବାର ୨୮ ଦିନ ପରେ ପ୍ଲାଜ୍‌ମା ଦାନ କରିପାରିବେ। ଆଇଜିଏଚ୍‌ରେ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟିତ ହେବା ପରେ କୋଭିଡ୍‌ରୁ ଆରୋଗ୍ୟଲାଭ କରିଥିବା ସୀମାଞ୍ଚଳ ଗୌଡ ପ୍ଲାଜ୍‌ମା ଦାନ କରିଛନ୍ତି। ଉଦ୍‌ଘାଟନ ବେଳେ ରାଉରକେଲା ବିଧାୟକ ସାରଦା ନାୟକ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର. ବାଲ୍ କ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଅଧିକାରୀ, ଆଇଜିଏଚ୍ ଡାକ୍ତରମାନେ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ବ୍ରହ୍ମଗିରି,୩୧।୭(ଡି.ଏନ.ଏ): ବ୍ରହ୍ମଗିରି ବ୍ଲକ ବିଲକାଙ୍କୁଡା ଗ୍ରାମରେ ଶୁକ୍ରବାର ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ସଛି ପ୍ରଧାନ(୫୩)। ସକାଳେ ସଛି ନିଜ ଘର ବାଡିପଟକୁ କୌଣସି କାର୍ଯ୍ୟରେ ଯାଉଥିଲେ। ବାଟରେ ହଠାତ ଏକ ସାପ ଆସି ତାଙ୍କୁ କାମୁଡି ଦେଇଥିଲା। ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଜଣାଇବା ସହ ଗୁରୁତର ଅବସ୍ଥାରେ ତାଙ୍କୁ ପୁରୀ ସଦର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶିବାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସରକାରଙ୍କୁ ୩୦ କୋଟି ଲାଭାଂଶ ଦେଲା ଓଏଚ୍‌ପିସି

ଭୁବନେଶ୍ୱର,୩୦।୭(ବ୍ୟୁରୋ)

ଓଡ଼ିଶାର ଅଗ୍ରଣୀ ସାଧାରଣ ଉଦ୍ୟୋଗ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓ.ଏଚ୍. ପି.ସି) ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୩୦ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ସରକାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଲୋକସେବା ଭବନରେ ଶୁକ୍ରବାର ଓ.ଏଚ୍.ପି.ସି. ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କୁ ଉପରୋକ୍ତ ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଚେକ୍ ଗ୍ରହଣ କରି ଶକ୍ତି କ୍ଷେତ୍ରରେ ଓ.ଏଚ୍. ପି.ସିର ଭୂମିକା ଅତିଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଆଧୁନିକ ବୈଷୟିକ କୌଶଳ ପ୍ରୟୋଗ କରି ବିଦ୍ୟୁତ ଉତ୍ପାଦନ କ୍ଷମତା ବୃଦ୍ଧି ଓ ଅଧିକ ବ୍ୟବସାୟିକ ସଂସ୍କାର ହାସଲ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନିଗମ ଅଧକ୍ଷ ବିଷ୍ଣୁ ସେଠୀ କହିଛନ୍ତି ଯେ, ଓ.ଏଚ୍. ପି.ସି ନିର୍ଦ୍ଦେଶକ ମଣ୍ଡଳୀ ବୋର୍ଡ ଗତ ୧୬ତାରିଖ ୨୦୧୯-୨୦ ବର୍ଷ ପାଇଁ ୩୦ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲା। ଗତ ବର୍ଷ ଓ.ଏଚ୍. ପି.ସି ୩୧,୫୭,୮୮,୭୨୯ ଟଙ୍କାର ଲାଭାଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲା। ନିଗମ ଅର୍ଥ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷରେ ଓ.ଏଚ୍. ପି.ସିର ନିଟ୍ ଲାଭରେ ୨୭.୩୫% ବୃଦ୍ଧି ଘଟିଛି। ୨୦୧୮-୧୯ ବର୍ଷରେ ଏହି ଲାଭ ୧୦୫.୨୬ କୋଟି ଟଙ୍କା ଥିଲାବେଳେ ୨୦୧୯-୨୦ରେ ଏହା ୧୩୪.୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହି ନିଗମ କ୍ରମାଗତ ଭାବେ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରିଆସୁଛି। ବିଷ୍ଣୁ ଆହୁରି କହିଛନ୍ତି ଯେ, କୋଭିଡ୍ ଲଢ଼େଇରେ ରାଜ୍ୟର ଏକ ଦାୟିତ୍ୱସମ୍ପନ୍ନ ନିଗମ ଭାବେ ଓ.ଏଚ୍.ପି.ସି ଗଜପତି ଓ ବାଲେଶ୍ୱର ଜିଲାରେ ଯଥାକ୍ରମେ ୧୧୨ ଏବଂ ୧୨୦ ଶଯ୍ୟାବିଶିଷ୍ଟ ୨ଟି କୋଭିଡ୍ ହସ୍ପିଟାଲ ପରିଚାଳନା କରୁଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଏହି ହସ୍ପିଟାଲରେ କୋଭିଡ୍ ଆକ୍ରାନ୍ତ ରୋଗୀଙ୍କୁ ମାଗଣା ଚିକିତ୍ସା ଦିଆଯାଉଛି। ଏ ବାବଦ ଅର୍ଥ ନିଗମ ନିଜର ସି.ଏସ୍.ଆର୍. ପାଣ୍ଠିରୁ ଦେଉଛି।

# କୋଭିଡ୍ ଟେଷ୍ଟ କ୍ଷମତା ବୃଦ୍ଧି କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

**ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଆଉ ୬ ପରୀକ୍ଷାଗାର**

ରାଜ୍ୟର ସ୍ୱୀକୃତ କ୍ଲିନିକାଲ ପରୀକ୍ଷାଗାରଗୁଡ଼ିକରେ କୋଭିଡ୍ ଟେଷ୍ଟ କ୍ଷମତା ବୃଦ୍ଧି କରିବା ପାଇଁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଭିଡିଓ କନ୍‌ଫରେନ୍ସରେ ଜିଲାୱାରୀ ଟେଷ୍ଟିଂ କ୍ଷମତାର ସମୀକ୍ଷା କରିବା ଅବସରରେ ସେ କହିଲେ, ବର୍ତ୍ତମାନ ରାଜ୍ୟରେ ଆର୍‌ଟି-ପିସିଆର୍, ଟ୍ରୁନାଟ୍, ସିବିନାଟ୍ ଓ ରାପିଡ୍ ଆଣ୍ଟିଜେନ୍ ଆଦି ଆଧୁନିକ ଟେଷ୍ଟ ମାଧ୍ୟମରେ ଦୈନିକ ୨୦ହଜାର ପର୍ଯ୍ୟନ୍ତ କରୋନା ପରୀକ୍ଷଣ କରାଯିବାର ଭିତ୍ତିଭୂମି ସୃଷ୍ଟି କରାଯାଇଛି। ଆବଶ୍ୟକତା ଅନୁସାରେ ଏହି ଟେଷ୍ଟ କ୍ଷମତା ଆହୁରି ବୃଦ୍ଧି କରାଯାଇପାରିବ। କୋଭିଡ୍ ପରିଚାଳନାରେ ଟେଷ୍ଟିଂ, ଆଇସୋଲେଟିଂ ଓ ଟ୍ରିଟ୍‌ମେଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ତେଣୁ ଏସବୁ ଉପରେ ଗୁରୁତ୍ୱ ଦେବା ସହ ଟେଷ୍ଟିଂ କ୍ଷମତା ଆହୁରି ବଢ଼ାଇବା ପାଇଁ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ସରକାରୀ ଓ ବେସରକାରୀ ପରୀକ୍ଷାଗାର ଏବଂ ମେଡିକାଲ କଲେଜଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୪ଟି ଆର୍ଟିଫିସିଆଲ କୋଭିଡ୍ ପରୀକ୍ଷାଗାର କାର୍ଯ୍ୟ କରୁଛି। ଏହଛଡ଼ା ଆଣ୍ଟିଜେନ୍ ଟେଷ୍ଟ ସବୁ ଜିଲା ଲାବୋରେଟୋରୀରେ ହୋଇପାରୁଛି। ଖୁବ୍‌ଶୀଘ୍ର ଆଉ ୬ଟି ପରୀକ୍ଷାଗାର କାର୍ଯ୍ୟକ୍ଷମ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଅନୁଗୋଳ,ପୁରୀ, କଳାହାଣ୍ଡି, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ସ୍ଥାନରେ ଏହି ପରୀକ୍ଷାଗାର ପ୍ରତିଷ୍ଠା ହେବ ବୋଲି ଆଲୋଚନା ହୋଇଥିଲା। ସେହିପରି ଅଧିକ ନମୁନା ସଂଗ୍ରହ, ଠିକ୍ ସମୟରେ ଟେଷ୍ଟ ଓ ରିପୋର୍ଟିଂ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ରିପୋର୍ଟ ସିଧାସଳଖ ଆଇସିଏମ୍ଆର୍ ପୋର୍ଟାଲରେ ଅପ୍‌ଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଞ୍ଜୀକୃତ ଘରୋଇ ହସ୍ପିଟାଲଗୁଡ଼ିକୁ ଆଣ୍ଟିଜେନ୍ ଟେଷ୍ଟ ନିମନ୍ତେ ଅନୁମତି ଦେବା ବିଷୟରେ ଆଲୋଚନା ହୋଇଥିଲା। ଏଥିପାଇଁ ଆବଶ୍ୟକ ବୈଷୟିକ ସୁବିଧା ସୃଷ୍ଟି କରି ଖୁବ୍‌ଶୀଘ୍ର ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତଙ୍କ ସମେତ ବିଭିନ୍ନ ପରୀକ୍ଷାଗାର ଏବଂ ଗବେଷଣା ପ୍ରତିଷ୍ଠାନର ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାସ୍ତରରୁ ମାଇକ୍ରୋ ବାୟୋଲୋଜିଷ୍ଟ, ସିଡିଏମ୍‌ଓ, ବିଭିନ୍ନ ମେଡିକାଲ କଲେଜର ଅଧକ୍ଷମାନେ ନିଜ ଜିଲାର 'ଟେଷ୍ଟିଂ ଓ ରିପୋର୍ଟିଂ' ସମ୍ପର୍କରେ ଅବଗତ କରାଇଥିଲେ।


ଭୁବନେଶ୍ୱରସ୍ଥିତ ରାଜମହଲ ଛକରେ ଲକ୍‌ଡାଉନ୍ ସମୟରେ ଶୁକ୍ରବାର ଜଣେ ମହିଳା ବାଉଁଶରୁ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଗୁରୁକ୍ଷେତ୍ରସ୍ଥ ମଙ୍ଗଳ ଓ ରାଶି ଗୁରୁଦୃଷ୍ଟ ଯୋଗୁଁ ସ୍ୱାସ୍ଥ୍ୟରେ ଉନ୍ନତି, ନୂତନ କର୍ମାରମ୍ଭରେ କାର୍ଯ୍ୟସିଦ୍ଧି ହେବ। ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ମନରେ ଅସ୍ଥିରତା ସୃଷ୍ଟି ହେଲେ ସୁଦ୍ଧା କାମକୁ ପୂରାଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ବୃଷ** ଶନି ଦୃଷ୍ଟିରେ ରବି ପାରିବାରିକ ଅଶାନ୍ତି, ଯାନବାହନରେ ସମସ୍ୟା ଓ ଆକସ୍ମିକ କଳହର କାରଣ ହୋଇପାରେ। ଆପଣଙ୍କ ପ୍ରତି ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁଁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିବ।

**ମିଥୁନ** ବୁଧ ଯୁକ୍ତ ଶୁକ୍ର ହେତୁ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ କାମକଲେ ଉପକୃତ ହୋଇପାରନ୍ତି। ସାମାଜିକ ସ୍ତରରେ ତଥା କଚେରୀ ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବାଣିଜ୍ୟ, ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଘରର ଅଭାବ ଅସୁବିଧା ନେଇ ଦୁଃଖିତ ରହିପାରନ୍ତି।

**କର୍କଟ** ମୂଳା ନକ୍ଷତ୍ରସ୍ଥ ଚନ୍ଦ୍ର ଷଷ୍ଠଭାବରେ ସ୍ୱାସ୍ଥ୍ୟହାନି,ଅଶାନ୍ତି ଓ କାମରେ ବିରୋଧାଭାସ ସୃଷ୍ଟିକରିବ। ଅଫିସ୍‌ରେ ବାକି ରହିଥିବା କାମକୁ ଶେଷ କରିବା ପରେ ମଧ ଫୁରୁସତ୍ ମିଳିବନାହିଁ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ ଉତ୍ସାହଜନକ ନ ହୋଇପାରେ। ଘର ସମସ୍ୟାନେଇ ପରିବାର ସହ ଆଲୋଚନା କରିପାରନ୍ତି।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ସ୍ୱଗୃହୀ ଶନିଯୋଗୁଁ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମଙ୍ଗଳ ଧନସ୍ଥାନକୁ ଦେଖୁଥିବାରୁ ଅର୍ଥ ସମ୍ପର୍କ, ଜମିଜମା ସୀମକୁ କେନ୍ଦ୍ରକରି ବିବାଦ ଲାଗିପାରେ। ଭଲ ସମ୍ପର୍କ ନଥିବା ପାଖ, ପଡୋଶୀ ମାନେ ସମାଲୋଚନା କରିବେ। କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ତୁଳା** ପାପଯୁକ୍ତ ବୁଧ ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନ ଭିତରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ଗୁରୁଜନଙ୍କ ପରାମର୍ଶରେ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଇଚ୍ଛା ନ ଥିଲେ ହେଁ ଟଙ୍କା ଖର୍ଚ୍ଚକରିବାକୁ ପଡିପାରେ। ଅସାବଧାନତା କାରଣରୁ ହାତ କିମ୍ବା ଗୋଡରେ ଆଘାତ ଲାଗିପାରେ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ଧନୁ** ଶନିଙ୍କ ଶୁଭପ୍ରଭାବରୁ ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ବ୍ୟବସାୟିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ମିତ୍ରବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଆଶା ପୂରଣ ହେବାରେ ଜଣେ ସହକର୍ମୀଙ୍କ ଅବଦାନ ରହିବ।

**ମକର** ବାଧକାଧିପ ମଙ୍ଗଳଜନିତ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟିହେବ। ବନ୍ଧୁସମ୍ପର୍କହାନି କାରଣରୁ ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଶାରିରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**କୁମ୍ଭ** ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ଦ୍ୱାଦଶସ୍ଥ ରାଶ୍ୟାଧିପତି କାରଣରୁ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ନିଜ ଲୋକମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ହରାଇବେ।

**ମୀନ** ଚତୁର୍ଥସ୍ଥ ପାପଗ୍ରହ ଯୋଗୁଁ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଲାଗି ରହିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମ ଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ। ହଠାତ୍ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। .

ଆଜି ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ଶନିବାର, ଅଗଷ୍ଟ ୧ ତାରିଖ,ବିଶ୍ୱ ସ୍ତନ୍ୟପାନ ସପ୍ତାହ, ଇଦ୍-ଉଲ୍-ଜୁହା,ବକ୍ରିଦ୍,ହଜଶେଷ,ଲୋକମାନ୍ୟ ବାଲଗଙ୍ଗାଧର ତିଳକଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର- ପୂର୍ବାଷାଢା/ଧନୁ,ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯.୪୪ମି. ଗତେ ଘ.୦୧.୧୦ମି. ମଧ୍ୟେ, ରାତ୍ରି ଘ.୦୮.୩୨ମି. ଗତେ ଘ.୧୦.୪୬ମି. ମଧ୍ୟେ, ଘ.୧୨.୧୫ମି. ଗତେ ଘ.୦୧.୪୪ମି. ମଧ୍ୟେ, ଘ.୦୨.୨୮ମି. ଗତେ ଘ.୦୩.୫୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୮.୩୯ମି. ଗତେ ଘ.୧୦.୧୬ମି. ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିବସେ ବରଷା ରାତିରେ ତାରା**
**ସେ ବରଷା ଧରା ଦୁଃଖରେ ଭରା।**

ଦିନରେ ମେଘ ଘୋଟି ରାତିରେ ଆକାଶ ପରିଷ୍କାର ବା ନିର୍ମଳ ଦିଶିଲେ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ପଡିବା ସମ୍ଭାବନା ରହିଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆଗରେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଏପରି ସ୍ଥଳେ ନିଜ ଭାଗ୍ୟକୁ ଆଦରି ପଡିରହିବା ଛଡା ଅନ୍ୟ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଦିଆ ପୁରୁଷ**
**ଦଉ ଦଉ ଗଲା ବାର ବରଷ**
**ଏତେ ଦିଆ ସେ କିଏ ଲୋ ?**
**ବନ୍ଧୁର କାନ୍ଧରେ ନାଲି ଗାମୁଛା**
**ଏଡ଼େ ସୁଆଗିଆ କିଏ ଲୋ ?**

କିଛି ବ୍ୟକ୍ତି ନିଜକୁ ଦାନୀର ପରିଚୟ ଦେଇ ମିଛରେ ଅନ୍ୟକୁ ଭଣ୍ଡାଇ ଚାଲିଥାନ୍ତି। ପାଇବା ଆଶାରେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା କେବଳ ସାର ହେଉଥିବା ବେଳେ ଆଶା କେବେ ବି ପୂରଣ ହୋଇପାରି ନ ଥାଏ। ମିଛରେ ଦାତାପଣିଆ ଦେଖେଇ ହେବା ଭଳି ଉପରକୁ ସ୍ନେହ ସରାଗ ଭାବ ଅଜାଡ଼ି ଦେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ତାଚ୍ଛଲ୍ୟଭରା ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ**

# ୧୨ଯାଏ ଗଡ଼ିବ ୩ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୩୧।୭(ବ୍ୟୁରୋ)

**ଚଳାଚଳ ଅବଧି ବଢ଼ିଲା**

କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଚଳାଚଳ କରୁଥିବା ୩ଟି ସ୍ୱତନ୍ତ୍ର ଟ୍ରେନ୍ ସମୟସୀମାକୁ ବୃଦ୍ଧି କରାଯାଇଛି। ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ସହ ଅନ୍ୟ ଦୁଇଟି ସ୍ୱତନ୍ତ୍ର ଟ୍ରେନ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ସେବା ଯୋଗାଇବ। ଅଗଷ୍ଟ ୩ରୁ ୧୨ ତାରିଖ ମଧ୍ୟରେ ଶନିବାର ଓ ରବିବାର ବ୍ୟତୀତ ପ୍ରତିଦିନ ରାଉରକେଲାଠାରୁ ଭୋର୍ ୫ଟା ୧୦ରେ ଓ ଭୁବନେଶ୍ୱରରୁ ଅପରାହ୍ନ ୨ଟା ୧୦ରେ ଛାଡ଼ିବ। ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ରାଜଗାଙ୍ଗପୁର, ବାମରା, ଝାରସୁଗୁଡା, ରେଙ୍ଗାଲି, ସମ୍ବଲପୁର ସିଟି, ରେଢାଖୋଲ, ବଇଣ୍ଡା, ଅନୁଗୋଳ, ତାଳଚେର ରୋଡ଼, ଢେଙ୍କାନାଳ ଓ ନରାଜ ମାର୍ଥାପୁର ଷ୍ଟେଶନରେ ରହଣି କରିବ। ସେହିଭଳି ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱ ସ୍ୱତନ୍ତ୍ର ଟ୍ରେନ୍ ଅଗଷ୍ଟ ପହିଲାରୁ ଶନିବାର ଓ ରବିବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ଭୁବନେଶ୍ୱରଠାରୁ ସକାଳ ୬ଟା ୩୦ ଓ ବଲାଙ୍ଗୀରରୁ ଅପରାହ୍ନ ୨ଟା ୪୫ରେ ଛାଡ଼ିବ। ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ମଞ୍ଚେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ମେରାମଣ୍ଡଳୀ, ତାଳଚେର ରୋଡ଼, ଅନୁଗୋଳ, ବଇଣ୍ଡା, ବାମୁର, ରେଢ଼ାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ଼, ବରପାଲି ଓ ଲୋଇସିଂହା ଷ୍ଟେଶନରେ ରହଣି କରିବ। ଅନ୍ୟପକ୍ଷରେ ଭୁବନେଶ୍ୱର-କୋରାପୁଟ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭାୟା ସମ୍ବଲପୁର ଅଗଷ୍ଟ ପହିଲାରୁ ଭୁବନେଶ୍ୱରଠାରୁ ପ୍ରତି ସୋମ, ବୁଧ ଓ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଏବଂ କୋରାପୁଟରୁ ପ୍ରତି ମଙ୍ଗଳ, ଗୁରୁ ଓ ରବିବାର ଅପରାହ୍ନ ୫ଟା ୩୦ରେ ଛାଡ଼ିବ। ଭୁବନେଶ୍ୱର ଓ କୋରାପୁଟ ମଧ୍ୟରେ କଟକ, ଢେଙ୍କାନାଳ, ମେରାମଣ୍ଡଳୀ, ତାଳଚେର ରୋଡ଼, ଅନୁଗୋଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ଼, ବରପାଲି, ଡୁଙ୍ଗୁରିପାଲି, ଲୋଇସିଂହା, ବଲାଙ୍ଗୀର, ବଡ଼ମାଳ, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ଥେରୁବାଲି, ରାୟଗଡା, ଟିକିରି, ଲକ୍ଷ୍ମୀପୁର, କାକିରିଗୁମା, ବାଇଗୁଡ଼ା ଏବଂ ଦାମନଯୋଡି ଷ୍ଟେଶନରେ ରହଣି କରିବ। ରେଳପଥ ରିଜର୍ଭେଶନ କାଉଣ୍ଟର ଓ ଆଇଆରସିଟିସି ୱେବ୍‌ସାଇଟ ମାଧ୍ୟମରେ ଟିକେଟ ବୁକ କରିହେବ। କେବଳ କନଫର୍ମ ଟିକେଟ ଥିବା ଯାତ୍ରୀ ଟ୍ରେନରେ ଯାତ୍ରା କରିପାରିବେ। ତେବେ ଭୁବନେଶ୍ୱରରୁ ବାହାରକୁ ଯାଉଥିବା ନୂଆଦିଲ୍ଲୀ-ଭୁବନେଶ୍ୱର, ଭୁବନେଶ୍ୱର-ମୁମ୍ବାଇ ଏବଂ ଭୁବନେଶ୍ୱର-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନଗୁଡିକ ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଚଳାଚଳ କରିବ।

# ଦିନକୁ ୨୦ହଜାର ଟେଷ୍ଟ ହେବ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

କୋଭିଡ୍ ଆକ୍ରାନ୍ତଙ୍କ ଚିହ୍ନଟ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଅଗଷ୍ଟରୁ ୧୨ହଜାର ବଦଳରେ ଦୈନିକ ୨୦ହଜାର ଟେଷ୍ଟ କରାଯିବ ବୋଲି ଶୁକ୍ରବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦ହଜାର ଟେଷ୍ଟ ମଧ୍ୟରୁ ୮ହଜାର ଆର୍‌ଟି-ପିସିଆର୍ ଏବଂ ୧୨ହଜାର ଆଣ୍ଟିଜେନ୍ ଓ ଟ୍ରୁନାଟ୍ ଟେଷ୍ଟ ହେବ। ସରକାର ଚାହିଁଲେ ବେସରକାରୀ ଲାବୋରାଟୋରିରେ ପରୀକ୍ଷଣ କରିପାରିବେ। ରାଜ୍ୟରେ ଆଣ୍ଟିଜେନ୍ କିଟ୍‌ର ଅଭାବ ନାହିଁ। ବର୍ତ୍ତମାନ ପ୍ରତି ଜିଲାରେ ୩ହଜାରରୁ ଊର୍ଦ୍ଧ୍ୱ ଆଣ୍ଟିଜେନ୍ କିଟ୍ ମହଜୁଦ ରହିଛି। ଆବଶ୍ୟକ ପଡ଼ିଲେ ଅଧିକ କିଟ୍ ଯୋଗାଇ ଦିଆଯିବ। ଏଥିସହ ଦିନକୁ ଦିନ ରାଜ୍ୟର କିଛି ଜିଲାରେ କରୋନା ସ୍ଥିତିରେ ସୁଧାର ଆସୁଛି। ବର୍ତ୍ତମାନ ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ଯାଜପୁର ଜିଲାରେ କରୋନା ସଂକ୍ରମଣର ସ୍ଥିତି ସ୍ଥିର ରହିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। କିଛି କିଛି ଜିଲାରେ ଅଳ୍ପ ସଂଖ୍ୟକ ଆକ୍ରାନ୍ତ ବଢୁଛନ୍ତି। ଯେପର୍ଯ୍ୟନ୍ତ ପୂରା କମି ନାହିଁ, ସେ ପର୍ଯ୍ୟନ୍ତ ସ୍ଥିତି ଆୟତ୍ତ ବୋଲି କୁହାଯାଇପାରିବ ନାହିଁ। ଏଥିସହ ରାଜ୍ୟରେ ପ୍ଲାଜ୍‌ମା ଥେରାପି ସଫଳ ହେଉଛି। କିନ୍ତୁ ପ୍ଲାଜ୍‌ମା ସଂଗ୍ରହରେ ସମସ୍ୟା ସୃଷ୍ଟି ହେଉଛି ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ପରିଡ଼ା କହିଛନ୍ତି।


## classifieds Everyday
0674-2580101, 2549302





**SALE**

4 BHK Semi furnished TRIPLEX for sale at Tankapani Road, Gated Community. No GST applicable. Urgent Call 8260657123, 8260673884.
D-17849

Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525.
D-69124

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855.
D-69131

Plan approved plot sale near Infocity-2, Gangapada, BBSR, 30' road boundarywall gated comunity, Electricity facility available. Contact: 7978090773.
D-17855




Newly open SPA Centre full body massage Bamikhal, Bhubaneswar. 7205187702.
D-59955

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ରାତି କଟକଣା ...

ରାତି କଟକଣା ...

ରବିବାର ସମ୍ପୂର୍ଣ୍ଣ ଶଟ୍‌ଡାଉନ ରହିବ। କିନ୍ତୁ ଅଗଷ୍ଟ ୧ ଓ ୨ରେ କେତେକାଂଶରେ କୋହଳ କରାଯାଇ ଶଟ୍‌ଡାଉନ ଅବଧି ଅପରାହ୍ନ ୧ଟାରୁ ରାତି ୯ଟା ଯାଏ ରଖାଯାଇଛି। ତେବେ ଶଟ୍‌ଡାଉନ ସମୟରେ ହସ୍ପିଟାଲ, କ୍ଲିନିକ, ନର୍ସିଂହୋମ, ଔଷଧ ଦୋକାନ ଖୋଲା ରହିବା ସହ ଆମ୍ବୁଲାନ୍ସ ଏବଂ ସ୍ୱାସ୍ଥ୍ୟକର୍ମୀ ଯାତାୟାତ କରିପାରିବେ। ସେହିପରି ଜିଲା ଓ ମହାନଗର ନିଗମ, ପୋଲିସ, ଅଗ୍ନିଶମ କାର୍ଯ୍ୟାଳୟ ଖୋଲା ରହିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜରୁରୀ ସେବା ଜାରି ରହିବ। ଟେଲିଫୋନ ସେବା, ପେଟ୍ରୋଲ ପମ୍ପ, ସିଏନ୍‌ଜି ଷ୍ଟେଶନ ଖୋଲା ରହିବ। ସେହିପରି ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମ କାର୍ଯ୍ୟାଳୟ ଖୋଲା ରହିବା ସହ ସେହି ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଯାତାୟାତ କରିପାରିବେ। ଘରକୁ ଗ୍ୟାସ୍, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଜାରି ରହିବ। ଶିଳ୍ପାନୁଷ୍ଠାନ, ନିର୍ମାଣ କାର୍ଯ୍ୟ ଚାଲୁ ରହିବ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଏହାର ଆନୁଷଙ୍ଗିକ କାର୍ଯ୍ୟ ଜାରି ରହିବ। ଆଇଟି, ହୋଟେଲ ଖୋଲା ରହିବ। ରେଳ ଓ ବିମାନ ସେବା ଜାରି ରହିବ। ରାଜପଥରେ ଯାନବାହନ ଚଳାଚଳ କରିବ। ଘରୋଇ ଯାତ୍ରୀବାହୀ ଯାନ ରେଳ ଷ୍ଟେଶନ, ବିମାନବନ୍ଦର, ବସ୍‌ଷ୍ଟାଣ୍ଡକୁ ଚଳପ୍ରଚଳ କରିପାରିବ। ବିବାହ ଏବଂ ଅନ୍ତ୍ୟେଷ୍ଟିକ୍ରିୟା ସ୍ଥାନୀୟ ଅଧିକାରୀଙ୍କ ଅନୁମତି ନେଇ କରାଯାଇ ପାରିବ। ଏଟିଏମ୍, ଜରୁରୀ ଆର୍ଥିକ ଅନୁଷ୍ଠାନ, ଘରକୁ ଖାଦ୍ୟ, ପନିପରିବା ଏବଂ ଜରୁରୀ ଜିନିଷ ପାର୍ସଲ କରାଯାଇ ପାରିବ। ଖବରକାଗଜ ହକର ସକାଳ ୫ଟାରୁ ୮ଟା ମଧ୍ୟରେ ଖବରକାଗଜ ବଣ୍ଟନ କରି ପାରିବେ। ରାତ୍ରିକାଳୀନ କର୍ଫ୍ୟୁ ପୂର୍ବଭଳି ରାତି ୯ଟାରୁ ସକାଳ ୫ଟା ଯାଏ ବଳବତ୍ତର ରହିବ। ଅଗଷ୍ଟ ପହିଲାରୁ ୩୧ ତାରିଖ ଯାଏ ସ୍କୁଲ, କଲେଜ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ, ଧାର୍ମିକସ୍ଥଳ ବନ୍ଦ ରହିବ। ସିନେମା ହଲ୍, ସୁଇମିଂପୁଲ୍, ଥିଏଟର, ଅଡିଟୋରିୟମ, ଆସେମ୍ବ୍ଲି ହଲ୍ ବନ୍ଦ ରହିବ। ସମସ୍ତ ସାମାଜିକ, ରାଜନୈତିକ, ସାଂସ୍କୃତିକ, ଧାର୍ମିକ କାର୍ଯ୍ୟକଳାପ ବନ୍ଦ ରହିବ। ତେବେ ଯୋଗ କେନ୍ଦ୍ର, ଜିମ୍ ଅଗଷ୍ଟ ୫ରୁ ଖୋଲିବାକୁ ଅନୁମତି ଦିଆଯାଇଛି। ଏସବୁ କେନ୍ଦ୍ରସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ସ୍ପେଶାଲ ଅପରେଟିଂ ପ୍ରୋସିଜିଓର ଅନୁଯାୟୀ ଖୋଲିପାରିବ। ଏହାଛଡ଼ା କୋଭିଡ୍ ପରୀକ୍ଷା ଓ ପରିଚାଳନା ପୂର୍ବଭଳି ବଳବତ୍ତର ରହିବ। ସଂକ୍ରମଣକୁ ଦେଖି ଲକ୍‌ଡାଉନ କିମ୍ବା ଶଟ୍‌ଡାଉନ ସ୍ଥାନୀୟ ପ୍ରଶାସନ ନିଷ୍ପତ୍ତି ନେଇପାରିବେ। ଏଥିସହିତ, ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଖୋଲା ରହିବ।

### ଉଲ୍ଲଂଘନକାରୀ ୧୦ ହଜାର...

ବଢ଼ାଇ ଦେଇଛନ୍ତି। ସର୍ବସାଧାରଣରେ ଛେପ ପକାଇଲେ, ମାସ୍କ ନ ପିନ୍ଧିଲେ ଏଣିକି ମୋଟା ଅଙ୍କର ଜରିମାନା ଗଣିବାକୁ ପଡ଼ିବ। ଏପରି କି ମାସ୍କ ଠିକ୍ ଭାବେ ନ ପିନ୍ଧିଲେ ମଧ ଜରିମାନା ନିଆଯିବ। ପ୍ରଥମ ଦୁଇଥର ନିୟମ ଭାଙ୍ଗିଲେ ୧ ହଜାର ଟଙ୍କା, କିନ୍ତୁ ଏହାପରେ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ସେହିପରି ବାହାଘର ପାଇଁ ପୂର୍ବଭଳି ୫୦ଜଣଙ୍କୁ ଅନୁମତି ରହିଛି। ହେଲେ ଏହି କାର୍ଯ୍ୟକ୍ରମରେ ସାମାଜିକ ଦୂରତ୍ୱ ନ ରହିଲେ କିମ୍ବା ଲୋକଙ୍କ ଭିଡ଼ ଜମିଲେ ୧୦ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏଥିସହିତ ବାହାଘର ହେଉଥିବା ସ୍ଥାନକୁ ସିଲ୍ କରିଦିଆଯିବ। ଦରକାର ପଡ଼ିଲେ ଏହି ଜରିମାନା ରାଶିକୁ ପରବର୍ତ୍ତୀ ସମୟରେ ବୃଦ୍ଧି କରାଯିବ। ସେହିପରି ଅନ୍ୟ କାର୍ଯ୍ୟକ୍ରମ କିମ୍ବା କୌଣସି ସ୍ଥାନରେ ୧୦ଜଣଠୁ ଅଧିକ ଲୋକ ଏକାଠି ହେଲେ ଜରିମାନା ଗଣିବାକୁ ପଡ଼ିବ। କାର୍ଯ୍ୟକ୍ରମ ଆୟୋଜକଙ୍କଠାରୁ ୧୦ହଜାର ଜରିମାନା ଆଦାୟ କରାଯିବ। ଦୋକାନ, କାର୍ଯ୍ୟାଳୟ, ଅନୁଷ୍ଠାନ ନିୟମ ନ ମାନିଲେ ୧୦ହଜାର ଟଙ୍କା ଜରିମାନା ଦେବେ। ଏଥିସହ ପ୍ରଥମଥର ନିୟମ ଭାଙ୍ଗିଲେ ଗୋଟିଏ ସପ୍ତାହ ଓ ଦ୍ୱିତୀୟଥର ଉଲ୍ଲଂଘନ କଲେ ଏକମାସ ପର୍ଯ୍ୟନ୍ତ ଦୋକାନ ବା ବଜାରକୁ ସିଲ୍ କରିଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

### ବିଷାକ୍ତ ମଦ ପିଇ ...

ସମ୍ପୃକ୍ତ ଆହୁରି ଅଧିକ ଲୋକଙ୍କୁ ଗିରଫ କରାଯିବ ବୋଲି ଡିଜିପି କହିଛନ୍ତି। ଅପରାଧୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ବିଷାକ୍ତ ମଦ କେଉଁଠାରେ ପ୍ରସ୍ତୁତ ହେଉଥିଲା ଖୋଜି ବାହାର କରିବା ଲାଗି ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ତର୍ନ ତରନ ଜିଲାରୁ ଗିରଫ ୪ ଜଣଙ୍କ ବିରୋଧରେ ଏତଲା ଦାଏର ହୋଇଛି। ନୋରଙ୍ଗାବାଦ ଜିଲାକୁ ସେମାନେ ବେଆଇନ ମଦ ଯୋଗାଣ କରୁଥିବା ସ୍ୱୀକାର କରିଛନ୍ତି। ବିଷାକ୍ତ ମଦ ପିଇ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଅମୃତସର ଗ୍ରାମାଞ୍ଚଳରୁ ୧୦ ଜଣ, ବାଟଲା ଜିଲାରୁ ୯ ଏବଂ ତର୍ନ ତରନ ଜିଲାରୁ ୧୯ ଜଣ ପ୍ରାଣ ହରାଇଥିବା ଜଣାପଡିଛି।

## ଯୋଗଦେଲେ ଆଇଏଏସ ଅଫିସର ଚଞ୍ଚଳ ରଣା

ସମ୍ବଲପୁର, (ବ୍ୟୁରୋ): ସମ୍ବଲପୁର ଜିଲାରେ କରୋନା ମୁକାବିଲାରେ ସହଯୋଗ କରିବା ପାଇଁ ଆଇଏଏସ ଅଫିସର ଚଞ୍ଚଳ ରଣା ଶୁକ୍ରବାର ଯୋଗଦାନ କରିଛନ୍ତି। ଜିଲାପାଳ ଶୁଭମ ସକସେନାଙ୍କ କାର୍ଯ୍ୟାଳୟକୁ ଆସି ସେ ଯୋଗଦାନ କରିଥିଲେ । ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଜିଲାପାଳ ସକସେନାଙ୍କୁ ସହଯୋଗ କରିବା ପାଇଁ ଓଡିଶା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ରାଣାଙ୍କୁ ନିଯୁକ୍ତି ଦିଆଯାଇଛି। ସେ ମୟୂରଭଞ୍ଜ ଜିଲା ପିଡି ଡିଆରଡିଏ ଭାବେ କାର୍ଯ୍ୟରତ ଅଛନ୍ତି। କୋଭିଡ ମୁକାବିଲା ପାଇଁ ସେ ଜିଲାରେ କାମ କରିବେ । ପୂର୍ବରୁ ସେ ସମ୍ବଲପୁର ଜିଲାରେ କୁଚିଣ୍ଡା ଉପଜିଲାପାଳ ଭାବେ କାର୍ଯ୍ୟ କରିଛନ୍ତି ।

## ସଂକ୍ଷେପରେ

### କାର୍ ଓଲଟି ଯାନବାହନ ଚଳାଚଳ ବ୍ୟାହତ

ବିନିକା,୩୧।୭(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ସିଂଘିଯୁବା-ଜାମପାଲି ମୁଖ୍ୟରାସ୍ତାର ମଧବର୍ତ୍ତୀ ମାହେଶ୍ୱରୀ କଲେଜ ଛକ ନିକଟରେ ଶୁକ୍ରବାର ପୂର୍ବାହ୍ଣରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଏହି ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଏହି ଦୁର୍ଘଟଣାରେ କାର ମାଲିକ ଛତିଶଗଡ ସରିଆର ପୁନିତ ଅଗ୍ରୱାଲ (୩୨) ଓ ଚାଳକ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । କାରଟି ସିଂଘିଯୁବାରୁ ଜାମପାଲି ପଟକୁ ଅତି ଦ୍ରୁତ ବେଗରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

### ପାରିବାରିକ କଳହରୁ ହତ୍ୟା

ହରଭଙ୍ଗା,୩୧।୭(ଡି.ଏନ୍.ଏ.):ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ଏକ ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ ନବ ବଗର୍ତୀ(୫୩) । ଏ ନେଇ ରାଜିଂ ଗ୍ରାମର ପଦ୍ମଚରଣ ବଗର୍ତୀ ତାଙ୍କ ପୁଅ ନବଙ୍କୁ ଶଶୁର ଘର ଲୋକେ ହତ୍ୟା କରିଥିବା ଶନିବାର ପୁରୁଣାକଟକ ଥାନାରେ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି ।

### ଦଣ୍ଡାସିଂହା ସାପ୍ତାହିକ ବଜାର ୪ ସପ୍ତାହ ପାଇଁ ବନ୍ଦ

ଦେବଗଡ,୩୧।୭(ଡି.ଏନ.ଏ.): ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ପଞ୍ଚାୟତର ସାପ୍ତାହିକ ବଜାର ଆସନ୍ତା ୮ ତାରିଖ ଠାରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସରପଞ୍ଚ ଅମିତ ଦେହୁରୀ ଘୋଷଣା କରିଛନ୍ତି ।

### ବାଇକ୍ ଆରୋହୀଙ୍କ ମୃତ୍ୟୁ

ଲହୁଣୀପଡା, ୩୧।୭ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କେବଲାଙ୍ଗ ଥାନା ଅଧୀନ ୨୧୫ ନମ୍ବର ଜାତୀୟ ରାଜପଥ କରୁଆଧରଠାରେ ଗୁରୁବାର ରାତି ପ୍ରାୟ ୮ଟା ବେଳେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନରକ୍ସି ଗ୍ରାମର ମାନସିଂ ଟାମ୍ପିଆ (୧୮)। ତାଙ୍କ ସହ ଥିବା ବିଜିତ ସମାଡ

# ୧୪୫୭୪ ଶିଶୁ ଅପପୁଷ୍ଟିର ଶିକାର

**ଭବାନୀପାଟଣା,୩୧।୭(ସ୍ୱ.ପ୍ର)**

**କଳାହାଣ୍ଡି ଜିଲା**
- ଡେଞ୍ଜର ଜୋନ୍‌ରେ ୧୪୪୪ ଶିଶୁ
- ଜୁନାଗଡ଼ ବ୍ଲକର ଅପପୁଷ୍ଟି ହାର ସର୍ବାଧିକ
- ମାସକୁ ଖର୍ଚ୍ଚ ହେଉଛି ଦେଢ଼କୋଟି

ସରକାର ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ (ଆଇସିଡିଏସ୍)ଜରିଆରେ ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ତଥା ସେମାନଙ୍କୁ ସୁସ୍ଥ ସବଳ ରଖିବା ପାଇଁ ପ୍ରତିବର୍ଷ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କଳାହାଣ୍ଡି ଜିଲାରେ ଏହି ଯୋଜନାରେ ବ୍ୟତିକ୍ରମ ଦେଖିଦେଇଛି। ଜିଲାରେ ପୁଷ୍ଟିହୀନତା ରୋକିବା ପାଇଁ ସରକାର ମାସକୁ ଦେଢ଼କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ସତ୍ତ୍ୱେ ଜିଲାରେ ଜୁନ୍ ମାସ ରିପୋର୍ଟ ଅନୁଯାୟୀ ୧୪,୫୭୪ ଶିଶୁ ଅପପୁଷ୍ଟି (ୟେଲୋ ଜୋନ୍)ର ଶିକାର ହୋଇଛନ୍ତି। ସେହିପରି ୧୪୪୪ ଶିଶୁ ଡେଞ୍ଜର(ରେଡ୍) ଜୋନରେ ଅଛନ୍ତି। ଅପପୁଷ୍ଟି ରୋକିବା ପାଇଁ ଜିଲାରେ ପ୍ରସ୍ତୁତ ହେଉଥିବା ଛତୁଆ, ଚିକିଲଡୁ ଓ ସୁଜି ମାନକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ୨୦୧୧ରୁ ଛତୁଆ ଓ ୨୦୧୮-୧୯ରୁ ଚିକିଲଡୁ ଓ ସୁଜି ଯୋଗାଉଛନ୍ତି। ଏଥିରେ ୬ମାସରୁ ୩ବର୍ଷର ଶିଶୁଙ୍କୁ ପ୍ରତିମାସରେ ୨କେଜି ୫ଶହ ଗ୍ରାମ ଓଜନର ଛତୁଆ, ସୁଜି ଓ ୧୨ଟି ଅଣ୍ଡାଦେବାର ବ୍ୟବସ୍ଥା ରହିଛି। ସେହିପରି ଗର୍ଭବତୀ ଓ ପ୍ରସୂତିଙ୍କୁ ୪କେଜି ଛତୁଆ, ଗୋଟିଏ ପ୍ୟାକେଟ ଚିକିଲଡୁ ଓ ୧୨ଟି ଅଣ୍ଡା ଦେବାକୁ ବ୍ୟବସ୍ଥା କରିଛନ୍ତି। ପ୍ରତି ମାସ ୧ ତାରିଖରେ ଅଙ୍ଗନୱାଡି ଜରିଆରେ ଏହି ସାମଗ୍ରୀ ବିତରଣ ହେଉଛି। କଳାହାଣ୍ଡି ଜିଲାର ୧୩ଟି ବ୍ଲକର ୨୪ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି)କୁ ଉପରୋକ୍ତ ସାମଗ୍ରୀ ପ୍ରସ୍ତୁତ ଓ ବିତରଣର ଦାୟିତ୍ୱ ଦିଆଯାଇଛି। ପ୍ରାୟ ପ୍ରତି ମାସରେ ସେମାନଙ୍କୁ ଏହି ସବୁ ସାମଗ୍ରୀ ପ୍ରସ୍ତୁତ ଓ ବିତରଣ କରିବା ପାଇଁ ହାରାହାରି ଦେଢକୋଟି ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ଏହାପରେ ବି ଏହାର କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଜିଲାର ୧୩ଟି ବ୍ଲକରେ ୧୪,୫୭୪ ଶିଶୁ ଅପପୁଷ୍ଟି(ୟେଲୋଜୋନ)ର ଶିକାର ହୋଇଥିବା ଏକ ତଥ୍ୟରୁ ଜଣାପଡିଛି। ଏଥିରେ ଜୁନାଗଡ ବ୍ଲକ ପ୍ରଥମ ସ୍ଥାନରେ ରହିଛି। ସେହିପରି ଜିଲାର ୧୩ଟି ବ୍ଲକରେ ରେଡ୍(ଅତି ଅପପୁଷ୍ଟିହୀନତା) ଜୋନ୍‌ରେ ୧୪୪୪ ଜଣ ଶିଶୁ ରହିଛନ୍ତି। ଏହି ଜୋନରେ ଥୁଆମୁଳ ରାମପୁର ବ୍ଲକ ପ୍ରଥମ ସ୍ଥାନରେ ରହିଛି।

ଜୁନାଗଡ ବ୍ଲକରେ ଛତୁଆ ପାଇଁ ମାସକୁ ପ୍ରାୟ ୧୭ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଅପପୁଷ୍ଟିରେ ଏହି ବ୍ଲକ୍ ଜିଲାରେ ପ୍ରଥମ ସ୍ଥାନରେ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାଫଳରେ ଏଠାରେ ପ୍ରସ୍ତୁତ ହେଉଥିବା ଛତୁଆ, ସୁଜି,ଚିକିଲଡୁର ମାନକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହସବୁ ସାମଗ୍ରୀର ଏକ ସରଜମିନ ଯାଞ୍ଚ କରିବାକୁ ସାଧାରଣରେ ଦାବି ହୋଇଛି। ଏସ୍‌ଏଚ୍‌ଜିକୁ ଢାଲ କରି ସ୍ଥାନୀୟ ବ୍ୟବସାୟୀ, ମୁଷ୍ଟିମେୟ ଲୋକ ଏହି କାରବାର ଚଳାଇଥିବାରୁ ଏପରି ନିମ୍ନମାନର ସାମଗ୍ରୀ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଯାହାଫଳରେ ଦିନକୁ ଦିନ କଳାହାଣ୍ଡିରେ ଅପପୁଷ୍ଟି କମିବାରେ ନାଁ ଧରୁ ନାହିଁ। ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରିଣୀ(ଡିଏସ୍‌ଡବ୍ଲୁଓ) ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କୁ ପଚାରିବାରୁ ଜିଲାରେ ପୂର୍ବପେକ୍ଷା ଅପପୁଷ୍ଟି କମୁଛି ବୋଲି ସେ କହିଛନ୍ତି। ଜୁନାଗଡ଼ ବ୍ଲକ ଅପପୁଷ୍ଟିରେ ପ୍ରଥମ ହେବା ବିଷୟରେ ପଚାରିବାରୁ ସେହି ବ୍ଲକରେ ପିଲା ସଂଖ୍ୟା ଅଧିକ, ସେହି ଅନୁସାରେ ଅପପୁଷ୍ଟି ହାର ବଢ଼ିବା ସ୍ୱାଭାବିକ ବୋଲି ସେ କହିଛନ୍ତି। ଜୁନାଗଡ ସିଡିପିଓ ସଂଯୁକ୍ତା ବେହେରାଙ୍କୁ ଜୁନାଗଡ ଅପପୁଷ୍ଟିରେ ପ୍ରଥମ ରହିବା ବିଷୟରେ ପଚାରିବାରୁ ଯେଉଁ ବ୍ଲକରେ ଶିଶୁ ସଂଖ୍ୟା ଯେତେ ଅଧିକ ସେହି ବ୍ଲକରେ ଅପପୁଷ୍ଟି ହାର ଅଧିକ ରହିବ ବୋଲି ସେ ସଫେଇ ଦେଇଛନ୍ତି।

**ରିପୋର୍ଟ-ଉତ୍ତମ କୁମାର ଦାଶ**

# ୪ଦିନ ବଲାଙ୍ଗୀର ଜିଲା ଶଟ୍‌ଡାଉନ୍

**ବଲାଙ୍ଗୀର ଅଫିସ, ୩୧।୭**

- ଅତ୍ୟାବଶ୍ୟକ, ଜରୁରୀ ସେବା ଛାଡି ସବୁ ବନ୍ଦ
- ଜିଲାରେ ପଜିଟିଭ ସଂଖ୍ୟା ୪୨୫କୁ ବୃଦ୍ଧି
- ଗୋଟିଏ ଦିନରେ ୧୯ ସଂକ୍ରମିତ ଚିହ୍ନଟ



ଶଟ୍‌ଡାଉନ୍ ଯୋଗୁ ବଲାଙ୍ଗୀର ସହର ମୁଖ୍ୟ ମାର୍କେଟ ଜନଶୂନ୍ୟ ।

ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ଧାରାରେ ରୋକ୍ ଲଗାଇବା ପାଇଁ ଜିଲା ପ୍ରଶାସନ ବଲାଙ୍ଗୀର ଜିଲାକୁ ଶୁକ୍ରବାରଠାରୁ ୪ ଦିନିଆ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଫଳରେ ବଲାଙ୍ଗୀର ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସାଧାରଣ ଜୀବନ ଯାତ୍ରା ଠପ୍ ହୋଇଯାଇଛି। ବିଶେଷ କରି ସମସ୍ତ ସହରାଞ୍ଚଳରେ ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଶଟ୍‌ଡାଉନ୍ ଯୋଗୁ ବଲାଙ୍ଗୀର ସହର ଜନଶୂନ୍ୟ ହୋଇଯାଇଛି। ସହରର ସମସ୍ତ ମୁଖ୍ୟ ଛକ, ରାସ୍ତାଘାଟରେ ପୋଲିସ ପହରା ଦେଉଛନ୍ତି। ଅଯଥାରେ ଘରୁ ନ ବାହାରିବା ପାଇଁ ଜିଲାପାଳ ଅରିନ୍ଦମ ଡାକୁଆ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। କୌଣସି ବ୍ୟକ୍ତି ଯଦି କୋଭିଡ-୧୯ ନିୟମ ଉଲ୍ଲଂଘନ କରୁଛନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଗତ ଜୁଲାଇ ୨୨ ତାରିଖ ଦିନ ବଲାଙ୍ଗୀର ଜିଲାରେ ୨୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାର ମାତ୍ର ୮ ଦିନ ମଧ୍ୟରେ ଅର୍ଥାତ୍ ଜୁଲାଇ ୩୦ ସୁଦ୍ଧା ଜିଲାରେ ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗୁରୁବାର ଜିଲାରେ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ୧୯ ସଂକ୍ରମିତଙ୍କ ମଧ୍ୟରୁ କେବଳ ବଲାଙ୍ଗୀର ପୌରାଞ୍ଚଳରୁ ୧୭ ଜଣ ଚିହ୍ନଟ ହୋଇଛନ୍ତି। ଏଥିରୁ କେବଳ ରୁଗୁଡିପଡାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଶୁକ୍ରବାର ଠାରୁ ଅତ୍ୟାବଶ୍ୟକ ସେବା ଯଥା ସ୍ୱାସ୍ଥ୍ୟ ସେବା ପାଇଁ ହସପିଟାଲ, କ୍ଲିନିକ୍, ନର୍ସିଂହୋମ୍, ମେଡିକାଲ ଷ୍ଟୋରକୁ ସଟ୍‌ଡାଉନ୍‌ରୁ ବାଦ୍ ଦିଆଯାଇଛି। ଏହାସହିତ ମ୍ୟୁନିସିପାଲିଟି ସଫେଇ କର୍ମଚାରୀ, ପାନୀୟ ଜଳଯୋଗାଣ, ଅଗ୍ନିଶମ ବିଭାଗ, ଅତ୍ୟାବଶ୍ୟକ ଖାଦ୍ୟ ଯୋଗାଣ କରୁଥିବା ଟ୍ରାନ୍ସପୋର୍ଟ ସେବାକୁ ମଧ ସଟ୍‌ଡାଉନ୍‌ରୁ ବାଦ୍ ଦିଆଯାଇଛି। ପ୍ରଧାନମନ୍ତ୍ରୀ କୃଷି ବୀମା ଯୋଜନାରେ ବୀମା କରିବା ପାଇଁ ବ୍ୟାଙ୍କ ପ୍ରତିଷ୍ଠାନ ଗୁଡିକୁ ଖୋଲା ରଖାଯାଇଛି। ବଲାଙ୍ଗୀର ସହର ସମେତ ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି, ତୁଷରା ସହରାଞ୍ଚଳ, ସମସ୍ତ ବ୍ଲକ୍ ମହକୁମା ଓ ଗ୍ରାମାଞ୍ଚଳରେ ମଧ ଶଟ୍‌ଡାଉନ୍ ପ୍ରଭାବ ଦେଖିବାକୁ ମିଳିଛି। ଶଟ୍‌ଡାଉନ୍ କଟକଣା ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଘୋଷଣା କରାଯାଇଛି।

## କ୍ଷୀର ସଂଗ୍ରହ ବନ୍ଦ

**ଅତାବିରା, ୩୧।୭ (ଡି.ଏନ.ଏ.)**

ଓମ୍‌ଫେଡ ପରିଚାଳିତ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ଉତ୍ପାଦକ ସଂଘ ସମ୍ବଲପୁର (ମିଲ୍କ ୟୁନିୟନ) ଦୁଗ୍ଧ ସଂଗ୍ରହରେ ଅଚଳାବସ୍ଥା ଦେଖାଯାଇଛି। ପ୍ରଥମେ ମାସରେ ୧୫ ଦିନ ଦୁଗ୍ଧ ସଂଗ୍ରହ କରାଯାଇଥିଲା। ପୁଣି ଦୁଇ ଦିନରେ ଗୋଟିଏ ଓଳି ଦୁଗ୍ଧ ସଂଗ୍ରହ କରାଗଲା। ମଝିରେ ମଝିରେ ସକାଳ ଓ ସନ୍ଧ୍ୟା ଦୁଗ୍ଧ ସଂଗ୍ରହ କରାଗଲା। ପୁଣି ଦୁଇ ଦିନ ଅନ୍ତରରେ ଗୋଟିଏ ଓଳି ଦୁଗ୍ଧ ସଂଗ୍ରହ କରାଯାଉଥିଲା। ତେବେ ଶନିବାରଠାରୁ ୩ ଦିନ ସଂପୂର୍ଣ୍ଣଭାବେ ସକାଳ ଓ ସନ୍ଧ୍ୟା ସମୟରେ ଦୁଗ୍ଧ ସଂଗ୍ରହ କରିବାକୁ ସମିତିର ସମ୍ପାଦକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ୨ ସୁନା ଦୋକାନୀଙ୍କ ସମେତ ୩ ଗିରଫ

**ସମ୍ବଲପୁର,୩୧।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ବାଇପାସ ରାସ୍ତାରେ ଦିନ ଦ୍ୱିପହରରେ ବ୍ୟବସାୟୀ ନରେଶ ଅଗ୍ରୱାଲ(୬୩)ଙ୍କୁ ଜୁଲାଇ ୧୦ ତାରିଖରେ ଅପହରଣ କରାଯାଇଥିଲା। ଏହାର ୧୨ ଘଣ୍ଟା ପରେ ନରେଶଙ୍କୁ ପୋଲିସ ଉଦ୍ଧାର କରିଥିଲା। ଉକ୍ତ ଘଟଣାର ୧୬ ଦିନ ପରେ ସମ୍ବଲପୁର ପୋଲିସ ଏହାର ପର୍ଦ୍ଦାଫାସ କରିଥିଲା। ଘଟଣାରେ ମୁଖ୍ୟ ଅଭିଯୁକ୍ତ ଉତ୍ତରାଖଣ୍ଡ ଦେହେରାଡୁନରୁ ରାଜୀବ ଦୁଆ (୩୫) ଓ ସମ୍ବଲପୁର ଧୁନୁପାଲି ଥାନା ଧନକଉଡାର ମହମ୍ମଦ ସାଇଫୁଲ୍ଲା ତାରିକ (୨୪), ମାୟାବଗିଚାର ମହମ୍ମଦ ଅଲ୍ଲି (୨୫),ମହମ୍ମଦ ଅସିଫ ( ୩୫) ପୋଲିସ ଗିରଫ କରିଥିଲା। ଶୁକ୍ରବାର ଏହି ଘଟଣାରେ ଆଉ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଅପହୃତ ନରେଶ ଅଗ୍ରୱାଲଙ୍କଠାରୁ ଲୁଟ ହୋଇଥିବା ସୁନା ଅଳଙ୍କାର କିଣିଥିବା ଅଭିଯୋଗରେ ୨ ସୁନା ଦୋକାନୀ ଓ ସୁନା ବିକ୍ରି କରିବାରେ ମଧ୍ୟସ୍ଥି ସାଜିଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ବୈଦ୍ୟନାଥ ଛକର ଅରୁଣ କୁମାର ଅଗ୍ରୱାଲ, ମାରୱାଡି ପଡାର ଆଦର୍ଶ ଅଗ୍ରୱାଲ ଓ ମାରୱାଡି ପଡାର ଆକାଶ ପତି ଲୁଟ ସୁନା ବିକ୍ରି କରିବାରେ ମଧ୍ୟସ୍ଥି କରିଥିଲେ। ତାଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି ଘଟଣାରେ ଖୁବ ଶୀଘ୍ର ଚାର୍ଜସିଟ ଦାଖଲ କରାଯିବ ଓ ନ୍ୟାୟିକ ପ୍ରକ୍ରିୟା ତ୍ୱରାନିତ କରିବା ପାଇଁ କୋର୍ଟକୁ ଅନୁରୋଧ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ସର୍ବସାଧାରଣଙ୍କ ପାଇଁ ନିଯୁକ୍ତି ସୁଯୋଗ**

BAP Foundation ତରଫରୁ ପ୍ରତ୍ୟେକ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ପାଇଁ **କମ୍ପ୍ୟୁଟର ଶିକ୍ଷକ** ନିମନ୍ତେ ଆସନ୍ତା 01.08.2020ରିଖରେ ଆବେଦନ ପତ୍ର ଗ୍ରହଣ କରାଯାଉଅଛି । ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରୀଛାତ୍ର ଆବଶ୍ୟକ ।

ଠିକଣା:
**BAP Foundation**
**Baramunda, BDA Colony, Flat No.67, Bhubaneswar**
ଫୋନ୍ - 7894092555, 7894068555
bapfoundation3@gmail.com

**NTPC Limited**
(A Govt. of India Enterprise)
Darlipali Super Thermal Power Project
P.O.: Darlipali, Dist.: Sundargarh, Odisha – 770072

**INTERVIEW for GDMOs (Adhoc)**

NTPC, Darlipali requires General Duty Medical Officers (Adhoc) at Darlipali STPP for a period of one year. Interested candidates may appear for online interview through video conference. Details are given as under:

| Post | Qualification | Nos. required | Compensation package | Other Benefits |
|---|---|---|---|---|
| GDMO (Adhoc Basis) | MBBS | 02 | Rs. 82000/- per month (Consolidated) | • Medical facility for self at NTPC Darlipali Health Centre. • Rent free Bachelor Accommodation at NTPC Darlipali township |

Interested Candidates may apply and send their bio-data along with contact number(s), recent passport size scanned photograph, scanned copies of certificates in support of date of birth, qualification, MCI Registration Certificate, category and experience at dstppadhocdr@gmail.com latest by **05.08.2020**. Interview of shortlisted candidates will be held on **08.08.2020** through Video Conferencing, intimation of the same shall be given through email.

NTPC Darlipali STPP is located at appx. 35 km. from main railhead of Jharsuguda and appx. 25 km. from Jharsuguda Airport.

**HR Deptt., NTPC DSTPP, Dist.: Sundargarh, Contact Phone No.: 9425281299**
**Project Office:** NTPC Darlipali Super Thermal Project Project, P.O.: Darlipali Dist.: Sundargarh–770072 (Odisha). **Registered Office:** NTPC Bhawan, SCOPE Complex, 7, Institutional Area, Lodhi Road, New Delhi 110003.

Leading the Power Sector

EXPRESSION

**THE ODISHA MINING CORPORATION LIMITED**
OMC House Bhubaneswar-751001, Odisha
CIN: U13100OR1956SGC000313 www.omcltd.in
CAD-313
OMC | ODISHA NEW OPPORTUNITIES

**TENDER CALL NOTICE**

TCN NO. 07/OMC/ROG/2020 DATED 30/07/2020.

**SUPPLY OF PRINTING, STATIONARY,GENERAL STORE MATERIALS, & SAFETY EQUIPMENTS TO GANDHAMARDAN DURING 2020-21.**

Sealed Tenders in prescribed format are invited (sealed separately in shape of technical bid and price bid) from the authorised stockiest / Dealers / Whole sellers/Retailers having GST registration and valid authorization (if any) for supply of materials in a phased manner **as and when required** of following groups (Separately) to O.M.C.Ltd, Gandhamardan situated at Suakati, Dist: Keonjhar (Odisha) during the year 2020-21 (Valid from 01.09.2020 to 31.08.2021).The total quantity of purchase may vary as per actual requirement of the year .The details of the Terms & Conditions of the Tender is available in OMC website: "www.omcltd.in"which can be downloaded and submitted along with the cost of tender paper. The price bid & requirement of material for bid will be available in the office of the undersigned which shall be submitted along with the technical bid in seal covers on payment of **Rs.500/- + 18% GST** (non-refundable) towards cost of paper during all working days as per the schedule below. The tender documents duly filled-in along with the specified E.M.D. and documents may be submitted on date mentioned against each item bellow by 12.00 Noon. The technical bid will be opened on the respective date as per tender call notice in presence of the bidder or their authorized representatives. The financial bid of the agencies qualified in the technical bid will be opened on the same day or any other day which will be intimated later on. **The agencies are requested to offer the price of the materials/brand/quantity/quality which is specified in the tender only without giving price of alternative materials /brand and quantity.**

| Sl. No. | Items | Last date for sale of tender document. | Date of submission of tender. | Opening of tender |
|---|---|---|---|---|
| 1. | Printing | 19.08.2020 (12.00 Noon) | 20.08.2020 (12.00 Noon) | 20.08.2020 (3.30 PM) |
| 2 | Stationary Materials | 19.08.2020 (12.00 Noon) | 20.08.2020 (12.00 Noon) | 20.08.2020 (3.30 PM) |
| 3 | General Store Materials | 19.08.2020 (12.00 Noon) | 20.08.2020 (12.00 Noon) | 20.08.2020 (3.30 PM) |
| 4 | Safety equipments. | 19.08.2020 (12.00 Noon) | 20.08.2020 (12.00 Noon) | 20.08.2020 (3.30 PM) |

The management reserves the right to accept or reject any or all the tenders without assigning any reason thereof.

OIPR-30005/11/0051/2021 Sd/- REGIONAL MANAGER

**THE ODISHA MINING CORPORATION LIMITED**
OMC House Bhubaneswar-751001, Odisha
CIN: U13100OR1956SGC000313 www.omcltd.in
CAD-312
OMC | ODISHA NEW OPPORTUNITIES

**TENDER CALL NOTICE**

TCN NO. 06/OMC/ROG/2020 DATED 30/07/2020.

**SUPPLY OF PH & SANITARY & ELECTRICAL MATERIAL TO GANDHAMARDAN DURING 2020-21.**

Sealed Tenders in prescribed format are invited (sealed separately in shape of technical bid and price bid) from the authorised stockiest / Dealers / Whole sellers/Retailers having GST registration and valid authorization (if any) for supply of materials in a phased manner **as and when required** of following groups (Separately) to OMC Ltd, Gandhamardan situated at Suakati, Dist: Keonjhar (Odisha) during the year 2020-21 (Valid from 01.09.2020 to 31.08.2021).The total quantity of purchase may vary as per actual requirement of the year .The details of the Terms & Conditions of the Tender is available in OMC website: "www.omcltd.in"which can be downloaded and submitted along with the cost of tender paper. The price bid & requirement of material for bid will be available in the office of the undersigned which shall be submitted along with the technical bid in seal covers on payment of **Rs.500/- + 18% GST** (non-refundable) towards cost of paper during all working days as per the schedule below. The tender documents duly filled-in along with the specified E.M.D. and documents may be submitted on date mentioned against each item bellow by 12.00 Noon. The technical bid will be opened on the respective date as per tender call notice in presence of the bidder or their authorized representatives. The financial bid of the agencies qualified in the technical bid will be opened on the same day or any other day which will be intimated later on. **The agencies are requested to offer the price of the materials/brand/quantity/quality which is specified in the tender only without giving price of alternative materials /brand and quantity.**

| Sl. No. | Items | Last date for sale of tender document. | Date of submission of tender. | Opening of tender |
|---|---|---|---|---|
| 1 | PH & Sanitary Materials | 17.08.2020 (12.00 Noon) | 18.08.2020 (12.00 Noon) | 18.08.2020 (3.30 PM) |
| 2 | Electrical Materials | 17.08.2020 (12.00 Noon) | 18.08.2020 (12.00 Noon) | 18.08.2020 (3.30 PM) |

The management reserves the right to accept or reject any or all the tenders without assigning any reason thereof.

OIPR-30005/11/0050/2021 Sd/- REGIONAL MANAGER

**VEER SURENDRA SAI UNIVERSITY OF TECHNOLOGY, ODISHA**
P.O.: Engineering College Burla (Siddhi Vihar), Dist.: Sambalpur, Odisha-768018, India

No. VSSUT/PHY/198/2020 Date: 31.07.2020

**ADVERTISEMENT FOR PROJECT FELLOW POSITION**

Applications are invited for the position of Project Fellow (PF) funded by **P & C - Innovative R & D** scheme, in the Department of Physics. For details visit the website: **www.vssut.ac.in**

Sd/- Registrar

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
EHT (O&M) DIVISION, JAYANAGAR-764005 CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from registered contractors having valid License, I.T PAN No and GST Registration Certificate forDifferent R/M Works of 220kv TL / Grid S/S S/D, Jayanagar. **Cost of Tender Papers** are of Rs.672.00 (non-refundable) in shape of **Cash & EMD** @1% of quoted amount in the shape of DD / Cash. **Sale of Tender Documents** from Dt.31.07.2020 to upto 12:00 Noon of Dt.10.08.2020. **Last Date of Submission of Tender** on or before Dt.10.08.2020upto 04:00PM. **Tenders Will be Opened** on Dt.10.08.2020at 04:30 PM.

**Corrigendum if any will be published in the website only.** Sd/- GM (Ele.)

Please connect us: optcl.odisha optcl_odisha energyodisha

**THE BOLANGIR DISTRICT CENTRAL CO-OPERATIVE BANK LTD., BOLANGIR**
**QUOTATION CALL NOTICE**

Quotation is invited in plain paper from the intending firms within 15 days from the publication of this notice for interior and counter works to open a new branch of the Bank at Rampur. The intending firms may visit the site in any office day in consultation with the Branch Manager Dunguripali Branch prior to submission of quotation. The tenders will be received in between 10 A.M. to 2 P.M.

**Chief Executive Officer**
**Dist. Central Coop. Bank Ltd., Bolangir**

**OFFICE OF THE MUNICIPAL COUNCIL, JATNI**
**TENDER CALL NOTICE**

No.2122 Date 29.07.2020

Jatni Municipal Council invites sealed proposal in conformity with documents in two bid system (Part-I: Technical Bid and Part-II: Financial Bid) in prescribed form from the intending registered Consultancy/Firm having expertise in the field of architectural, construction and structural engineering registered with competent authorities of the State Govt./Central Govt./ PSU organization to quote the rate inclusive of all taxes for preparation of Detailed Project Report (DPR) for I) Smart park at Badanuagaon over Plot No.-540,388, Khata No.232 in Ward No.-10. II) Model Crematorium over Plot No. 845, Khata No.340 at Bachhara in Ward No.13. The intending Consultancy/Firm may visit the site in any working day during office hours before preparation of DPR.

The bids can be submitted through tender box/Speed Post/ Registered/Courier Post to the Executive Officer, Jatni Municipality on or before 3.00 P.M. of **dt.18.08.2020**. The document schedule will be sold from **31.07.2020 to 17.08.2020** upto 5.00 P.M. on payment of cash and the same shall be **opened on 19.08.2020** at 3.30 P.M. in presence of bidders or their authorized agents. The document can also be downloaded from the official website of Khordha District (www.Khordha.nic.in) and upto 5.00 P.M. of 16.08.2020 for which the documents cost should be submitted in separate envelope with cost of bid document downloaded from the internet along with the bid documents.

The authority reserves the right to reject any or all the tenders without assigning any reason thereof.

By Order of Chairperson
**Sd./- Executive Officer, Jatni Municipality**

**ICAR-NATIONAL RICE RESEARCH INSTITUTE**
CUTTACK- 753 006 (ODISHA), INDIA
(Previously Known as CRRI)

**NOTICE**

ADVT.NO. 10/Notice/CA/2020

In continuation to this Office Notice F.No.10-67/2014-Adm-II/61, dated: 01.07.2020 the process of scrutiny of applications for compassionate appointment which was published in different news papers and also in our website regarding submission of application along with connected documents latest by 31.07.2020 has been extended by the Director of this Institute for another period of one month up to **31.08.2020** due to the request of some applicants and also pandemic situation of COVID-19.

**Head of Office**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KORAPUT**

No. 4180 Date: 30.07.2020

**SHORT TENDER CALL NOTICE**

No. E-151: Sealed tenders are invited from Suppliers/ Agencies/Hoteliers/Caterers/Persons for supply of Food Catering Services (Meals, Tiffin, Snacks, Tea, Coffee, etc.) to COVID Care Centre, Aneswa Hostel, Koraput on rate contact basis. Details regarding supply as per need and term & conditions may be downloaded from the website **www.koraput.nic.in** The tender should reach the Office of the undersigned by 13.08.2020 (till 04.00 P.M.). Tender will be opened at 04.30 P.M. on 13.08.2020. The undersigned reserves the right to reject any or all the tenders without assigning any reason thereof.

**Sd./- Chief District Medical & PHO-cum-District Mission Director, Koraput**

OIPR-10077/11/0002/2021

ସାଂପ୍ରଦାୟିକ ବିବାଦ ହେଲା- କଳସମାନଙ୍କ ଭିତରେ ବିବାଦ। କୋଉ କଳସରେ ଅମୃତ ରହିବ- ତାହା ନେଇ ବିବାଦ। କିନ୍ତୁ ଆମର କାର୍ଯ୍ୟ ହେଲା ଅମୃତ -ରସ ସଂଗ୍ରହ କରିବା। ତାହା ଯେଉଁ କଳସରେ ଥାଉ। ଅନ୍ୟକାର୍ଯ୍ୟଟି ହେଲା ଅମୃତତ୍ୱ ଅର୍ଜନ କରିବା। -ଶ୍ରୀଅରବିନ୍ଦ

# ପିଏମ୍‌ଓ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସର୍ବକ୍ଷମତାଶାଳୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଯେକୌଣସି ନିଯୁକ୍ତିକୁ ବହୁତ ଆଗ୍ରହ ସହିତ ଦେଖାଯାଏ। ତେଣୁ ତାମିଲନାଡୁ କ୍ୟାଡର୍‌ର ୧୯୯୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ ପି. ଅମୁଧା ଯେତେବେଳେ ତାଙ୍କର ପାଞ୍ଚବର୍ଷିଆ କେନ୍ଦ୍ରୀୟ ଡେପୁଟେଶନ୍‌ର ଅବଶିଷ୍ଟ ଅବଧି ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମସଚିବ ଭାବରେ ନିଯୁକ୍ତି ପାଇଲେ, ସେତେବେଳେ ପର୍ଯ୍ୟବେକ୍ଷକମାନେ ତାଙ୍କ ପ୍ରତିଭା ବିଷୟରେ ଅନୁମାନ ଲଗାଉଛନ୍ତି, ଯାହା କି ପିଏମ୍‌ଓର ଉଚ୍ଚ ମାନଦଣ୍ଡକୁ ପୂରଣ କରୁଥିବ। ଏହି ନିଯୁକ୍ତି ପୂର୍ବରୁ ଅମୁଧା ମସୂରୀରେ ଲାଲବାହାଦୁର ଶାସ୍ତ୍ରୀ ନ୍ୟାଶ୍‌ନାଲ୍ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନରେ ପ୍ରଫେସର ଭାବରେ କାର୍ଯ୍ୟ କରୁଥିଲେ। କୌତୂହଳର ବିଷୟ ହେଉଛି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇବାର କେଇ ମିନିଟ୍ ପରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ପାଲାନିସାମୀ ଟୁଇଟ୍ କରି ଉକ୍ତ ଆଇଏଏସ୍ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ, ସେ ତାଙ୍କ ସଚ୍ଚୋଟତା ଏବଂ ଦକ୍ଷତା ଦ୍ୱାରା ରାଜ୍ୟ ସରକାରଙ୍କ ଶୁଭେଚ୍ଛା ଓ ରାଜ୍ୟବାସୀଙ୍କ ଭଲପାଇବା ଅର୍ଜନ କରିଛନ୍ତି। ଅମୁଧା ଜଣେ ପ୍ରଭାବଶାଳୀ କ୍ଷେତ୍ର ଅଧିକାରୀ ଏବଂ ଶୀଘ୍ର ନିଷ୍ପତ୍ତି ନେଇପାରୁଥିବା ଅଫିସର ଭାବରେ ସୁନାମ ଅର୍ଜନ କରିଛନ୍ତି। ୨୦୧୫ରେ ସେ ସ୍ୱତନ୍ତ୍ର ମୌସୁମୀ ରିଲିଫ୍ ଅଧିକାରୀ ଥିବାବେଳେ ହୋଇଥିବା ଚେନ୍ନାଇ ବନ୍ୟା ସମୟରେ ସେ ଯେପରି ଦକ୍ଷତାର ସହ ରିଲିଫ କାର୍ଯ୍ୟର ପରିଚାଳନା କରିଥିଲେ ତାକୁ ତାଙ୍କ ସାଥୀମାନେ ମନେପକାଇଛନ୍ତି। ତାଙ୍କର ଏହି ଗୁଣଗୁଡିକ ହୁଏତ ପିଏମ୍‌ଓକୁ ପ୍ରଭାବିତ କରିଥାଇପାରେ, ଯେଉଁଥିପାଇଁ ତାଙ୍କୁ ଆଇଏଏସ୍ ଅଧିକାରୀମାନଙ୍କ ପାଇଁ ସବୁଠାରୁ ଅଧିକ ପୁରସ୍କାରପ୍ରଦ ଏବଂ ଆହ୍ୱାନମୂଳକ କାର୍ଯ୍ୟର ଦାୟିତ୍ୱ ଥିବା ପଦବୀ ଦିଆଯାଇଛି।

### ଆର୍‌ବିଆଇର ଡେପୁଟି ଗଭର୍ନର

କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ନେତୃତ୍ୱରେ ଗଠିତ ଏକ ସର୍ଚ୍ଚ କମିଟି ଅଗଷ୍ଟ ୭ରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ପଦ ପାଇଁ ପ୍ରାର୍ଥୀମାନଙ୍କର ସାକ୍ଷାତ୍‌କାର ନେବେ ବୋଲି ଜଣାପଡ଼ିଛି। ଏହା ଜୁଲାଇ ୨୩ରେ ଅନୁଷ୍ଠିତ ହେବାର ଥିଲା କିନ୍ତୁ କୌଣସି ସ୍ପଷ୍ଟୀକରଣ ବିନା ଏହାକୁ ବନ୍ଦ କରିଦିଆଯାଇଥିଲା। ବରିଷ୍ଠତମ ଡେପୁଟି ଗଭର୍ନର ଏନ୍.ଏସ୍. ବିଶ୍ୱନାଥନ୍ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ କାର୍ଯ୍ୟକାଳ ଶେଷ ହେବାର ତିନିମାସ ପୂର୍ବରୁ ଗତ ମାର୍ଚ୍ଚମାସରେ ଅଫିସ୍ ଛାଡିବା ପରଠାରୁ ଉକ୍ତ ପଦଟି ଖାଲି ପଡ଼ିଛି। ଗୌବାଙ୍କ ବ୍ୟତୀତ ଏହି କମିଟିରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ, ଆର୍ଥିକ ସେବା ସଚିବ ଦେବାଶିଷ ପଣ୍ଡା ଏବଂ ଦୁଇଜଣ ସ୍ୱାଧୀନ ସଦସ୍ୟ ଅଛନ୍ତି। ସାକ୍ଷାତ୍‌କାରରୁ ମନୋନୀତ ନାମ ଚୂଡ଼ାନ୍ତ ଅନୁମୋଦନ ପାଇଁ ପ୍ରଧାନମନ୍ତ୍ରୀ ମୁଖ୍ୟ ଥିବା କ୍ୟାବିନେଟ ନିଯୁକ୍ତି କମିଟି ନିକଟକୁ ପଠାଯିବ। ପ୍ୟାନେଲ ଏହି ପଦବୀ ପାଇଁ ଆଠଜଣ ପ୍ରାର୍ଥୀଙ୍କୁ ଶର୍ଟଲିଷ୍ଟ କରିଥିବା ଜଣାପଡ଼ିଛି। ଆର୍‌ବିଆଇ ଅଧିନିୟମ ଅନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କରେ ଚାରିଜଣ ଡେପୁଟି ଗଭର୍ନର ରହିବା କଥା- ଦୁଇଜଣ ର୍ୟାଙ୍କ ଭିତରର, ଜଣେ ବ୍ୟବସାୟିକ ବ୍ୟାଙ୍କର ଅଧିକାରୀ ହୋଇଥିବେ ଏବଂ ଅନ୍ୟ ଜଣେ ଅର୍ଥନୀତିଜ୍ଞ ମୁଦ୍ରାନୀତି ବିଭାଗର ମୁଖ୍ୟ ରହିବେ। ବର୍ତ୍ତମାନ, ଆର୍‌ବିଆଇର ତିନିଜଣ ଡେପୁଟି ଗଭର୍ନର ଅଛନ୍ତି- ବି.ପି. କାନୁନ୍‌ଗୋ, ଏମ୍.କେ. ଜୈନ ଏବଂ ମାଇକେଲ ଦେବବ୍ରତ ପାତ୍ର।

### କ୍ୟାଡର ଦ୍ୱନ୍ଦ୍ୱ

ଗତବର୍ଷ ଅଗଷ୍ଟ ମାସରେ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ପରିଣତ କରାଯିବା ପରେ ସର୍ବଭାରତୀୟ ସେବାର ଜମ୍ମୁ-କଶ୍ମୀର କ୍ୟାଡର୍‌ରେ ନୂତନ ଅଧିକାରୀଙ୍କ ନିଯୁକ୍ତି ବନ୍ଦ କରିଦିଆଯାଇଥିଲା। ଏହି ପ୍ରକ୍ରିୟା ନିକଟରେ ପୁଣି ଆରମ୍ଭ ହୋଇଥିଲା। କିନ୍ତୁ ଏହାଦ୍ୱାରା ଦ୍ୱନ୍ଦ୍ୱ ସୃଷ୍ଟି ହେବ ବୋଲି ଅଧିକାରୀମାନଙ୍କ ମତାମତ ପାଇବା ପରେ ସରକାର ଏହାକୁ ପୁନଶ୍ଚ ବନ୍ଦ କରି ଦେଇଛନ୍ତି। ଜମ୍ମୁ-କଶ୍ମୀର କ୍ୟାଡର୍‌ର ଆଇଏଏସ୍, ଆଇପିଏସ୍ ଓ ଆଇଓଏଫ୍‌ଏସ୍‌କୁ AGMUT (ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ୍, କେନ୍ଦ୍ରଶାସିତ ଅଞ୍ଚଳ) କ୍ୟାଡର୍‌ରେ ମିଶ୍ରଣ କରିବାର ଥିଲା। ତେବେ ନିୟମାବଳୀ ଅନୁଯାୟୀ, ଜମ୍ମୁ-କଶ୍ମୀର କ୍ୟାଡର୍‌ରେ ଅଦ୍ୟାବଧି କାର୍ଯ୍ୟ କରୁଥିବା ଅଧିକାରୀମାନେ ସେହି କ୍ୟାଡର୍‌ରେ ହିଁ ରହିବେ। ସେମାନଙ୍କର କ୍ୟାଡର ବଦଳିବ ନାହିଁ। AGMUT ପାଇଁ କ୍ୟାଡର ନିୟନ୍ତ୍ରଣ କର୍ତ୍ତୃପକ୍ଷ ହେଉଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଅନ୍ୟ କ୍ୟାଡରଗୁଡ଼ିକ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ନିୟନ୍ତ୍ରିତ। ବୋଧହୁଏ କିଛି ଅଧିକାରୀ କେନ୍ଦ୍ରକୁ ଅଭିଯୋଗ କରିଥିଲେ ଯେ, ସମାନ ବ୍ୟାଚ୍‌ର ଦୁଇଜଣ ଅଧିକାରୀ ବିଭିନ୍ନ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଅଧୀନରେ ରହିଲେ ଅଧିକାରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିଭେଦ ସୃଷ୍ଟି ହେବ। ବାବୁମାନଙ୍କ ପ୍ରତିରୋଧକୁ ଦେଖି ପ୍ରସ୍ତାବିତ କ୍ୟାଡର ମିଶ୍ରଣକୁ ବର୍ତ୍ତମାନ ପାଇଁ ଆଗକୁ ନ ନେବାକୁ କେନ୍ଦ୍ର ନିଷ୍ପତ୍ତି ନେଇଛି। କେତେଜଣ ଅଧିକାରୀ ବିଶ୍ୱାସ କରନ୍ତି ଯେ, ବୋଧହୁଏ ଏହି କ୍ୟାଡର ମିଶ୍ରଣ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ଅଗଷ୍ଟ ୧୫ ପରେ ହିଁ ନିଆଯିବ।

Email: dilipcherian@gmail.com

# ସରକାରୀ-ବେସରକାରୀ



ପ୍ରଭାତ କୁମାର ଦାସ

ସ୍ୱାଧୀନତା ପରବର୍ତ୍ତୀ ପ୍ରଥମାର୍ଦ୍ଧକୁ ଯଦି ବିଚାରକୁ ନେବା ସେତେବେଳେ ସବୁ କିଛି ସରକାରୀ ବ୍ୟବସ୍ଥା ଓ ପରିଚାଳନାରେ ଆବଦ୍ଧ ଥିଲା। ସାମ୍ୟବାଦର ଚିନ୍ତାଧାରା ମଣିଷ ମନରେ ନୂଆ ଆଗ୍ରହ ସୃଷ୍ଟି କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସବୁକିଛି ବଦଳିଗଲା। ସାମ୍ୟବାଦର ମନୋଭାବ ପରିତ୍ୟାଗ କରି ପୁଞ୍ଜିବାଦ ଆଡ଼କୁ ଦେଶ ଅଧିକ ଆକୃଷ୍ଟ ହୋଇ ପଡ଼ିଲା। କ୍ରମେ ସରକାରୀ ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ବେସରକାରୀ କରିଦିଆଗଲା। ଅର୍ଥାତ୍ ବ୍ୟକ୍ତିଗତ ପରିଚାଳନା ହାତରେ ଟେକି ଦିଆଗଲା। କାରଣ ହେଲା ସରକାରୀ ପରିଚାଳନାରେ ଯେଉଁ କ୍ଷତିର ଭାର ଲଦିହୋଇ ପଡ଼ିଲା, ତାକୁ ଆୟତ୍ତରେ ରଖିବା ସମ୍ଭବ ହେଲାନାହିଁ। ବ୍ୟକ୍ତିଗତ ଲାଭ ଖୋଜିବାରୁ ଗୁଣାତ୍ମକ ମାନ ବି ହ୍ରାସ ପାଇଲା। ସରକାର, କିଏ ଏଥିପାଇଁ ଦାୟୀ, ସେ କଥା ବିଚାର ନ କରି ଅପାରଗତା ଓ ଭ୍ରଷ୍ଟାଚାରକୁ ପରିବର୍ତ୍ତନ ଏବଂ ସଂଶୋଧନ ନ କରି କ୍ରମେ ଗୋଟିଗୋଟି କରି ସବୁ ବେସରକାରୀ ପରିଚାଳନା ହାତକୁ ଟେକିଦେଲେ। ଏହା ଫଳରେ ରାଷ୍ଟ୍ରୀୟ ଭାବନା ଓ ସାମ୍ୟବାଦ ଚିନ୍ତାଧାରା ବ୍ୟାହତ ହେଲା। ସାମାନ୍ୟ କିଛି ଲୋକ ମାଲିକାନାର ଶିଡ଼ିଚଢ଼ି କ୍ରମେ ଉପରକୁ ଉଠିଲେ ଆଉ ଅନ୍ୟସମସ୍ତେ ସବୁ ଦିଗରୁ କ୍ଷତିଗ୍ରସ୍ତ ହେଲେ। ଦେଶର ସାମଗ୍ରିକ ସମ୍ପତ୍ତି କେତେଜଣ ମୁଷ୍ଟିମେୟଙ୍କ ହାତକୁ ଚାଲିଗଲା।

ପ୍ରଥମେ ଆମେ ଆମ ନିଜ ରାଜ୍ୟ କଥା ବିଚାର କରିବା। ଦ୍ରୁତ ଶିଳ୍ପବିକାଶ ପାଇଁ ୧୯୬୩ ମସିହାରେ ସରକାର ଶିଳ୍ପ ଉନ୍ନୟନ ନିଗମ ପ୍ରତିଷ୍ଠା କରିଥିଲେ। ରାଜ୍ୟ ଭିତରୁ ମିଳୁଥିବା କଞ୍ଚାମାଲ, ଜଳବିଦ୍ୟୁତ୍, ପରିବହନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଠଟି ଭିନ୍ନ ଭିନ୍ନ ଶିଳ୍ପ ଓ ଚାରୋଟି ସୂତାକଳ ପ୍ରତିଷ୍ଠା କରିଥିଲେ। ସମବାୟ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ଚିନିକଳ, ଝୋଟକଳ ମଧ୍ୟ ବସାଇଥିଲେ। କୋଣାର୍କ ଟିଭି ସେହି ସମୟରେ ସରକାରଙ୍କର ଏକ ଉତ୍ତମ ନିଷ୍ପତ୍ତି ଥିଲା। ବେଶ୍ କିଛି ବର୍ଷ ଏସବୁ ଉଦ୍ୟୋଗମାନ ଲାଭପ୍ରଦ ଓ ଗୁଣାତ୍ମକ ମାନ ରକ୍ଷା କରି ପରିଚାଳିତ ହେଉଥିଲେ। ରାଜ୍ୟର ବେକାରି ସମସ୍ୟା ବହୁ ପରିମାଣରେ ଦୂରୀଭୂତ ହୋଇଥିଲା।

ଅଶୀ ମସିହାର ପରବର୍ତ୍ତୀ ସମୟରେ ରାଜ୍ୟର ଅର୍ଥନୀତି ଯଥେଷ୍ଟ ଦୁର୍ବଳ ହୋଇପଡ଼ିଥିଲା। ସରକାରୀ କର୍ମଚାରୀମାନଙ୍କୁ ଠିକ୍ ସମୟରେ ବେତନ ଦେବାପାଇଁ ମଧ୍ୟ ରାଜକୋଷରେ ଅର୍ଥ ନ ଥିଲା। ଶିଳ୍ପ ଉନ୍ନୟନ ନିଗମ ବିଶେଷକରି କଳିଙ୍ଗଲୁହା କାରଖାନାର ଲାଭାଂଶରୁ ସରକାରୀ କର୍ମଚାରୀଙ୍କ ବେତନ ଭରଣା ହେଉଥିଲା। ସେହି ଲାଭାଂଶକୁ ଜମାପୁଞ୍ଜି କରି ଯଦି ସେତେବେଳେ ରଖାଯାଇପାରିଥାନ୍ତା ତେବେ ଏଯାବତ୍ ନିଗମ କର୍ମଚାରୀଙ୍କ ବେତନ ପାଇଁ ସେହି ସୁଧ ଟଙ୍କା ମଧ୍ୟ କମ୍ ପଡ଼ି ନ ଥାନ୍ତା। ଦେଶସାରା ଯେତେବେଳେ ସିମେଣ୍ଟର ଚାହିଦା ବଢ଼ିବଢ଼ି ଚାଲିଥିଲା, ସେତେବେଳେ ହୀରା ସିମେଣ୍ଟ କାରଖାନାକୁ ବିକ୍ରି କରି ଦିଆଗଲା। କେନ୍ଦୁଝରର ଗୋଡ଼ି ମାଟି ଯେତେବେଳେ ସୁନା ଦରରେ ବିକ୍ରି ହେଉଥିଲା, ଲୁହା ଇସ୍ପାତର ବଜାର ଦର ଯେତେବେଳେ ସର୍ବାଧିକ ଥିଲା ସେତେବେଳେ କଳିଙ୍ଗ ଲୁହା କାରଖାନା ବନ୍ଦ ହେଲା। କ୍ରୋମ ପଥର ମୂଲ୍ୟ ଆକାଶଛୁଆଁ ଥିଲାବେଳେ, ଫେରୋକ୍ରୋମ କାରଖାନା କ୍ଷତିରେ ଚାଲିଲା। ଇଣ୍ଡଷ୍ଟ୍ରିଆଲ ୱାର୍କସ୍, କେବଲ କାରଖାନା, ରିଂରୋଲିଂ ମିଲ୍ ତା' ଆଗରୁ ବନ୍ଦ ହୋଇଗଲା। ସୂତାକଳ, ଟାଇଲ୍ କାରଖାନା ଇତ୍ୟାଦି ବି ବିକ୍ରିହେଲା। କିନ୍ତୁ ଏସବୁ କାହିଁକି ହେଲା ? ଏହାକୁ ଭାଗ୍ୟର ବିଡ଼ମ୍ବନା ବା ରାଜନୈତିକ ଅଭିସନ୍ଧିମୂଳକ ନିଷ୍ପତ୍ତି, ଯାହା କି କୁହାଯାଇପାରେ।

ନବେ ଦଶକରେ କୋଣାର୍କ ଟିଭି ଦେଶ ତମାମ ନାଁ କରିଥିଲା। ସେଇ ଶିଳ୍ପରେ ତାଲା ପଡ଼ିଲା। ସେତେବେଳେ ସରକାର ଥରେ ବିଚାରିଲେ ନାହିଁ କ'ଣ ପାଇଁ ରାଜ୍ୟର ଟିଭି ଶିଳ୍ପ ଭୁଶୁଡ଼ି ପଡ଼ିଲା। ଖଣିଜ ପରିଚାଳନା ମଧ୍ୟ ଠିକ୍ ସେହିଭଳି। ଲୁହାପଥର, ମାଙ୍ଗାନିଜ୍, କ୍ରୋମ୍ ପଥର ପାଇଁ ରାଜ୍ୟ ପୃଥିବୀ ପ୍ରସିଦ୍ଧ। ଯେଉଁ ସମୟରେ ଖଣିଜ ଦ୍ରବ୍ୟର ମୂଲ୍ୟ ଆକାଶଛୁଆଁ ହେଉଥିଲା, ସେତିକିବେଳେ ଖଣି ନିଗମକୁ ଦୁର୍ବଳ କରାଇ, ଘରୋଇ ସଂସ୍ଥାମାନଙ୍କ ହାତକୁ ଖଣିସବୁ ଟେକି ଦିଆଗଲା। ସେମାନେ କେବଳ ପର୍ଯ୍ୟାପ୍ତ ପରିମାଣର ଉତ୍ତୋଳନ କଲେ ତା' ନୁହେଁ, ନିଜ କ୍ଷମତାଠାରୁ ଅଧିକ ବିକ୍ରି କରି ମାଲାମାଲ ହେଲେ। ଜଙ୍ଗଲ ନଷ୍ଟ କଲେ, ପରିବେଶ ବିଗାଡ଼ିଲେ, ରାସ୍ତାଘାଟ ବରବାଦ କଲେ। ରାଜ୍ୟ ଶୂନ୍ୟଗର୍ଭା ହେଲା। ସରକାର ଭାବିଲେ ମାଟିତଳେ ଅପରିମିତ ପରିମାଣର ସମ୍ପଦ ଭରି ରହିଛି। ସେ ସବୁର କେବଳ ସେହିମାନେ ମାଲିକ। ଉତ୍ତର ବଂଶଧରମାନଙ୍କ ପାଇଁ କିଛି ରହୁ ଏ କଥା ବି ଥରେ ଭାବିଲେ ନାହିଁ। ଏସବୁ କଳାକାରନାମା ପାଇଁ କେବଳ ରାଜନୈତିକ ପ୍ରଭୁତ୍ୱକୁ ଦୋଷ ଦେଲେ ହେବ ନାହିଁ। କୁରାଢ଼ିର ବେଣ୍ଟ ଭଳି ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଏ ରାଜ୍ୟର ଭବିଷ୍ୟତକୁ ଶାଗୁଣା ଭଳି ଖାଇ ନଷ୍ଟ କରିଛନ୍ତି ଏଥିରେ ସନ୍ଦେହ ନାହିଁ।

ଏବେ ଶିକ୍ଷା ବ୍ୟବସ୍ଥାକୁ ଯିବା। ବିଜେବି, ରେଭେନ୍‌ଶା, ପୁରୀ, ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଖଲ୍ଲିକୋଟ କଲେଜ ସବୁକୁ ମନେ ପକାଯାଉ। କ'ଣ ଥିଲା ସେ ସବୁ, ଆଉ କ'ଣ ହୋଇଛି ଆଜି? ମେଧାବୀ ଛାତ୍ରମାନେ ଏବେ ଘରୋଇ କଲେଜ ଆଡ଼େ ମୁହାଁଉଛନ୍ତି। ସରକାର କି ଶିକ୍ଷାକର୍ମକର୍ତ୍ତାମାନଙ୍କର ଏଥିପ୍ରତି ନିଘା ନାହିଁ। ଶହ ଶହ ଘରୋଇ ଶିକ୍ଷାନୁଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଉଛି। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜାଣିଶୁଣି ଅବହେଳା କରାଯାଉଛି। ସରକାରୀ ସ୍କୁଲଗୁଡ଼ିକ ଅବସ୍ଥା ଆହୁରି ଖରାପ। ଘରୋଇ ସ୍କୁଲରେ ଅପର୍ଯ୍ୟାପ୍ତ ପଇସା ଖର୍ଚ୍ଚ କରି ପିଲେ ପାଠ ପଢୁଛନ୍ତି। ସବୁ ବେସରକାରୀ ଶିକ୍ଷାନୁଷ୍ଠାନର ଏବେ ରାଜ୍ୟସାରା ପତିଆରା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ମଣିଷ ଗୁହାଳରେ ପରିଣତ ହୋଇଛି। ଦଶ ଜଣ ପିଲାଙ୍କ ଉପସ୍ଥିତିକୁ ଶହେ ଜଣ ଦେଖାଇ ମଧ୍ୟାହ୍ନଭୋଜନ ଅର୍ଥ ଆତ୍ମସାତ୍ ହେଉଛି। ଅଧିକାରୀମାନେ ଫାଇଲ୍ ଚଷୁଛନ୍ତି। କେହି ପଚାରିଲେ ଅଭିଯୋଗ ହେଲେ ବିଚାର କରିବା ବୋଲି କହୁଛନ୍ତି।

ସ୍ୱାସ୍ଥ୍ୟସେବା କଥା ନ କହିବା ଭଲ। ରାଜ୍ୟସାରା ଛତୁ ଫୁଟିଲା ଭଳି ବେସରକାରୀ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗଢ଼ିଉଠିଛି। ସରକାରୀ ଚିକିତ୍ସାଳୟମାନ ମଶାଣି ଭୂଇଁର କାମ କରୁଛି। ରାଜ୍ୟର ପ୍ରତିଷ୍ଠିତ ମେଡିକାଲର ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି, ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଅ, ଯଦି ଭଲ ହେବାକୁ ଚାହଁ। ଜିଲା ମୁଖ୍ୟ ଚିକିତ୍ସାଳୟମାନ କେବଳ ରୋଗୀଙ୍କୁ ଅନ୍ୟ କେଉଁଠିକୁ ପଠେଇଦେଇ ନିଜ କାମ ସାରନ୍ତି। ସେହି ତୁଳନାରେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ରୋଗୀମାନଙ୍କୁ ଶୋଷଣ କରିବାର ଅଧିକ ସୁବିଧା ପାଉଛନ୍ତି। ବଞ୍ଚିବାର ମୋହ ମଣିଷ ମୁହଁରେ ତୁଣ୍ଡିବାନ୍ଧି ରଖିଛି। ତା'ପରେ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା ସବୁ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତା'ର ଡାକ୍ତରମାନଙ୍କୁ ପୋଷିବା ପାଇଁ କରାଯାଇଛି। କୌଣସି ରୋଗୀ ତା'ର ପ୍ରକୃତ ସୁବିଧା ପାଇପାରନ୍ତି ନାହିଁ। ବରଂ ସେଠାରେ ମଲା ମଣିଷ ବି ନିଜ ପାଉଣା ଗଣି ସାରିଲା ପରେ ଶ୍ମଶାନ ଯିବାର ଅନୁମତି ପାଏ।

ଶେଷରେ ପରିବହନ ବ୍ୟବସ୍ଥାକୁ ଦେଖାଯାଉ। ସରକାର ବସ୍ ପରିବହନକୁ ଚଳାଇ ପାରିଲେ ନାହିଁ, ତାକୁ ଘରୋଇକରଣ କରିଦେଲେ। ସବୁ ରୁଟ୍‌ରେ ସବୁ ବସ୍ ମାଲିକ ମାଲାମାଲ ହେଲେ। ସରକାରଙ୍କୁ ଆଙ୍ଗୁଠି ଅଗରେ ନଚାଇବା ଆରମ୍ଭ କଲେ। ଲଜ୍ଜାର କଥା ଯେଉଁ ବ୍ୟବସାୟକୁ ସରକାର ଓ ତାଙ୍କ ବାବୁମାନେ ଚଳେଇପାରିଲେ ନାହିଁ, ତାକୁ ବସ୍ ମାଲିକମାନେ ସୁରୁଖୁରୁରେ ଚଳେଇ ପ୍ରଚୁର ଲାଭ କରିପାରୁଛନ୍ତି। ବାବୁମାନେ କୌଶଳକ୍ରମେ ଦେଶ ଧନକୁ ଲୁଣ୍ଠନ କରନ୍ତି। ଜାଣି ନ ଜାଣିଲା ଭଳି ଆଖି ବୁଜି ବସନ୍ତି। ଥରେ ବି ଭାବନ୍ତି ନାହିଁ ଯେଉଁ ଅନୁଷ୍ଠାନଗୁଡ଼ିକରେ ସେମାନେ ପାଠ ପଢ଼ିଥିଲେ, ଯେଉଁ ଡାକ୍ତରଖାନାଗୁଡ଼ିକରୁ ନାଲିପାଣି, ଧଳା ବଟିକା ଖାଇ ସୁସ୍ଥ ହେଉଥିଲେ, ସେସବୁ ଅନୁଷ୍ଠାନ କାହିଁକି ବିଗିଡ଼ି ଯାଉଛି ?

୫୮, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର
ମୋ: ୯୪୩୭୦୧୫୨୫୦

# କରୋନା ଓ ଯୁବପିଢ଼ି



ଡା. ବାସୁଦେବ ପ୍ରଧାନ

ମଣିଷ ତିନିଟି ଅବସ୍ଥା ଦେଇ ଗତି କରେ- ବାଲ୍ୟ, ଯୌବନ ଓ ଜରା। ଏଇ ତିନିଟି ଅବସ୍ଥା ମଧ୍ୟରେ ଯୌବନାବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ବୟସରେ ପୂର୍ଣ୍ଣରୂପେ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ। ଏହି ସମୟ ବେଳକୁ ମଣିଷ ସରକାରୀ ହେଉ କି ବେସରକାରୀ ଯେଉଁଠି ହେଲେ ନିଜର ବୃତ୍ତି ସ୍ଥିର କରିଥାଏ। କିଏ ପୁଣି ବେପାର କରେ ତ ଆଉ କିଏ ନିଜ ନିଜର କୌଳିକ ବୃତ୍ତିକୁ ଆପଣାଇଥାଏ। ରୋଜଗାରକ୍ଷମ ହେଲା ପରେ ସେ ନିଜର ବୈବାହିକ ଜୀବନ ଆରମ୍ଭ କରିବା ପାଇଁ ସ୍ଥିର କରିଥାଏ।

ଅତୀତ ଆଉ ବର୍ତ୍ତମାନ ଭିତରେ ଆକାଶ ପାତାଳ ଫରକ। ଆଗକାଳରେ ସମସ୍ତେ କୌଳିକ ବୃତ୍ତିରେ ରହୁଥିଲେ। ଚଷାପୁଅ ଚାଷକାମ କରୁଥିଲା, କମାର ପୁଅ ଶାଳକାମ କରୁଥିଲା, କୁମ୍ଭାର ପୁଅ ହାଣ୍ଡି, ମାଠିଆ ଗଢୁଥିଲା। ସମୟକ୍ରମେ ବହୁ ଲୋକ କୌଳିକ ବୃତ୍ତିକୁ ଘୃଣା କଲେ- ସମାଜରେ ଅଧିକ ସମ୍ମାନ ଓ ପ୍ରତିଷ୍ଠା ସହ ଅଧିକ ରୋଜଗାର ପାଇଁ ଅନ୍ୟ ବୃତ୍ତି ଆପଣାଇଲେ। ଅଧିକ ରୋଜଗାର ଆଶାରେ ଯୁବକମାନେ ପରଦେଶୀ ହେଲେ। ଆମ ଦେଶରେ ୭୦ ଭାଗ ଲୋକ ଗ୍ରାମାଞ୍ଚଳରେ ରୁହନ୍ତି। ସେମାନଙ୍କର ମୁଖ୍ୟ ବୃତ୍ତି ଚାଷ। ଆଉ ୩୦ ଭାଗ ଲୋକ ମଧ୍ୟରେ ରହିଲେ ଚାକିରିଆ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ କୌଳିକ ବୃତ୍ତିଧାରୀ। କିନ୍ତୁ କୌଳିକ ବୃତ୍ତିରୁ ମୁହଁ ଫେରାଇ ଯୁବକମାନେ ଅଧିକ ରୋଜଗାର ପାଇଁ ସହର ମୁହାଁ ହେଲେ। ଅନେକ ବିଦେଶ ଗଲେ। କେହି କେହି ସେଠାରେ ନାଗରିକତ୍ୱ ଗ୍ରହଣ କରି ରହିଗଲେ। ଆଉ କେହି କିଛି ଦିନ ରହି ଭଲ ଦୁଇ ପଇସା କମେଇ ନିଜ ଦେଶକୁ ଫେରିଲେ। ଏହା ଏକ ଅଭ୍ୟାସଗତ ବ୍ୟବସ୍ଥାରେ ପରିଣତ ହେଲା। ସେହିପରି ଚଷା ପୁଅ ଚାଷକୁ ଭରସା ନ କରି ମାଟିକାଦୁଅରୁ ଦୂରେଇ ପାଠ ପଢ଼ି ଚାକିରି କରିବାକୁ ପସନ୍ଦ କଲା। ଅଧାପାଠୁଆ ଚଷା ପୁଅ ସୁରଟ, ଦିଲ୍ଲୀ, ଅହମଦାବାଦରେ ଦାଦନ ହେଉ କି ସୂତାକଳରେ କାମ ପାଇଁ ଘର ଛାଡ଼ିଲେ। ଏମାନଙ୍କ ମଧ୍ୟରୁ ଅନେକେ ଆରବ ଦେଶରେ ବିଭିନ୍ନ କମ୍ପାନୀରେ କାମ କରିବାକୁ ବାହାରିଗଲେ। ବିଦେଶକୁ ଯାଇ ରୋଜଗାର କରିବା ଫଳରେ ପରିବାରର ଆବଶ୍ୟକତା ସହଜରେ ପୂରଣ ହୋଇପାରିଲା। କିନ୍ତୁ କରୋନା ସଙ୍କଟରେ ସବୁ ଦୃଶ୍ୟପଟ ବଦଳିଗଲା। କାମ ଛାଡି ସଂଖ୍ୟାଧିକ ଯୁବକ ଜନ୍ମ ମାଟିକୁ ଫେରି ଆସିଲେ।

କରୋନା ଯୋଗୁ ଓଡ଼ିଶା ବାହାରେ କେତେ ଓଡ଼ିଆ ରହୁଥିଲେ ଜାଣିହେଲା। ଯୁବଶକ୍ତି ନିଜ ପରିବାର, ରାଜ୍ୟର ସର୍ବୋପରି ଦେଶର ଅସଲ ଶକ୍ତି। ସେମାନେ ଯେଉଁ ରାଜ୍ୟ ବା ଦେଶରେ କାମ କରିବେ ସେ ରାଜ୍ୟ ବା ଦେଶ ସମୃଦ୍ଧ ହେବ, ଯେମିତି ହୋଇଛି ଗୁଜରାଟ। କୁଶଳୀ ଓଡ଼ିଆ କାରିଗରମାନେ ସୁରଟରେ କାମ କରୁଛନ୍ତି। ସେଠାରେ ସୂତାକଳ ବସାଇଥିବା ମାଲିକମାନେ ସମୃଦ୍ଧ ହେଉଛନ୍ତି। ତେବେ ନିଜର ଯୋଗ୍ୟତା ଅନୁସାରେ ନିଜ ରାଜ୍ୟରେ କାମଧନ୍ଦାର ଅଭାବ ଯୋଗୁ ସେମାନେ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। କରୋନା ସମସ୍ତଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ପରେ ସେମାନଙ୍କ ପାଖରେ ଥିବା ସଞ୍ଚିତ ଧନ ଧୀରେ ଧୀରେ ସରିଆସିଲାଣି। ନିଜ ରାଜ୍ୟରେ କାମ ପାଇବା ଏବେ ମୁସ୍କିଲ। ଅଜାତିକି ବଣିଜ ଅଡୁଆ ପରି ଏଠାରେ ନୂଆବୃତ୍ତି ଆପଣାଇ ପାରୁନାହାନ୍ତି। ତେଣୁ ନିଜ ନିଜର ପୁରୁଣା ଜାଗାକୁ ଫେରିବାକୁ ଚାହୁଁଛନ୍ତି। କିନ୍ତୁ ପରିସ୍ଥିତି ସେ ସୁଯୋଗ ଏତେଶୀଘ୍ର ଦେବ ନାହିଁ।

ଆଜିକାଲିର ଯୁବପିଢ଼ି ଭଲ ଚାକିରି ଆଶାରେ ବ୍ୟୟବହୁଳ ପାଠ ପଢୁଛନ୍ତି। ପାଠ ସରିବା ପରେ ସମସ୍ତଙ୍କୁ ଚାକିରି ମିଳୁନାହିଁ। ଏହାଯୋଗୁ ସେମାନେ ମାନସିକ ଅବସାଦ ଭୋଗୁଛନ୍ତି। ଯଦିବା ଚାକିରି ମିଳୁଛି ସେମାନେ ଆଶାକରୁଥିବା ବେତନଠାରୁ କମ୍ ପାଉଛନ୍ତି। ରୋଜଗାର ଅଣ୍ଟୁନି। ଅଧିକ ରୋଜଗାର ଆଶାରେ ବୈବାହିକ ଜୀବନ ଆରମ୍ଭ କରିବା ପାଇଁ ବିଳମ୍ବ କରିବା ଲକ୍ଷ୍ୟ କରାଯାଉଛି। ଅର୍ଥ ଚିନ୍ତା ବିବାହ ବୟସ ଗଡ଼ାଇ ଦେଉଛି। ଚାକିରି ଓ ବାହାଘର ଚିନ୍ତାରେ ସେମାନଙ୍କ ମା'ବାପା ମଧ୍ୟ ବିଷାଦଗ୍ରସ୍ତ ହୋଇଯାଉଛନ୍ତି।

ଯୁବପିଢ଼ି ନିଜେ ଚାହୁଁଥିବା ପାଠ ନ ପଢ଼ି ଯଦି ପିତାମାତାଙ୍କ ରୁଚି ଅନୁସାରେ ପଢନ୍ତି ତେବେ ସେମାନେ ଶତ ପ୍ରତିଶତ ସଫଳତା ପାଇବେ ନାହିଁ। ସେହିପରି ପାଠ ସରିବା ପରେ ପରେ ଯଦି ଉପଯୁକ୍ତ ବୃତ୍ତି ନ ପାଇ ରୋଜଗାର ନ କରିପାରିଲେ ସେମାନେ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହେବା ଦେଖାଯାଉଛି। ଏବେ କରୋନା କଟକଣା ଭିତରେ ଯୁବକମାନେ ବାହାରେ ବୁଲି ମନ ପୂର୍ତ୍ତି କରିପାରୁନାହାନ୍ତି। ଜିମ୍ ଯାଇପାରୁ ନାହାନ୍ତି। ଏହା ମଧ୍ୟ ସେମାନଙ୍କ ମନରେ ଆଘାତ ଦେଇଛି। ଅବଶ୍ୟ ଏହାର ଅନ୍ୟ ସଫଳ ଦିଗଟି ହେଲା ଆବଶ୍ୟକତା ନ ଥାଇ ବାହାରେ ବୁଲିବା, ବଦଖର୍ଚ୍ଚ କରିବା, କୁସଙ୍ଗରେ ପଡ଼ି ନିଶାଗ୍ରସ୍ତ ହେବା- ଏସବୁ କମି ଯାଇଛି। ସେହିପରି ମଧ୍ୟ ରାସ୍ତା ଦୁର୍ଘଟଣା କମିଯାଇଛି। ଚାକିରି ପ୍ରସ୍ତୁତି ପାଇଁ କୋଚିଂ ସେଣ୍ଟରକୁ ଯାଇପାରୁ ନାହାନ୍ତି ସେମାନେ। ସେହିପରି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଯୁବତୀଯୁବକ ଶିକ୍ଷାନୁଷ୍ଠାନ ଯାଇପାରୁ ନାହାନ୍ତି। ତେଣୁ ଯୁବପିଢ଼ି ମାନସିକ ସନ୍ତୁଳନ ହରାଇ ବସିଛନ୍ତି। ପରିସ୍ଥିତି ଜୀବନଶୈଳୀ ବଦଳେଇଦିଏ। ଆମେ ସମସ୍ତେ ପରିସ୍ଥିତିର ଦାସ। ଭାଙ୍ଗିପଡ଼ିବା ଅନୁଚିତ। କରୋନା ସହିତ ସଂଘର୍ଷ ସବୁବେଳେ ରହିବ ନାହିଁ। ଝଡ଼ ଚାଲିଗଲାପରେ ସବୁ ପୁଣିଥରେ ଠିକ୍‌ଠାକ୍ ହୋଇଯିବ। ବିକାଶର ନୂଆ ଦିଗ ଦେଖାଯିବ। ଆମମାନଙ୍କର ନୀରୋଗ ଓ ନିରାପଦ ରହିବାର ସମସ୍ତ ଦାୟିତ୍ୱ ସରକାର ବହନ କରୁଛନ୍ତି। ଆମକୁ ସହଯୋଗ କରିବାକୁ ପଡ଼ିବ। ଗଣମାଧ୍ୟମରୁ ଆମେ ଦେଶ ବିଦେଶର ସ୍ଥିତି ଜାଣିପାରୁଛେ। ଆମକୁ ନଇଁ ନ ଯାଇ ସିଧାହୋଇ ଛିଡ଼ାହେବାକୁ ପଡ଼ିବ। କରୋନା ସହିତ ଲଢ଼ିବାକୁ ହେବ। ଯୁବାବସ୍ଥା ମଣିଷର ସବୁଠାରୁ ଶ୍ରେଷ୍ଠ ସମୟ। ଭାଙ୍ଗି ନ ପଡ଼ି ନିଜ ନିଜର ପରିବାର ସହ ରହି ଭାଇ, ଭଉଣୀ, ମାତାପିତାଙ୍କ ସହ ହସଖୁସିରେ ସମୟ ବିତେଇବାକୁ ପଡ଼ିବ। ନିଜ ପରିବାରର ରୋଜଗାର କେତେ ସେହି ଅନୁସାରେ ଖର୍ଚ୍ଚକୁ ଉଚିତ ଢଙ୍ଗରେ କରିବା ଭଲ। ବାହାରକୁ ନ ଯାଇ ଅଧ୍ୟୟନ କରିହେବ। ବାହାର ଖାଦ୍ୟ ଖାଇ ରୋଗ କିଣୁଥିବା ଯୁବତୀଯୁବକଙ୍କ ପାଇଁ କରୋନା ସମୟଟି ସ୍ୱାସ୍ଥ୍ୟପ୍ରଦ ସାବ୍ୟସ୍ତ ହୋଇଛି। ଘରେ ପ୍ରସ୍ତୁତ ଖାଦ୍ୟ ସେମାନଙ୍କ ପ୍ରିୟ ହୋଇଯାଇଛି। କେହି କେହି ଆସନ, ପ୍ରାଣାୟାମ, ଯୋଗ କରୁଛନ୍ତି। ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରହୁଛି। ଘର କାମରେ ସାହାଯ୍ୟ କରୁଛନ୍ତି। ନିଜ ସିଲାବସ୍ ବାହାରେ ଅନ୍ୟ ଉପାଦେୟ ପୁସ୍ତକ ପଢୁଛନ୍ତି। ଟିଭି ଏବେ ପାଠଶାଳାରେ ପରିଣତ ହୋଇଛି। ମନୋରଞ୍ଜନ ସହିତ ଅନ୍ୟାନ୍ୟ ବିଷୟରେ ଜ୍ଞାନ ଆହରଣ କରିହେଉଛି। ତେବେ ପୁସ୍ତକ ଅଧ୍ୟୟନ ପାଇଁ ଅଧିକ ସମୟ ଦେବା ଉଚିତ। କାରଣ ପୁସ୍ତକ ପରି ମିତ୍ର ନାହିଁ। ଏସବୁ ସତ୍ତ୍ୱେ ଆଜିର ଯୁବପିଢ଼ି କରୋନା ପାଇଁ ଅବସାଦରେ ରହୁଥିବାର ଦେଖାଯାଉଛି। ଅବସାଦରେ ରହିବାର ଆବଶ୍ୟକତା ନାହିଁ। ଆୟୁଷ ମନ୍ତ୍ରଣାଳୟ ତରଫରୁ ଦିଆଯାଉଥିବା ପରାମର୍ଶ ଅନୁସାରେ ନିଜକୁ ଫିଟ୍ ରଖିପାରିବେ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ: ୯୪୩୭୩୦୫୦୪୫

## ଏଇ ଭାରତରେ

ଶିକ୍ଷା ସମ୍ପର୍କିତ ୟୁଟ୍ୟୁବ୍ ଚ୍ୟାନେଲ 'କଥଡି' ମାଧ୍ୟମରେ ଆଦିବାସୀ ପିଲାଙ୍କୁ ଶିକ୍ଷା ଦେବାରେ ଲାଗିଛନ୍ତି ଦୀପକ ଚନ୍ଦ୍ର ଓ ମାୟା ନାଥନ୍। ଏହି ଦମ୍ପତି ଆଇଆଇଟି ମାଡ୍ରାସରୁ ଡିଗ୍ରୀ ହାସଲ କରିବା ପରେ ଗତ ଦୁଇବର୍ଷ ହେବ ବିଶ୍ୱଭାରତୀ ବିଦ୍ୟୋଦୟା ଟ୍ରଷ୍ଟ (ଭିବିଭିଟି) ସହ ସାମିଲ ହୋଇ ଏହି କାର୍ଯ୍ୟ କରୁଛନ୍ତି। ଭିବିଭିଟି ତାମିଲନାଡୁ ଗୁଡାଲୁର୍‌ର ଆଦିବାସୀଙ୍କ ପିଲାମାନଙ୍କୁ ମାଗଣାରେ ବିଦ୍ୟୋଦୟା ସ୍କୁଲ ମାଧ୍ୟମରେ ଶିକ୍ଷା ଦେଉଛି। ଆଇଆଇଟିରୁ ଡିଗ୍ରୀ ହାସଲ କରିବା ପରେ ଦୀପକ ଓ ମାୟା ଟିଚ୍ ଫର୍ ଇଣ୍ଡିଆ ଫେଲୋଶିପରେ ଚେନ୍ନାଇର ଏକ ସରକାରୀ ସ୍କୁଲରେ ପଢାଇବା ସମୟରେ ଗାଁ ଓ ସହରର ଶିକ୍ଷା ବ୍ୟବସ୍ଥାରେ ଥିବା ପାର୍ଥକ୍ୟକୁ ଜାଣିପାରିଥିଲେ। ଏହାପରେ ସେମାନେ ଗୁଡାଲୁରସ୍ଥିତ ବିଦ୍ୟୋଦୟା ସ୍କୁଲ ସହ ସାମିଲ ହୋଇଥିଲେ। ୧୯୯୬ରେ ଏହି ସ୍କୁଲ ପ୍ରତିଷ୍ଠା ହେବା ପରେ ଆଦିବାସୀ ସମ୍ପ୍ରଦାୟରୁ ୧୫ ଜଣ ଲୋକଙ୍କୁ ପଢାଇବା ଲାଗି ପ୍ରଶିକ୍ଷଣ ଦିଆଯାଇଥିଲା। ଭାଷାଗତ ବାଧକ ଥିବାରୁ ପିଲାମାନେ ଗଣିତ ଓ ବିଜ୍ଞାନ ବୁଝିପାରୁ ନ ଥିଲେ। ଏଣୁ ୨୦୧୯ରେ ଏହି ଦମ୍ପତି କଥଡି ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରି ବିଭିନ୍ନ ପରୀକ୍ଷା ଓ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷା ଦେବା ଆରମ୍ଭ କରିଛନ୍ତି। ଉକ୍ତ ଚ୍ୟାନେଲରେ ୯୦ଟି ଭିଡ଼ିଓ ରହିଛି ଓ ଏହାର ୪୦୦ ସବ୍‌ସ୍କ୍ରାଇବର ରହିଛନ୍ତି। ତାମିଲନାଡୁ ସରକାରଙ୍କ ସିଲାବସ୍ ଅନୁଯାୟୀ ଏମାନେ ଶିକ୍ଷା ଦେଉଛନ୍ତି। ଲକ୍‌ଡାଉନରେ ସବୁ ପରିବାରକୁ ସ୍ମାର୍ଟ ଫୋନ୍ ଯୋଗାଇଦେବା ସମ୍ଭବ ନ ହେବାରୁ ଏବେ ୭୦ ପ୍ରତିଶତ ପିଲା ଉପକୃତ ହେଉଛନ୍ତି। ଏହି ଦମ୍ପତି ଦଶମରୁ ଦ୍ୱାଦଶ ପିଲାଙ୍କୁ ୟୁଟ୍ୟୁବ୍ ମାଧ୍ୟମରେ ଶିକ୍ଷା ଦେବା ପାଇଁ ଯୋଜନା କରିଛନ୍ତି। ସ୍କୁଲରେ ତିନୋଟି ଆଦିବାସୀ ସମ୍ପ୍ରଦାୟର ୮୩ ପିଲା ପଢୁଛନ୍ତି। ୫ ଜଣ ଶିକ୍ଷକ ଓ ୩ ଜଣ ସ୍ୱେଚ୍ଛାସେବୀ ଶିକ୍ଷକ ମଧ୍ୟ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଅଗଷ୍ଟ ୧୯୯୫

- ଶ୍ରୀଲଙ୍କା ସୈନ୍ୟବାହିନୀ ଆକ୍ରମଣରେ ଏଲ୍‌ଟିଟିଇ ଆତ୍ମଘାତୀ ମହିଳା ବାହିନୀର ୨ ସଦସ୍ୟଙ୍କ ସମେତ ମୋଟ୍ ୧୨୮ ମହିଳା ସଦସ୍ୟଙ୍କ ମୃତ୍ୟୁ।
- ରାଜନୈତିକ କାରଣରୁ ଇରାକ ମଧ୍ୟରେ ଏବଂ ଇରାକ ବାହାରେ ବନ୍ଦୀ ଥିବା ସମସ୍ତ ଇରାକୀ ନାଗରିକଙ୍କୁ ରାଷ୍ଟ୍ରପତି ସଦ୍ଦାମ ହୁସେନ ସର୍ବକ୍ଷମା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 0 | 6 | 5 | | C | | | 1 | | | | | |
| | | 4 | | 7 | | | | 5 | D | | | | 9 | |
| A | | | | | 3 | | 2 | E | | | | | | 4 |
| | | | | | | | 8 | | | 2 | | | | |
| | | | 4 | E | 0 | | 9 | | | 7 | | | | |
| 5 | | E | | | C | B | 3 | A | | | | | D | |
| 2 | 6 | | | 8 | A | | 0 | | | C | | 3 | | 7 |
| | | C | | 0 | 2 | | | D | A | 9 | | | | |
| | | | | | | | | 7 | B | | | 9 | | |
| | | 7 | | | | | | | 3 | D | | 1 | | |
| | | | | A | B | 9 | | | C | | | E | 6 | |
| | | | | | | 4 | | 3 | 9 | | | | B | 0 |
| | | | | 4 | | | C | | | A | | | 5 | |
| 8 | | | 0 | 1 | | | 5 | | | | E | 2 | | D |
| | 1 | D | 9 | | | | B | 0 | 2 | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 8 | E | A | 0 | 9 | 1 | C | 6 | 7 | 2 | 3 | B | 5 | 4 |
| 4 | C | 3 | 6 | E | 7 | 0 | 2 | 8 | 1 | B | 5 | A | D | 9 |
| 2 | 6 | A | D | B | 5 | 4 | 9 | 7 | 8 | E | 0 | 3 | C | 1 |
| 7 | 9 | 0 | 1 | 4 | 2 | 3 | B | 5 | C | D | A | 6 | E | 8 |
| B | 1 | 5 | 8 | C | 3 | A | D | E | 9 | 4 | 6 | 0 | 2 | 7 |
| C | D | 8 | 3 | 1 | B | 6 | 7 | 4 | 0 | 5 | E | 2 | 9 | A |
| 6 | B | 1 | 4 | 5 | D | E | A | 3 | 2 | 8 | 9 | 7 | 0 | C |
| 9 | E | 2 | C | 7 | 8 | D | 0 | B | A | 1 | 4 | 5 | 3 | 6 |
| 3 | 5 | 4 | 0 | 2 | A | C | 1 | 9 | B | 6 | 7 | D | 8 | E |
| 0 | A | 7 | 9 | 6 | E | 8 | 5 | 2 | 3 | C | D | 4 | 1 | B |
| 1 | 4 | B | 7 | 9 | 6 | 5 | 3 | C | D | 0 | 8 | E | A | 2 |
| 8 | 2 | 6 | E | 3 | 0 | 7 | 4 | 1 | 5 | A | C | 9 | B | D |
| E | 3 | D | B | A | C | 2 | 6 | 0 | 4 | 9 | 1 | 8 | 7 | 5 |
| 5 | 0 | C | 2 | D | 4 | 9 | 8 | A | E | 7 | B | 1 | 6 | 3 |
| A | 7 | 9 | 5 | 8 | 1 | B | E | D | 6 | 3 | 2 | C | 4 | 0 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଡାକ୍ତରଙ୍କ କ୍ଲିନିକ୍

ମହାଶୟ,

ବେସରକାରୀ ହସ୍ପିଟାଲ କରୋନା ରୋଗୀଙ୍କୁ ସଂକ୍ରମଣ ବ୍ୟାପିବା ଭୟରେ ଆଡମିଶନ୍ ନ କରି ଫେରାଇ ଦେଉଥିବାବେଳେ ଏପରି କ୍ଷେତ୍ରରେ ୧୦୦ ନମ୍ବରକୁ ଯୋଗାଯୋଗ କରିବାକୁ କୁହାଯାଉଛି। ସେହିପରି ଘରୋଇ ଚିକିତ୍ସକମାନେ ରୋଗୀ ଦେଖିବାବେଳେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ କ୍ଲିନିକ୍‌ରେ ଜନଗହଳି ହେଉଥିବାବେଳେ ମାସ୍କ ବ୍ୟବହାର, ସାମାଜିକ ଦୂରତା କି ସାନିଟାଇଜିଂ ଆଦିକୁ ଅଣଦେଖା କରି କେବଳ ଫି' ଆଦାୟରେ ବ୍ୟସ୍ତ ରହୁଥିବା ଦେଖାଯାଉଛି। ଏହା ଫଳରେ ରୋଗୀମାନଙ୍କ ମଧ୍ୟରେ କରୋନା ସଂକ୍ରମିତ ଥିଲେ ସେଠାରେ ଉପସ୍ଥିତ ଥିବା ଅନ୍ୟ ସମସ୍ତ ରୋଗୀ ଓ ସେମାନଙ୍କ ସହାୟକମାନେ ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସରକାରୀ ଡାକ୍ତର ପ୍ରାକ୍ଟିସ କରିବାକୁ ବାରଣ ନ ଥିଲେ ହେଁ କୋଭିଡ୍ ମାର୍ଗଦର୍ଶିକା କଡ଼ାକଡ଼ିଭାବେ ପାଳନ କରିବା ଦରକାର। ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଏ ବିଷୟରେ ତଦାରଖ କଲେ ଜାଣିପାରିବେ। ସରକାର ଜଣେ ସଂକ୍ରମିତଙ୍କ କୋଭିଡ୍ ପରୀକ୍ଷା ପଜିଟିଭ ବାହାରିଲେ ସେ ବାସକରୁଥିବା ସ୍ଥାନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରୁଛନ୍ତି। ତେବେ ଏପରି କ୍ଷେତ୍ରରେ ହୁଗୁଳା ମନୋଭାବ ସ୍ପୃହଣୀୟ ନୁହେଁ ବୋଲି ଧାରଣା ହେବା ସ୍ୱାଭାବିକ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗିରିପରେ ପୁଣି ଉଠିଥିଲା ଗିରି-ଲହରୀ
ଜଟିଳ ପଥରେ ମଟର ଚାଲଇ ପହଁରି
ତଳେ କାହିଁ ଧାଏଁ କୁଟିଳ ଝରଣା
ଚାହିଁଲେ ଚକିତ ହୁଏ କଳପନା
ଛାତି ଚିରି ତହିଁ ଗୀତ ଉଠିଥିଲା ମୋହରି
ଗିରି ପରେ ଗିରି ତଥି ପରେ ଗିରି-ଲହରୀ !
(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ପାରାଦୀପ- ହରିଦାସପୁର ରେଳପଥ**

# ଗଡ଼ିଲା ମାଲବାହୀ ଟ୍ରେନ୍

## ନୂଆଗାଁ ଷ୍ଟେଶନରେ ବିରୋଧ

- ଯାତ୍ରୀବାହୀ ରେଳ ଚଳାଚଳ ଦାବି
- କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ରେଲରୋକୋ

ପାରାଦୀପ(ସ୍ୱ.ପ୍ର.)/ କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ/ ମହାକାଳପଡ଼ା (ଡି.ଏନ୍.ଏ),୩୧।୭

ଦୀର୍ଘ ୨୧ ବର୍ଷର ପ୍ରତୀକ୍ଷା ପରେ ଶୁକ୍ରବାର ପ୍ରଥମ କରି ପାରାଦୀପ-ହରିଦାସପୁର ରେଳପଥରେ ମାଲବାହୀ ଟ୍ରେନ୍ ଚଳାଚଳ ହୋଇଛି। ପାରାଦୀପରୁ ୫୨୮୨ ଟନ୍ କୋଇଲା ବୋଝେଇ ଏକ ଟ୍ରେନ୍ (ଏନ୍-ଏମ୍ଏଲ/ଏଚଏସ୍‌ପିଜି ୨୨)କୁ ପରୀକ୍ଷାମୂଳକ ଭାବେ ରାଉରକେଲା ଅଭିମୁଖେ ଛଡ଼ାଯାଇଛି। ପୂର୍ବତଟ ରେଳୱେ ଖୋର୍ଦ୍ଧା ଡିଭିଜନର ଏରିଆ ମ୍ୟାନେଜର ଆର. ମନୋଜ ବାବୁ ପାରାଦୀପ ରଙ୍ଗିଆଗଡ଼ ଷ୍ଟେସନରେ ପୂର୍ବାହ୍ନ ୧୧ଟା୧୫ରେ ପତାକା ଦେଖାଇ ଏହି ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିଥିଲେ। ଏହା ଭାୟା ହରିଦାସପୁର ହୋଇ ରାଉରକେଲା ଯିବାର ଥିଲା। ତେବେ ଟ୍ରେନ୍ କେନ୍ଦ୍ରାପଡ଼ା ଜିଲାର ନୂଆଗାଁ ଷ୍ଟେସନଠାରେ ପହଞ୍ଚିବାପରେ ଲୋକେ ପ୍ରଥମେ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ଦାବି କରି ତାହାକୁ ଅଟକାଇ ଥିଲେ। ଲୋକେ ଜିଦ୍‌ରେ ଅଟଳ ରହିବାରୁ ମାଲବାହୀ ଟ୍ରେନ୍ ପାରାଦୀପ ଫେରି ଯାଇଥିଲା। ପୁଣି ତାହାକୁ ରାତି ପ୍ରାୟ ୯ଟାରେ କଟକ ରୁଟ୍‌ରେ ଗନ୍ତବ୍ୟସ୍ଥଳ ଅଭିମୁଖେ ଛଡ଼ାଯାଇଥିଲା।

କେନ୍ଦ୍ରାପଡ଼ା ଜିଲାରେ ଆନୁଷ୍ଠାନିକ ଭାବେ ରେଳ ଚଳାଚଳ ହୋଇନାହିଁ। କିନ୍ତୁ ମହାକାଳପଡ଼ା ବ୍ଲକ ନୂଆଗାଁଠାରେ ଜିଲାର ପ୍ରଥମ ରେଲରୋକୋ ଆନ୍ଦୋଳନ ହୋଇଛି। ଆନ୍ଦୋଳନକାରୀମାନେ ଜିଲାରେ ମାଲବାହୀ ପରିବର୍ତ୍ତେ ଯାତ୍ରୀବାହୀ ରେଳ ପ୍ରଥମେ ଗଡ଼ୁ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ପିଆରଓ ନିରାକାର ଦାସ କହିଛନ୍ତି, ଏହା ମାଲବାହୀ ଟ୍ରେନ୍‌ର ଟ୍ରାଏଲ ରନ୍। ଏହାଦ୍ୱାରା ନିରାପତ୍ତାଜନିତ କାର୍ଯ୍ୟକୁ ତଦାରଖ କରାଯାଇ ସଂଶୋଧିତ ହୋଇଥାଏ। ପଣ୍ୟ ପରିବହନ ଏହି ରେଳପଥର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ରେଲୱେ ବୋର୍ଡର ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।



ମହାକାଳପଡ଼ା ବ୍ଲକ ନୂଆଗାଁ ଷ୍ଟେଶନରେ ରେଳରୋକୋ କରାଯାଇଛି।

ହରିଦାସପୁର-ପାରାଦୀପ ନୂଆ ବ୍ରଡ଼ଗେଜ୍ ରେଳପଥ କାର୍ଯ୍ୟକାରୀ ହେଲେ କେନ୍ଦ୍ରାପଡ଼ା ଜିଲା ରେଳ ମାନଚିତ୍ରରେ ରାଜ୍ୟର ୨୬ତମ ଜିଲା ହେବ। ୮୨ କିଲୋମିଟର ଏହି ଫାଟକ ବିହୀନ ରେଳପଥ ପ୍ରକଳ୍ପକୁ ୧୯୯୬ରେ ତତ୍କାଳୀନ ରେଳମନ୍ତ୍ରୀ ରାମବିଳାସ ପାଶ୍ୱାନ ମଞ୍ଜୁରୀ ଦେଇଥିଲେ। ୧୯୯୯ ଏପ୍ରିଲରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇଠାରେ ତତ୍କାଳୀନ ରେଳମନ୍ତ୍ରୀ ନୀତୀଶ କୁମାର ଶିଳାନ୍ୟାସ କରିଥିଲେ। ୨୦୧୨ରେ ରେଳପଥ ଲାଗି ପ୍ରଥମଥର ପାଇଁ ୧୮୭ କୋଟି ଟଙ୍କା ଆସିଥିବା ବେଳେ ୨୦୨୦ ଜୁନ ସୁଦ୍ଧା ନିର୍ମାଣ କାର୍ଯ୍ୟରେ ୨୩୩୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହରିଦାସପୁର ଷ୍ଟେଶନ ସମେତ ରେଳପଥରେ ୧୧ଟି ଷ୍ଟେଶନ ରହିଛି। ଏଥିପାଇଁ ମୋଟ ୧୭୪୪ ଏକର ଜମି ଅଧିଗ୍ରହଣ ହୋଇଛି। ଏଥିରେ ୮୬ ଗ୍ରାମର ୧୫୦୩ ଏକର ଜମି ଅଧିଗ୍ରହଣ ହୋଇଥିବାବେଳେ ସରକାରୀ ଜମି ୨୩୫ ଏକର ଓ ଅବଶିଷ୍ଟ ଜଙ୍ଗଲ ଜମି ରହିଛି। ରେଳପଥରେ ୬୮ଟି ଅଣ୍ଡର ରୋଡ୍ ବ୍ରିଜ୍, ୧୮୭ ଛୋଟ ବ୍ରିଜ୍, ୨୯ ବଡ଼ ବ୍ରିଜ୍ ସହିତ ଲୁଣା ଓ ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହୋଇଛି। ପ୍ରାଥମିକ ସ୍ତରରେ ରେଳପଥରେ ମାଲବାହୀ ରେଳ ଚଳାଚଳ ପାଇଁ ଯୋଜନା ହୋଇଛି। ତେବେ କେନ୍ଦ୍ରାପଡା ଜିଲାରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଏମ୍‌ପି ଅନୁଭବ ପଟ୍ଟନାୟକ ପ୍ରମୁଖ ଯାତ୍ରୀବାହୀ ରେଳ ଚାଳନାକୁ ଗୁରୁତ୍ୱ ଦେଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ସମର୍ଥନ କରିଛନ୍ତି। ଜିଲାସ୍ତରରେ ବିଜେପି ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଭୁବନମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ପୀୟୁଷ ଗୋସ୍ୱାମୀ ଓ ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଛନ୍ତି। ଏଥିସହିତ ଜିଲା ଆଇନଜୀବୀ ସଂଘର ଆଇନଜୀବୀ ସଞ୍ଜୟ ଜେନାଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଶୁକ୍ରବାର ଦାବିପତ୍ର ଦିଆଯାଇଛି।

# ଜୁଲାଇରେ ୨୪,୮୧୨ ଆକ୍ରାନ୍ତ, ୧୫୨ ମୃତ

**ସବୁ ଆକଳନ ଟପିଗଲା**

- ଆଉ ୧,୪୯୯ ପଜିଟିଭ୍, ୮ ଜୀବନ ଗଲା
- ମୋଟ ଆକ୍ରାନ୍ତ ସଂଖ୍ୟା ୩୧,୮୭୭, ମୃତ୍ୟୁ ୧୭୭
- ଗଞ୍ଜାମରେ ୧୦ହଜାର ପାର୍ କଲା ସଂକ୍ରମଣ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ଜୁଲାଇକୁ ନେଇ ସତର୍କ କରାଇଥିଲେ ରାଜ୍ୟ ସରକାର। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦ହଜାର ଛୁଇଁବା ସହ ମୃତ୍ୟୁ ୧୦୦ ଟପିବ ବୋଲି ବିଶେଷଜ୍ଞମାନେ ଆକଳନ କରିଥିଲେ। ଆରମ୍ଭରୁ ସଂକ୍ରମଣର ହଠାତ୍ ଲମ୍ଫଝମ୍ପ ଦେଖି ସରକାର ମାସ ଅଧାରୁ ହଟ୍‌ସ୍ପଟ ୪ ଜିଲା ଗଞ୍ଜାମ, ଖୋର୍ଦ୍ଧା, କଟକ, ଯାଜପୁର ସମେତ ରାଉରକେଲାକୁ ଲକ୍‌ଡାଉନ୍ ଘୋଷଣା କଲେ। କରୋନାକୁ କାବୁ କରିବା ପାଇଁ ବିଭିନ୍ନ ରଣକୌଶଳ ଆପଣାଇଲେ। ହେଲେ ଏହି ଘାତକ ମହାମାରୀ ସବୁ କଟକଣା ଡେଇଁ ହୁହୁ ହୋଇ ମାଡ଼ି ଚାଲିଛି। ଶେଷ ୨୪ ଘଣ୍ଟାରେ ୧୪୯୯ ନମୁନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧,୮୭୭ ଛୁଇଁଥିବାବେଳେ ୧୭୭ଜଣଙ୍କ ଜୀବନ ଯାଇଛି, ଯାହା ବିଶେଷଜ୍ଞଙ୍କ ସବୁ ଆକଳନକୁ ଟପିଯାଇଛି। ତେବେ କେବଳ ଜୁଲାଇରେ ୨୪,୮୧୨ଜଣ ସଂକ୍ରମିତ ହୋଇଛନ୍ତି ଓ ୧୫୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

ବିଭାଗୀୟ ତଥ୍ୟ ଅନୁସାରେ, ମାର୍ଚ୍ଚ ୧୫ରେ ରାଜ୍ୟର ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସାଢ଼େ ୩ ମାସରେ ଅର୍ଥାତ୍ ଜୁନ୍ ୩୦ ବେଳକୁ ମୋଟ ସଂକ୍ରମିତ ସଂଖ୍ୟା ୭,୦୬୫ ରହିଥିବାବେଳେ ମୃତ୍ୟୁ ସଂଖ୍ୟା ୨୫ ଥିଲା। କିନ୍ତୁ ଜୁଲାଇ ମାସରେ ସଂକ୍ରମଣ ୪ଗୁଣରୁ ଅଧିକ ଓ ମୃତ୍ୟୁ ୭ଗୁଣ ବଢ଼ିଗଲା। ପୂର୍ବରୁ ସରକାର କହିଥିଲେ ଜୁଲାଇରେ ଶିଖରରେ ପହଞ୍ଚିବ ସଂକ୍ରମଣ। ହେଲେ ବର୍ତ୍ତମାନର ସ୍ଥିତିକୁ ଦେଖି ଅଗଷ୍ଟ ଓ ଆଗାମୀ ଦିନ ପାଇଁ ମଧ୍ୟ ସତର୍କ ଘଣ୍ଟି ବାଜି ସାରିଲାଣି। ଏପରିସ୍ଥଳେ ଆହୁରି ସତର୍କ ଓ ସଚେତନ ରହିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ ୨୯ ଜିଲାରୁ ନୂଆ ଆକ୍ରାନ୍ତ ହୋଇଥିବା ୧,୪୯୯ଜଣଙ୍କ ମଧ୍ୟରୁ ୯୧୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୫୮୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗଞ୍ଜାମରୁ ସର୍ବାଧିକ ୩୬୮ଜଣ ଚିହ୍ନଟ ହୋଇଥିବାରୁ ଏବେ ଏହି ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୧୦ହଜାର ଟପିଯାଇଛି। ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୩୨.୫% କେବଳ ଗଞ୍ଜାମ ଜିଲାରୁ ରହିଛନ୍ତି। ଏହି ଜିଲାରେ ବର୍ତ୍ତମାନ ସଂକ୍ରମିତ ସଂଖ୍ୟା ୧୦,୩୬୪ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୯୪କୁ ଛୁଇଁଛି। ସେହିପରି ଖୋର୍ଦ୍ଧାରୁ ଆଉ ୨୧୪ଜଣ ଚିହ୍ନଟ ହୋଇଥିବାବେଳେ ଗଜପତିରୁ ୯୭, ଢେଙ୍କାନାଳ ୯୨, କୋରାପୁଟ ୮୧, ସୁନ୍ଦରଗଡ଼ ୭୫, ନୟାଗଡ଼ ୬୭, ସମ୍ବଲପୁର ୫୬, କନ୍ଧମାଳ ୫୦, କଳାହାଣ୍ଡି ୪୪, ରାୟଗଡ଼ା ୪୦, ବାଲେଶ୍ୱର ୩୭, ପୁରୀ ୩୬, ନବରଙ୍ଗପୁର ୩୩, କଟକ ୨୮, ମାଲକାନଗିରି ୨୬, ଅନୁଗୋଳ ୨୫, ବଲାଙ୍ଗୀର ଓ ଯାଜପୁରରୁ ୧୯ଜଣ ଲେଖାଏ, କେନ୍ଦୁଝର ୧୬, ଜଗତ୍‌ସିଂହପୁର ୧୫, କେନ୍ଦ୍ରାପଡ଼ା ୧୪, ମୟୂରଭଞ୍ଜ ୧୩, ବରଗଡ଼ ୧୦, ନୂଆପଡ଼ା ୯, ଝାରସୁଗୁଡ଼ା ୭, ସୋନପୁର ୫, ଦେବଗଡ଼ ୨ ଏବଂ ଭଦ୍ରକରୁ ଜଣେ ରହିଛନ୍ତି।

ସେହିପରି ରାଜ୍ୟରେ ଆଖି ବୁଜିଥିବା ଆଉ ୮ଜଣଙ୍କ ମଧ୍ୟରେ ଗଞ୍ଜାମରୁ ୪ଜଣ ଥିବାବେଳେ ଖୋର୍ଦ୍ଧା, ନୟାଗଡ଼, ଗଜପତି, ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ନୟାଗଡ଼ ଓ ଗଜପତିରେ ଦୁଇ ମହିଳା ଏବଂ ଅନ୍ୟ ସମସ୍ତ ମୃତକ ପୁରୁଷ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷରେ ଆଉ ୭୭୨ଜଣ କରୋନାରୁ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ମୋଟ ଆରୋଗ୍ୟ ସଂଖ୍ୟା ୨୦,୫୧୭ ଛୁଇଁଛି।

# ୯ ଜେଲରେ କ୍ଷମତାଠୁ ଅଧିକ କଏଦୀ

- ଉଚ୍ଚ କ୍ଷମତାସମ୍ପନ୍ନ କମିଟି ବୈଠକ
- ୬୩ କଏଦୀ କରୋନାର ଶିକାର
- ନୂଆ କଏଦୀଙ୍କ କୋଭିଡ୍ ଟେଷ୍ଟକୁ ପ୍ରାଥମିକତା
- ଜେଲରେ ହେବ କୋଭିଡ୍ କେୟାର ସେଣ୍ଟର, ସଙ୍ଗରୋଧ କେନ୍ଦ୍ର

କଟକ ଅଫିସ,୩୧।୭

ଜେଲ୍‌ରେ କରୋନା ସଂକ୍ରମଣ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ବୈଠକ ଭିଡିଓ କନଫରେନ୍ସରେ ଆୟୋଜିତ ହୋଇଛି। ଜେଲ୍‌ରେ କ୍ଷମତାଠାରୁ ଅଧିକ କଏଦୀ ରହିବା, ଜେଲ୍‌ରେ ସଙ୍ଗରୋଧ କେନ୍ଦ୍ର, କୋଭିଡ୍ କେୟାର ସେଣ୍ଟର କରାଯିବା, ନୂଆ କଏଦୀଙ୍କ କୋଭିଡ୍ ଟେଷ୍ଟ, ଉତ୍ତମ ଚିକିତ୍ସା ସୁବିଧା ପ୍ରଦାନ ଓ ଜେଲ୍‌ରେ ଭିଡିଓ କନଫରେନ୍ସିଂ ବ୍ୟବସ୍ଥା ପାଇଁ ଏଥିରେ ଗୁରୁତ୍ୱାରୋପ କରାଯାଇଛି।

ହାଇକୋର୍ଟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ ସଞ୍ଜୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଡିଜି (ଜେଲ୍) ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଥିଲେ ଯେ ସର୍ବଶେଷ ତଥ୍ୟ ମୁତାବକ ୬୩ ଜଣ କଏଦୀ କରୋନା ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଟକ ସର୍କଲ ଜେଲ୍‌ର ୮, ପୁରୀ ଜିଲା ଜେଲ୍‌ର ୧, ଖୋର୍ଦ୍ଧା ସବ୍-ଜେଲ୍‌ର ୬, ବ୍ରହ୍ମପୁର ସର୍କଲ ଜେଲ୍‌ର ୩୬, କୋଦଳା ସବ୍-ଜେଲ୍‌ର ୧୨ ଜଣ ରହିଛନ୍ତି। ବର୍ତ୍ତମାନ ବିଭିନ୍ନ ଜେଲ୍‌ରେ ୨୧୧୨ ଜଣ କଏଦୀ ସଙ୍ଗରୋଧରେ ଅଛନ୍ତି। ଜେଲ୍‌ଗୁଡ଼ିକର ସ୍ଥିତି ନେଇ ଜିଲା ଜଜ୍‌ମାନେ କମିଟିକୁ ରିପୋର୍ଟ ଦେଇଛନ୍ତି। ସେହି ଅନୁଯାୟୀ ଜେଲ୍‌ରୁ ଭିଡ଼ କମାଇବା ପାଇଁ ପଦକ୍ଷେପ ନିଆଯାଇଛି। ପାରୋଲ ଓ ଜାମିନ ଦିଆଯାଇଛି। କିନ୍ତୁ ୯ଟି ଜେଲ୍‌ରେ ଏବେ ବି କ୍ଷମତାଠାରୁ ଅଧିକ କଏଦୀ ରହିଛନ୍ତି। ସେଗୁଡ଼ିକ ହେଲା ନୂଆପଡ଼ା ସବ୍ ଜେଲ୍, ଫୁଲବାଣୀ ଜିଲା ଜେଲ୍, ବାଲିଗୁଡ଼ା ସବ୍ ଜେଲ୍, ଝାରସୁଗୁଡ଼ା ସବ୍ ଜେଲ୍, ବୌଦ୍ଧ ସବ୍ ଜେଲ୍, ଯାଜପୁର ସବ୍ ଜେଲ୍, ଭବାନିପାଟଣା ଜିଲା ଜେଲ୍, ଧର୍ମଗଡ଼ ସବ୍ ଜେଲ୍ ଓ ସମ୍ବଲପୁର ଜିଲା ଜେଲ୍। ସମ୍ବଲପୁର ଜିଲା ଜେଲ୍ କ୍ଷମତା ୬୦୪ ଥିବାବେଳେ ୬୯୦ ଜଣ କଏଦୀ ରହିଛନ୍ତି। କେତେକ କଏଦୀଙ୍କୁ ଅନ୍ୟ ଜେଲ୍‌କୁ ପଠାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଅଧିକାଂଶ ଜେଲ୍‌ରେ ସଙ୍ଗରୋଧ ୱାର୍ଡ଼ ଗଠନ କରାଯାଇଛି। କିନ୍ତୁ ଆଠଗଡ଼ ଓ ବଡ଼ମ୍ବା ସବ୍-ଜେଲ୍‌ରେ ତାହା ନାହିଁ। ସନ୍ଦିଗ୍ଧ କଏଦୀଙ୍କୁ ଚୌଦ୍ୱାର ସର୍କଲ୍ ଜେଲ୍ ଓ ନରସିଂହପୁର ସବ୍ ଜେଲ୍‌କୁ ପଠାଯାଇଛି। ତେଣୁ ସମସ୍ତ ଜେଲ୍‌ରେ ସଙ୍ଗରୋଧ ବ୍ୟବସ୍ଥା କରିବା ପାଇଁ ଡିଜି (ଜେଲ୍)ଙ୍କୁ ନିର୍ଦ୍ଦେଶ ହୋଇଛି। ବ୍ରହ୍ମପୁର ସର୍କଲ୍ ଜେଲ୍‌କୁ କୋଭିଡ୍ କେୟାର୍ ସେଣ୍ଟର କରାଯାଇଛି। ଗଞ୍ଜାମ ଜିଲାର ଭଞ୍ଜନଗର, ଛତ୍ରପୁର, ଆସିକା, କୋଦଳା, ସୋରଡ଼ା ଓ ଦିଗପହଣ୍ଡି ଜେଲ୍‌ରେ ମଧ୍ୟ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କଏଦୀଙ୍କ ସ୍ୱାବ୍ ସଂଗ୍ରହ ଓ ରିପୋର୍ଟ ଠିକ୍‌ରେ ହେଉନାହିଁ। ନୂଆ କଏଦୀଙ୍କ କୋଭିଡ୍ ଟେଷ୍ଟ କରାଯାଉ ନାହିଁ। ଏ ଦିଗରେ ପଦକ୍ଷେପ ପାଇଁ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ହୋଇଛି। ଭିଡିଓ କନଫରେନ୍ସ ଜରିଆରେ ଶୁଣାଣି ପାଇଁ ଜେଲ୍‌ରେ ବ୍ୟବସ୍ଥା କରାଯାଇଛି। ଜି. ଉଦୟଗିରି ସବ୍ ଜେଲ୍‌ରେ ଏହି ବ୍ୟବସ୍ଥା ନ ଥିବାବେଳେ ସମ୍ବଲପୁର ଜେଲ୍‌ରେ ତାହା ଅକାମୀ ପଡ଼ିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ପାଇଁ କୁହାଯାଇଛି।

# ବିଶାଲଙ୍କୁ ଓଡ଼ିଆ ସାହିତ୍ୟ, ଭାଷା ଓ ସଂସ୍କୃତି ବିଭାଗ ଦାୟିତ୍ୱ



ବିଶାଲ ଦେବ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ୫ ବର୍ଷିଆ ଡେପୁଟେଶନ ଅବଧି ଶେଷ ହୋଇଯାଉଛି। ତାଙ୍କ ଡେପୁଟେଶନ ଅବଧି ଶେଷ ହେବାପରେ ତାଙ୍କୁ ନିଜ ଆଇଆର୍‌ଏସ୍ କ୍ୟାଡରକୁ ରାଜ୍ୟ ସରକାର ଫେରାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ସ୍ଥାନରେ ପର୍ଯ୍ୟଟନ ଓ କ୍ରୀଡ଼ା ସଚିବ ବିଶାଲ ଦେବଙ୍କୁ ଅତିରିକ୍ତ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଭାବେ ଦାୟିତ୍ୱ ମିଳିବ। ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ମନୋରଞ୍ଜନ ପାଣିଗ୍ରାହୀ ଦିଲ୍ଲୀରୁ ଓଡ଼ିଶାକୁ ୫ ବର୍ଷିଆ ଡେପୁଟେଶନରେ ଆସିଥିଲେ। ତାଙ୍କ ଡେପୁଟେଶନ ଅବଧି ଅଗଷ୍ଟ ୪ରେ ଶେଷ ହେବ। ମାତ୍ର ଏହି ସମୟ ପୂରିବାର ୪ ଦିନ ପୂର୍ବରୁ ତାଙ୍କୁ ନିଜ କ୍ୟାଡରକୁ ଫେରାଇ ଦିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ସାନପହଣ୍ଡି ଗାଁ ଏବେ ହଟସ୍ପଟ୍

ସୋନପୁର/ଡୁଙ୍ଗୁରିପାଲି,୩୧।୭ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି। ବିଶେଷ କରି ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ଅନ୍ତର୍ଗତ ସାନପହଣ୍ଡି ଗାଁ ଏବେ ହଟସ୍ପଟ୍‌ରେ ପରିଣତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ ଗତ ୨୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିଲେ। ଏହାସତ୍ତ୍ୱେ ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଛି। ଗୁରୁବାର ଉକ୍ତ ଗାଁରେ ୧୮ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ଶୁକ୍ରବାର ୩ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ମା(୪୫), ପୁଅ(୧୮) ଓ ଜଣେ ଗର୍ଭବତୀ ମହିଳା(୨୯) ଆକ୍ରାନ୍ତ ହୋଇଥିବା ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟରୁ ଜଣାପଡିଛି। ୩ ସଂକ୍ରମିତଙ୍କୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଜିଲାପାଳ ଏହି ଗାଁକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ଜିଲା ନୋଡାଲ ଅଫିସର ନବକିଶୋର ବେହେରା ଓ ଜିଲା ମେଡିକାଲ ଅଫିସର ଡା. ରମେଶ ସ୍ୱାଇଁ ଗାଁକୁ ପରିଦର୍ଶନରେ ଆସିନାହାନ୍ତି। ସେହିପରି ଗାଁରେ ଶୌଚାଳୟ ସଂଖ୍ୟା ବହୁତ କମ୍। ଲୋକେ ଶୌଚ ହେବା ପାଇଁ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଚାଷ କାମ ଚାଲିଥିବା ବେଳେ ଗାଁର ଚାଷୀମାନେ ଚାଷ କାର୍ଯ୍ୟ କରି ପାରୁନାହାନ୍ତି। ପନିପରିବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁକୁ ପ୍ରଶାସନ ତରଫରୁ ସାନିଟରାଇଜ କରାଯାଇ ନାହିଁ। ଗାଁ ଲୋକେ ବହୁତ ଅସୁବିଧାରେ ରହୁଛନ୍ତି। ବର୍ତ୍ତମାନ ଡୁଙ୍ଗୁରିପାଲି ବ୍ଲକରେ କରୋନା ପଜିଟିଭ ସଂଖ୍ୟା ୪୯ରେ ପହଞ୍ଚିଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION - II, NABARANGPUR, UMERKOTE
E-mail: eerwukt@gmail.com, eerwukt@ymail.com
e-Procurement Notice
No. O-196
Identification No Online Tender/07/RWD-UKT/2020-21
Letter No. 2200 Date: 23.07.2020
1. Name of the Work : Road & Building Works
2. Total Number of Works : 25 Nos.
3. Estimated Cost : Varies from 1.47 Lakhs to 39.16 Lakhs
4. Class of Contractor : "B", "C" and "D"
5. Period of Completion : As per DTCN
6. Other details

| Procurement Officer | Bid Identification No. | Availability of tender online for bidding From | Availability of tender online for bidding To | Last date & time seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Division-II, Nabarangpur, Umerkote | Onliner Tender/ 07/ RWD-UKT/2020-21 | 04.08.2020 at 11.00 A.M. | 17.08.2020 at 05.00 P.M. | 14.08.2020 at 01.00 P.M. | 19.08.2020 at 11.00 A.M. |

Further details can be seen from the website www.tendersorissa.gov.in.
Sd./- Executive Engineer, Rural Works Division-II, Nabarangpur, Umerkote
OIPR-25155/11/0007/2021

NOTICE
No.7575 Date 31.07.2020
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH
In pursuance to Advt. 7052 dt.18.07.2020, objections are invited from the candidates for engagement of ANM at Covid Care Home. For this, database has been prepared as per the documents submitted by the candidates. Candidates are requested to login the official website of Bargarh District www.bargarh.nic.in to check their status and submit their objections if any at the O/o, Chief District Medical & Public Health Officer,Bargarh in person on or before 04.08.2020 from 10.00 A.M. to 2.00 P.M., no objections after due date shall be entertained.
Sd./-
Chief District Medical & PHO, Bargarh

# ଜେଲକୁ କର୍ମଚାରୀ ନେଇପାରିବେନି ଫୋନ୍

**କାର୍ଯ୍ୟାନୁଷ୍ଠାନ ବଦଳରେ ନୂଆ ନିର୍ଦ୍ଦେଶନାମା**

- ଗ୍ୟାଙ୍ଗଷ୍ଟର୍ ଟିଟୋଙ୍କ ଖଟି ଭିଡିଓ ଭାଇରାଲ ପରେ ଚେତାପଶିଲା
- ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ହେବ କଡ଼ାକଡ଼ି ଯାଞ୍ଚ
- ନିଷେଧ ସାମଗ୍ରୀ ଜବତ କଲେ ପୁରସ୍କାର, ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ଝାରପଡା ଜେଲ ଭିତରେ ଗ୍ୟାଙ୍ଗଷ୍ଟର ଟିଟୋ ଖଟି କରୁଥିବାର ଏକ ଭିଡିଓ ନିକଟରେ ଭାଇରାଲ ହୋଇଥିଲା। ଏହା ପୂର୍ବରୁ କଏଦୀମାନେ ମୋବାଇଲ୍ ଫୋନ୍‌ରେ କଥା ହେବା ଓ ଜେଲ ଭିତରକୁ ନିଶାଦ୍ରବ୍ୟ ବାହାରିବା ଘଟଣାକୁ ନେଇ ଅଡୁଆରେ ଫସିଥିଲା ଜେଲ ବିଭାଗ। ହେଲେ କାର୍ଯ୍ୟାନୁଷ୍ଠାନ ବଦଳରେ ଏବେ ଚିରାଚରିତ ଢଙ୍ଗରେ କେତେକ କଟକଣା ଲଗାଇଛି ଜେଲ ବିଭାଗ। ନୂଆ ନିର୍ଦ୍ଦେଶନାମା ଜାରି କରାଯାଇ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ନିର୍ଦ୍ଦେଶନାମା ଅନୁସାରେ, ଏଣିକି ଜେଲ ଅଧୀକ୍ଷକଙ୍କ ସମେତ ୱାର୍ଡର ଓ ଅନ୍ୟ କର୍ମଚାରୀ ଜେଲ ଭିତରକୁ ମୋବାଇଲ୍ ଫୋନ୍ ନେବେ ନାହିଁ। ଜେଲ ଭିତରକୁ ପ୍ରବେଶ ପୂର୍ବରୁ ଗେଟ୍ ୱାର୍ଡନଙ୍କ ନିକଟରେ ମୋବାଇଲ୍‌କୁ ଜମା କରିବେ। ଏହାପରେ ଯଦି କୌଣସି ଭିଡିଓ ଭାଇରାଲ ହେଉଥିବା ନଜରକୁ ଆସିବ ଜେଲ୍ ଅଧୀକ୍ଷକ ଥାନାରେ ଅଭିଯୋଗ କରିବା ସହ ତାହାକୁ ରାଜ୍ୟ ଫରେନ୍‌ସିକ୍ ଲାବ୍‌କୁ ପଠାଇବେ। ଏହା ସହ ଜେଲ ଭିତରକୁ ପ୍ରବେଶ ପୂର୍ବରୁ ସମସ୍ତଙ୍କୁ କଡାକଡ଼ି ଯାଞ୍ଚ କରାଯିବ। ଜେଲ କର୍ମଚାରୀଙ୍କୁ ପ୍ରତିଦିନ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ନିୟମିତ ଯାଞ୍ଚ କରାଯାଇ ରେଜିଷ୍ଟରରେ ତାହାକୁ ଲିପିବଦ୍ଧ କରାଯିବ। ଜେଲରୁ କୋର୍ଟକୁ ଯାଉଥିବା ସମସ୍ତ କଏଦୀ ଓ ଆସୁଥିବା ନୂଆ କଏଦୀଙ୍କୁ ମଧ୍ୟ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ନିୟମିତ ଯାଞ୍ଚ ହେବ। ବାହାରୁ ଜେଲ ପରିସରକୁ ଯେପରି ମୋବାଇଲ୍ ଫୋନ୍ ଫିଙ୍ଗା ନ ଯିବ ତାହା ଉପରେ ନଜର ରଖି ପଦକ୍ଷେପ ନେବାକୁ କୁହାଯାଇଛି। ଏଥିପାଇଁ ଜେଲର ସମସ୍ତ କାନ୍ଥ ନିକଟରେ ଦୁଇଟି ସିଫ୍ଟରେ ସୁରକ୍ଷାକର୍ମୀ ଜଗିବେ। ଜେଲ ଭିତରେ ସମସ୍ତ କ୍ୟାମେରା କାର୍ଯ୍ୟ କରୁଛି କି ନାହିଁ ତାହାକୁ ଜେଲ ଅଧୀକ୍ଷକ ନିୟମିତ ଯାଞ୍ଚ କରିବେ। ସେହିଭଳି ନିଶା ତଥା ଅନ୍ୟ ନିଷେଧ ସାମଗ୍ରୀ ଯେପରି ଭିତରକୁ ନ ଯିବ ସେଥିପାଇଁ ଜେଲ ଖୋଲିବା ପୂର୍ବରୁ କର୍ମଚାରୀମାନେ ସକାଳେ ପୂରା ପରିସରକୁ ଯାଞ୍ଚ କରିବେ। ଯେଉଁ କଏଦୀଙ୍କଠାରୁ ନିଷେଧ ସାମଗ୍ରୀ ମିଳିବ ତାଙ୍କୁ ଅଲଗା ସେଲ୍‌ରେ ରଖାଯାଇ ନିୟମିତ ଯାଞ୍ଚ କରାଯିବ। ନିର୍ଦ୍ଦେଶନାମା ଉଲ୍ଲଂଘନ କରୁଥିବା କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି କଏଦୀଠାରୁ ନିଷେଧ ସାମଗ୍ରୀ ଚିହ୍ନଟ କରୁଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯିବ। ଅବହେଳା କଲେ ସମ୍ପୃକ୍ତ ୱାର୍ଡନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କସିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC00084, Tel. No. : 0674-2395391, Fax No.: 0674-2395291
Tender No. 9767/P-II/32/2019 (Pt-III)/PDS Dt.31/07/2020
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of transport contractors for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2 | Availability of bid document in the portal | From 01.08.2020 |
| 3 | Last Date / Time for receipt of bids in the portal | Dt.10.08.2020 upto 5.00 PM. |
| 4 | Date / Time of opening of Technical Bid | Dt. 12.08.2020 at 3.30 PM |
| 5 | Name and address of Officer inviting Tender | Managing Director, OSCSC Ltd., C/2 Nayapalli, Bhubaneswar. |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum / cancellation / retenders etc. if any shall be published in above websites.
Sd/-
Managing Director

## ବୃଦ୍ଧଙ୍କ ମୃତଦେହ ନେବାକୁ କେହିନାହାଁନ୍ତି

ବଲାଙ୍ଗୀର ଅଫିସ- ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍‌ପିଟାଲରେ ଭର୍ତ୍ତି ହୋଇଥିବା ଜଣେ ବୃଦ୍ଧଙ୍କ ଗୁରୁବାର ମୃତ୍ୟୁ ଘଟିଛି। ହେଲେ ତାଙ୍କ ମୃତଦେହ ନେବାକୁ କେହି ନାହାନ୍ତି। ମୃତଦେହ ଶବାଗାରରେ ରହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୦/୨୦୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ୨୬ ତାରିଖ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ସର୍ଜରୀ ୱାର୍ଡରେ ଆଣି ଭର୍ତ୍ତି କରାଯାଇଥିଲା। ତାଙ୍କ ନାମ ବଳଦେବ ଦାଶ (୭୫) ଓ ସେ ତରଭାର ବୋଲି କୁହାଯାଇଥିଲା।

## ସଂକ୍ଷେପରେ

### ୫୭୫୬ ଜଣଙ୍କୁ କାଳିଆ ଟଙ୍କା ଫେରସ୍ତ ନୋଟିସ

**ବରଗଡ଼ ଅଫିସ,୩୧।୭:** କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ଭାବେ ବରଗଡ଼ ଜିଲାରେ ୫୭୫୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଏହି ଯୋଜନାରେ ପାଇଥିବା ସହାୟତା ରାଶିକୁ ମାସକ ମଧ୍ୟରେ ଫେରାଇବା ପାଇଁ ସେମାନଙ୍କୁ ନୋଟିସ ଜାରି ହୋଇଛି। ସେମାନଙ୍କ ମଧ୍ୟରେ ସୋହେଲା ବ୍ଲକରେ ସର୍ବାଧିକ ୭୫୩ ଏବଂ ଅମ୍ବାଭୋନା ବ୍ଲକରେ ସର୍ବନିମ୍ନ ୨୧୨ ଜଣ ରହିଛନ୍ତି। ସେହିପରି ଗାଇସିଲେଟ୍ ୪୦୯, ପାଇକମାଳ ୫୫୯, ପଦ୍ମପୁର ୬୬୮, ଭେଡ଼େନ ୫୩୬, ବିଜେପୁର ୨୮୮, ଅତାବିରା ୬୫୬, ଭଟଲି ୩୨୭, ବରପାଲି ୩୮୨, ବରଗଡ଼ ୫୬୮ ଏବଂ ଝାରବନ୍ଧ ବ୍ଲକରେ ୩୮୮ ଜଣଙ୍କୁ ଅଯୋଗ୍ୟ ହିତାଧିକାରୀ ଭାବେ ଟଙ୍କା ଫେରସ୍ତ ନୋଟିସ ଜାରି ହୋଇଥିବା କୃଷି ବିଭାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି।

### ପ୍ଲାଜ୍‌ମା ଦେବେ ୧୦ ସୁସ୍ଥ କରୋନା ରୋଗୀ

ଲୋଇସିଂହା,୩୧।୭(ଡି.ଏନ.ଏ.): କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ବଲାଙ୍ଗୀର ଜିଲା ଲୋଇସିଂହାର ୧୦ ଜଣ ବ୍ୟକ୍ତି ଏବେ ପ୍ଲାଜ୍‌ମା ଦାନ କରିବାକୁ ଆଗଭର ହୋଇଛନ୍ତି। ବିଜେଡି ଯୁବ ନେତା ନିହାର ରଞ୍ଜନ ବେହେରା ଏହା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ନିର୍ଦ୍ଦେଶରେ ବେହେରା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ଲୋଇସିଂହା ବ୍ଲକର ବୁର୍ଡା, ବାଞ୍ଜିପାଲି, ବୁଢ଼ୀପଦର, ତଲିଉଡା, ଆଗଲପୁର ବ୍ଲକ୍‌ର ଡେଙ୍କୁଲିଖୁଣ୍ଟି, ପୁଇଁତଲା ବ୍ଲକର ଜଡଜଡ, ଖାରବଲାଙ୍ଗୀର ଓ କରନପାଲି ଗାଁର ସୁସ୍ଥ କରୋନା ରୋଗୀଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ସହ ସୁସ୍ଥ ରୋଗୀର ପ୍ଲାଜମା ଜଣେ ସଂକ୍ରମିତଙ୍କ ଜୀବନ ରକ୍ଷା କରିପାରିବ ବୋଲି ବୁଝାଇଥିଲେ। ଏହା ଜାଣିଲା ପରେ ଏହି ୧୦ ଜଣ ବ୍ୟକ୍ତି ଆବଶ୍ୟକ ସମୟରେ ଡାକରା ହେଲେ ପ୍ଲାଜମା ଦାନ କରିବେ ବୋଲି ଆଗଭର ହୋଇଛନ୍ତି।

### ୨ ଟନ୍ ଲୁହା ସ୍କ୍ରାପ୍ ଜବତ, ଜଣେ ଗିରଫ

କୁଆଁରମୁଣ୍ଡା,୩୧।୭(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଧୀନ ୧୪୩ ନମ୍ବର ଜାତୀୟ ରାଜପଥର ଧନୁବାଗାନ ନିକଟରୁ ଶୁକ୍ରବାର ଅପରାହ୍ନ ସାଢେ ୪ଟା ସମୟରେ କୁଆଁରମୁଣ୍ଡା ପୋଲିସ ଏକ ମାଲବାହୀ ଟାଟା ଏସିଇ(ଓଡି୧୪ଟି୪୭୨୦)କୁ ଜବତ କରିଛି। ଉକ୍ତ ଗାଡିଟିରେ ପାଖାପାଖି ୨ଟନ୍ ଚୋରା ଲୁହା ରିଲ୍ ରାଉରକେଲାର ଶୀତଲପଡ଼ା ଅଞ୍ଚଳରୁ କୁଆଁରମୁଣ୍ଡାର କୌଣସି ଏକ କାରଖାନାକୁ ଚାଲାଣ କରାଯାଉଥିଲା। ଏହାର ଆନୁମାନିକ ମୂଲ୍ୟ ଦେଢଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ପୋଲିସ ଗାଡି ଜବତ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ରାଉରକେଲା ଜେଲ୍‌ରୋଡ୍ ଅଞ୍ଚଳର ସୁନୀଲ ପ୍ରଧାନ(୨୩)। ଏ ନେଇ ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଲହୁଣୀପଡ଼ାରେ ଆରମ୍ଭ ହେଲା ସ୍ୱାବ୍ ପରୀକ୍ଷା

ଲହୁଣୀପଡା, ୩୧।୭ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଗୁରୁବାରଠାରୁ କରୋନା ଆକ୍ରାନ୍ତ ରୋଗୀ ଚିହ୍ନଟ ପାଇଁ ସ୍ୱାବ୍ ପରୀକ୍ଷା ଆରମ୍ଭ କରାଯାଇଛି। ଏହାଦ୍ୱାରା ଲହୁଣୀପଡା ଅଞ୍ଚଳର ସନ୍ଦିଗ୍ଧ ରୋଗୀଙ୍କୁ ଆଉ ସ୍ୱାବ ପରୀକ୍ଷା କରିବା ପାଇଁ ରାଉରକେଲା କିମ୍ବା ବଣେଇ ଯିବାକୁ ପଡିବ ନାହିଁ। ଏଠାରେ ଲହୁଣୀପଡା ଓ କୋଇଡା ବ୍ଲକର ଜନସାଧାରଣ ସୁବିଧା ପାଇପାରିବେ। ପ୍ରଥମ ଦିବସରେ ୩୩ ଜଣଙ୍କର ସ୍ୱାବ ପରୀକ୍ଷା କରାଯାଇଛି। ଡା. ମନୋଜ ସିଂ, ଡା. ଚିନ୍ମୟ କୁମାର ସାହୁଙ୍କ ନେତୃତ୍ୱରେ ତଥା ପ୍ରବାଳ ବରୁଣ ପ୍ରଧାନ, ରଞ୍ଜନ କୁମାର ମାହାନ୍ତ, ଦେବସ୍ମିତା ମହାକୁଳଙ୍କ ସହଯୋଗରେ ଏହି ପରୀକ୍ଷା କରାଯାଇଥିଲା।

# କରୋନା ବେଳେ କାଳିଆ ଚଡ଼କ

**ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କାଳିଆ ଯୋଜନା ଘୋଷଣା କରିଥିଲେ। ଘୋଷଣା ଅନୁଯାୟୀ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ କିସ୍ତିରେ ୫ହଜାର, ଭୂମିହୀନଙ୍କୁ ୧୨ହଜାର ଟଙ୍କା ଲେଖାଏ ସହାୟତା ମିଳିଥିଲା। ଅନେକ ହିତାଧିକାରୀ ବାଦ୍ ମଧ୍ୟ ପଡ଼ିଥିଲେ। ସାଧାରଣ ନିର୍ବାଚନ ସମୟରେ କାଳିଆ ଯୋଜନାକୁ ମୁଖ୍ୟ ପ୍ରସଙ୍ଗ ରଖି ଶାସକ ଦଳ ଭଲ ଫାଇଦା ଉଠାଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଅନ୍ୟପଟେ ବର୍ତ୍ତମାନ କରୋନା ବିପତ୍ତି ସମୟରେ ଲୋକେ ସଙ୍କଟରେ ଥିବାବେଳେ ଏହି ଯୋଜନାର ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଟଙ୍କା ଫେରସ୍ତ କରିବାକୁ ରାଜ୍ୟ ସରକାର ନୋଟିସ ଜାରି କରିଛନ୍ତି। କରୋନା କାଳରେ ଏହା ଚାଷୀଙ୍କୁ ଚଡ଼କ ସଦୃଶ ହୋଇଛି।**

### ଫେରସ୍ତ ନୋଟିସ ଗ୍ରହଣୀୟ ନୁହେଁ



କାଳିଆ ଯୋଜନା ରାଜ୍ୟ ସରକାରଙ୍କ ଏକ ସହାୟତା କାର୍ଯ୍ୟକ୍ରମ ଥିଲା। ନିର୍ବାଚନ ପୂର୍ବରୁ ଏହା ଘୋଷଣା ହୋଇଥିଲା। ଚାଷୀମାନେ ନିଜେ ତାହା ଦାବି କରି ନ ଥିଲେ। ଶାସକ ଦଳର କର୍ମୀମାନେ ନିଜେ ହିତାଧିକାରୀ ତାଲିକା ପ୍ରସ୍ତୁତ କରିଥିଲେ। ଏବେ କରୋନା ସଙ୍କଟ କାଳରେ ଅଯୋଗ୍ୟ ଆଳ ଦେଖାଇ ଟଙ୍କା ଫେରସ୍ତ ନୋଟିସ ଦିଆଯାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ। ଯେଉଁମାନେ ସେହି ତାଲିକା ତିଆରି କରିଥିଲେ ସେମାନଙ୍କୁ ଟଙ୍କା ଫେରସ୍ତ ପାଇଁ ନୋଟିସ ଜାରି ହେଉ।

**-ଲିଙ୍ଗରାଜ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି**

### ତାଲିକା ପ୍ରସ୍ତୁତକାରୀଙ୍କୁ ଖୋଜାଯାଉ

କାଳିଆ ଯୋଜନା ଶାସକ ଦଳର ଘୋଷଣା ଥିଲା। ଦଳୀୟ ନେତାମାନେ ବିନା ତଥ୍ୟରେ ସେମାନଙ୍କ ସମର୍ଥକ, ପ୍ରଚାରକଙ୍କୁ ଏହି ଯୋଜନାରେ ସାମିଲ କରିଥିଲେ। ଅନେକ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଫର୍ମକୁ ସେତେବେଳେ ଚାପି ଦିଆଗଲା। ଏବେ ମଧ୍ୟ ଅନେକ ଭୂମିହୀନ, ଛୋଟ ଚାଷୀ ଯୋଜନାରୁ ବାଦ୍ ପଡ଼ିଛନ୍ତି। ଏପରିକି ତାଲିକାରେ ରହିଥିବା ଚାଷୀଙ୍କ ଆକାଉଣ୍ଟରେ କାଳିଆ ସହାୟତା ରାଶି ଜମା ହୋଇନାହିଁ। ସେତେବେଳେ ତାଲିକା ପ୍ରସ୍ତୁତ କରିଥିବା ଲୋକଙ୍କୁ ଖୋଜି ବାହାର କରାଯାଉ।



**-ହର ବଣିଆ, ଚାଷୀନେତା, ବରଗଡ଼**

### ସହାୟତାରୁ ବଞ୍ଚିତଙ୍କୁ ଫେରସ୍ତ ନୋଟିସ

କାଳିଆ ଯୋଜନା ଏକ ଫାର୍ସ ବୋଲି ଆରମ୍ଭରୁ କହିଆସୁଛି। ନିର୍ବାଚନ ପୂର୍ବରୁ ସର୍ବଭାରତୀୟ ସ୍ତରରେ ରଣଛାଡ଼ ଆନ୍ଦୋଳନ ଜୋର ଧରିଥିଲା। ସେତେବେଳେ ଶାସକ ଦଳ କାଳିଆ ନାମରେ ଚାଷୀଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇଥିଲା। ଯୋଗ୍ୟ ଭାବି ସେମାନେ ହିତାଧିକାରୀ ଚୟନ କଲେ। ଏବେ ପୁଣି ସେମାନଙ୍କୁ ଅଯୋଗ୍ୟ ଦର୍ଶାଇ ସହାୟତା ଟଙ୍କା ଫେରସ୍ତ ନୋଟିସ ଜାରି କରୁଛନ୍ତି। ଏପରିକି କାଳିଆ ସହାୟତା ଆଦୌ ପାଇ ନ ଥିବା ଚାଷୀଙ୍କ ପାଖକୁ ମଧ୍ୟ ସେଭଳି ନୋଟିସ ପହଞ୍ଚିଥିବା ଜଣାପଡ଼ିଛି।



**-ରମେଶ ମହାପାତ୍ର, ଆବାହକ, ଜୟ କିଷାନ ଆନ୍ଦୋଳନ**

### ଅସନ୍ତୁଷ୍ଟ ଆବେଦନ କରିପାରିବେ

ଯେଉଁ ପରିବାରରେ ଏକାଧିକ ଲୋକ କାଳିଆ ସହାୟତା ପାଇଛନ୍ତି କିମ୍ବା କୌଣସି ବଡ଼ ଚାଷୀଙ୍କ ଆକାଉଣ୍ଟରେ ତାହା ଜମା ହୋଇଛ, ସେଭଳି ଚାଷୀଙ୍କୁ ଅଯୋଗ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏଭଳି ଭାବେ ବରଗଡ଼ ଜିଲାର ୫୭୫୬ ଜଣ ଚାଷୀ ଚିହ୍ନଟ ହୋଇଥିବାବେଳେ ସେମାନଙ୍କୁ ଟଙ୍କା ଫେରସ୍ତ ପାଇଁ ନୋଟିସ ଦିଆଯାଇଛି। ଯଦି କେହି ଏଭଳି ନୋଟିସରେ ଅସନ୍ତୁଷ୍ଟ ଥିବେ, ସେ ପୁଣିଥରେ ଆବେଦନ କରିପାରିବେ। ଏହା ସହିତ ସହାୟତା ପାଇ ନ ଥିବା ଲୋକଙ୍କ ପାଖକୁ ନୋଟିସ ଯାଇଥିଲେ, ସେ ସମ୍ପର୍କରେ ଜଣାଇଲେ ବିହିତ ପଦକ୍ଷେପ ନେବୁ।



**-ଦୀନବନ୍ଧୁ ଗାନ୍ଧୀ, ମୁଖ୍ୟ ଜିଲା କୃଷି ଅଧିକାରୀ**

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ)

# ଅସହାୟ ପରିବାରକୁ ମିଳିଲା ସହାୟତା ରାଶି



ଜୟନାରାୟଣଙ୍କ ମା'ଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଅତାବିରା, ୩୧।୭ (ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ସଡ଼କ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ପରେ ନାବାଳକ ପୁଅ ଉପରେ ପରିବାର ବୋଝ ଶୀର୍ଷକ ଏକ ରିପୋର୍ଟ ଧରିତ୍ରୀରେ ଶୁକ୍ରବାର ପ୍ରକାଶ ପାଇଥିଲା। ଭେଡେନ ବିଡିଓ ମୁରଲୀଧର ନାୟକଙ୍କ ନିର୍ଦ୍ଦେଶରେ ମାନପୁର ସରପଞ୍ଚ ସୁରୁବାବୁ ମାଝି, ଯୋଗାଣ ସହାୟକ ଓମ୍‌ପ୍ରକାଶ ରଣା ପ୍ରମୁଖ ନାବାଳକ ଜୟନାରାୟଣଙ୍କ ଘରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କ ମା'ଙ୍କ ବିଧବା ଭତ୍ତା ପାଇଁ ଆବଶ୍ୟକ ଫର୍ମ ପୂରଣ କରାଯାଇଛି। ରାଶନ କାର୍ଡ ପାଇଁ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ସୂଚନାଯୋଗ୍ୟ, ବରଗଡ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଦବଲା ଗ୍ରାମର ବୁଲୁ ଆଚାର୍ଯ୍ୟ ଗତ ୨୭ ତାରିଖରେ ରାଇସ୍ ମିଲକୁ ଯାଉଥିବା ବେଳେ ଏକ ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାପାଙ୍କ ମୃତ୍ୟୁ ପରେ ଏକମାତ୍ର ପୁଅ ଜୟନାରାୟଣ ମା' ସୁଭଦ୍ରାଙ୍କ ସହ ଦିନ କାଟୁଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ପାସ କରିଥିବା ଜୟନାରାୟଣଙ୍କ ଉପରେ ଘର ଚଳାଇବା ଦାୟିତ୍ୱ ପଡିଛି।

ଏ ସଂକ୍ରାନ୍ତରେ ଭେଡେନ ଯୋଗାଣ ନିରୀକ୍ଷକ ପ୍ରଶନ୍ନ କୁମାର ଦେହେରୀ କହିଛନ୍ତି, ରାଶନ କାର୍ଡ ପ୍ରସ୍ତୁତ ହୋଇଯାଇଛି। ଯୋଗାଣ ସହାୟକଙ୍କ ପାଖକୁ ପିଡିଏଫ୍ ପଠାଇଛି। ଖୁବ୍‌ଶୀଘ୍ର ତାଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ ବୋଲି ଦେହୁରୀ କହିଛନ୍ତି।

# ଛତୁଚାଷ କରି ସ୍ୱାବଲମ୍ବୀ




ସମ୍ବଲପୁର ଜିଲା ରେଙ୍ଗାଲ ବ୍ଲକ ଲପଙ୍ଗାର ମହିଳାଙ୍କ ଛତୁ ଚାଷ।

**ସମ୍ବଲପୁର, ୩୧।୭ (ବ୍ୟୁରୋ)**

- ମହିଳା ସଶକ୍ତୀକରଣକୁ ଆଦିତ୍ୟ ଆଲୁମିନିୟମର ଗୁରୁତ୍ୱାରୋପ
- ୮୭୧ ସଦସ୍ୟଙ୍କୁ ନେଇ ୭୬ ଏସ୍‌ଏଚ୍‌ଜି ଗଠନ

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ଲପଙ୍ଗାର ମହିଳାମାନଙ୍କ ସକାଶେ ଆଦିତ୍ୟ ଆଲୁମିନିୟମ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। କମ୍ପାନୀ ସହଯୋଗରେ ୮୭୧ ସଦସ୍ୟଙ୍କୁ ନେଇ ୭୬ଟି ଏସ୍‌ଏଚ୍‌ଜି ଗଠନ କରାଯାଇଛି। ଏହି ଏସ୍‌ଏଚ୍‌ଜି ମଧ୍ୟରୁ ୨୫୦ ସଦସ୍ୟଙ୍କୁ ନେଇ ୨୫ଟି ଏସଏଚ୍‌ଜି ସିଧାସଳଖ ଭାବେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପରେ ନିୟୋଜିତ ହୋଇଛନ୍ତି। ଅନ୍ୟମାନେ ଅନ୍ୟ କାର୍ଯ୍ୟ କରୁଛନ୍ତି। ୨୫୦ ମହିଳା ଫିନାଇଲ, ହ୍ୟାଣ୍ଡୱାଶ, ଡିଟରଜେଣ୍ଟ, ପେପର ବ୍ୟାଗ, ଘାସ ହସ୍ତକଳା, ଖଲିପତ୍ର ତିଆରି କରୁଛନ୍ତି। ହଳଦୀ ପ୍ରକ୍ରିୟାକରଣ, ସିଲାଇ, ନର୍ସରୀ ବିକାଶ, କୁକୁଡ଼ା ଓ ଛେଳି ପାଳନ, ମତ୍ସ୍ୟ ଓ ଛତୁ ଚାଷ ପ୍ରଭୃତି ଆୟସୃଷ୍ଟିକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଦ୍ୱାରା ସେମାନେ ମାସିକ ପ୍ରାୟ ୫ହଜାର ଟଙ୍କା ଆୟ କରୁଛନ୍ତି। ମା' ସରସ୍ୱତୀ ଏସ୍‌ଏଚ୍‌ଜି ସମ୍ପାଦିକା ଜାନକୀ କିଷାନ କହିଛନ୍ତି ଯେ, ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ) ମାଧ୍ୟମରେ ଗତ ୫ବର୍ଷ ହେବ ସେ ଜଡିତ ଅଛନ୍ତି। ଆଦିତ୍ୟ ଆଲୁମିନିୟମ ସହାୟତାରେ ସରକାରୀ ଯୋଜନାଗୁଡିକ ବିଷୟରେ ଜାଣିପାରିଲେ। ଛତୁ ଚାଷ କରି ଆୟ କରିବାରେ ସକ୍ଷମ ହୋଇ ପାରିଛନ୍ତି। ମାତ୍ର ୧୩ ହଜାର ଟଙ୍କା ମୂଲ୍ୟରେ ସେମାନେ ୨ ମାସ ମଧ୍ୟରେ ପ୍ରାୟ ୬,୫୦୦ ଟଙ୍କା ଆୟ କରିପାରିଛନ୍ତି। ଅପରପକ୍ଷେ ଆଦିତ୍ୟ ଆଲୁମିନିୟମ ସଭାପତି ଓ ୟୁନିଟ ମୁଖ୍ୟ କୈଳାସ ପାଣ୍ଡେ କହିଛନ୍ତି ଯେ, ମହିଳାମାନଙ୍କ କଲ୍ୟାଣ ଲାଗି କମ୍ପାନୀ ସବୁବେଳେ ଚିନ୍ତା କରେ। ସେମାନେ କିଭଳି ଗର୍ବ ଓ ସମ୍ମାନର ସହ ବଞ୍ଚିବେ ସେ ନେଇ ବିଭିନ୍ନ ଯୋଜନା କରାଯାଉଛି। ଏହାଦ୍ୱାରା ମହିଳାମାନେ ସଶକ୍ତ ହୋଇପାରିବେ। ରେଙ୍ଗାଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଦର୍ଶନା ଏକ୍କା କହିଛନ୍ତି ଯେ, ଛତୁ ଚାଷ ଭଳି ଆୟସୃଷ୍ଟିକାରୀ କାର୍ଯ୍ୟକଳାପ ପ୍ରଶଂସନୀୟ। ଏହା କମ୍ ଖର୍ଚ୍ଚରେ ଅଧିକ ଆୟ ଦେଇଥାଏ। ସରକାରୀ ଯୋଜନା କିପରି ଏସ୍‌ଏଚ୍‌ଜି ମହିଳାମାନେ ପାଇପାରିବେ ସେ ନେଇ ସବୁବେଳେ ଗୁରୁତ୍ୱାରୋପ ଦିଆଯାଉଛି।

# ୬ କୁଇଣ୍ଟାଲ କେନ୍ଦୁପତ୍ର ଜବତ

**ରେଢାଖୋଲ,୩୧।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ପକ୍ଷରୁ ଶୁକ୍ରବାର ଭୋରରେ ଚୋରା ଚାଲାଣ ହେଉଥିବା ଏକ କେନ୍ଦୁପତ୍ର ଭୋଝେଇ ଭ୍ୟାନକୁ ଜବତ କରାଯାଇଛି। ଏଥିରେ ଜଣକୁ ଗିରଫ କରାଯାଇଛି। ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ରେଢାଖୋଲ ଥାନା ବୈଷ୍ଣବଖୋଲି ଗ୍ରାମର ପଦ୍ମଲୋଚନ ବେହେରା (୫୦)। ଏ ନେଇ ବଡବାହାଲ ରେଞ୍ଜରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଜାମିନ ଆବେଦନ ମଞ୍ଜୁର ହେବା ପରେ ତାଙ୍କୁ ଛାଡି ଦିଆଯାଇଛି। ସୂଚନାଯୋଗ୍ୟ, ଖଣ୍ଡହତାରୁ ୬ କୁଇଣ୍ଟାଲ ଚୋରା କେନ୍ଦୁପତ୍ର ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ନେଇ ସୂଚନା ପାଇ ବନ କର୍ମଚାରୀ ଚଢଉ କରିଥିଲେ। ହେଲେ ଭ୍ୟାନ୍‌ଟି ଫେରାଇ ହୋଇଯିବାକୁ ଉଦ୍ୟମ କରିଥିଲା। ବନକର୍ମଚାରୀ କିନ୍ତୁ ଅଙ୍ଗାରପଡା ନିକଟରୁ ଗାଡିକୁ ଜବତ କରିଥିଲେ। ଏହି ଚଢାଉରେ ରେଞ୍ଜ ଅଧିକାରୀ ପ୍ରଜ୍ଞାପରମିତା ଦୀପ ଓ ଫରେଷ୍ଟର ସୁରେନ୍ଦ୍ର ସାହୁ ସାମିଲ ହୋଇଥିଲେ।

# ଡୁଡୁକାଶିରା ଲୁଟ୍ ଘଟଣାରେ ୪ ଗିରଫ

**ବଲାଙ୍ଗୀର ଅଫିସ, ୩୧।୭**

ବଲାଙ୍ଗୀର ସଦର ଥାନା ଅଧୀନ ଡୁଡୁକାଶିରା ନିକଟରେ ଗତ ୨୪ ତାରିଖ ସଂଘଟିତ ଅଢ଼େଇ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସଦର ଥାନା ପୋଲିସ ୪ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩ ବାଇକ୍, ୩୨ ହଜାର ୩୦୦ ଟଙ୍କା, ୪ ମୋବାଇଲ ଫୋନ୍, ଗୋଟିଏ ଭୁଜାଲି ଜବତ୍ କରିଛି। ଗିରଫ ଲୁଟେରାମାନେ ହେଲେ ବଲାଙ୍ଗୀର ସଦର ଥାନା ଅଧୀନ ଖର୍ଲିକାନୀ ଗ୍ରାମର ଦିଲୀପ ବଗର୍ତ୍ତୀ (୩୫), ବାଗବାଡି ଗ୍ରାମର ଗୋପାଳ ବଗର୍ତ୍ତୀ (୨୮), ଜାମୁଟିଆର ମନୋଜ ସିଂ (୩୬) ଓ ବଲାଙ୍ଗୀର ଟାଉନ୍ ଥାନା ହାତୀଶାଳପଡାର ରାଜୁ ଭୁଏ (୨୯)। ଗତ ୨୪ ତାରିଖ ଦିନ ବଲାଙ୍ଗୀର ରାଜୀବନଗରର ନିକୁଞ୍ଜ କିଶୋର ତରାଇ ଓ ତାଙ୍କ ଭଉଣୀ ଜ୍ୱାଇଁ ପ୍ରକାଶ ଚନ୍ଦ୍ର ଜେନା ହର୍ଡାଟାଲ ଗ୍ରାମରେ ଥିବା କିରୋସିନ ସବ୍ ଡିଲରଙ୍କୁ କିରୋସିନି ଦେବାକୁ ଯାଇଥିଲେ। କିରୋସିନ ଦେବା ପରେ ସେଠାରୁ ଉଭୟେ ୨ ଲକ୍ଷ ୫୦ ହଜାର ଟଙ୍କା ଧରି ବଲାଙ୍ଗୀର ପଟକୁ ଫେରୁଥିଲେ। ସକାଳ ପ୍ରାୟ ୮ଟା ସମୟରେ ଡୁଡୁକାଶିରା ନିକଟରେ ଏକ ବାଇକ୍‌ରେ ୩ ଜଣ ଲୁଟେରା ହଠାତ୍ ସେମାନଙ୍କ ପାଖକୁ ଆସି ଠେଙ୍ଗା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଏଥିରେ ଉଭୟେ ଆହତ ହେବା ପରେ ସେମାନେ ଧରିଥିବା ଟଙ୍କା ବ୍ୟାଗ୍ ଲୁଟି ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ୨୪ ତାରିଖ ତରାଇ ସଦର ଥାନାରେ ଲୁଟ୍ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ସଦର ଥାନା ଆଇଆଇସି ତୋଫାନ୍ ବାଗଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରି ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଟିମ୍ ଘଟଣାର ତଦନ୍ତ କରି ଗୁରୁବାର ଓ ଶୁକ୍ରବାର ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଲୁଟ୍ ଘଟଣାର ପର୍ଦ୍ଦାଫାଶ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଗିରଫ ୪ ଅଭିଯୁକ୍ତ ଏବଂ ଜବତ ୩ ବାଇକ୍, ୩୨ ହଜାର ଟଙ୍କା।

# ଏଯାଏ ଜମିନି ରାଖୀ ବେପାର



ଝାରସୁଗୁଡ଼ା ବସଷ୍ଟାଣ୍ଡ ନିକଟରେ ଖୋଲିଥିବା ଏକ ରାଖୀ ଦୋକାନ।

**ଝାରସୁଗୁଡ଼ା ଅଫିସ,୩୧।୭**

ଆସନ୍ତା ସୋମବାର(୩ ତାରିଖ) ରାଖୀପୂର୍ଣ୍ଣିମା। ଏଥିପାଇଁ ଝାରସୁଗୁଡ଼ା ସହରର ବିଭିନ୍ନ ସ୍ଥାନରେ ରାଖୀ ଦୋକାନ ଖୋଲିଛି। ବିଭିନ୍ନ ଡିଜାଇନ୍‌ର ରାଖୀରେ ସେହି ଦୋକାନ ଝଲମଲ ହେଉଛି। ବିଶେଷ କରି ଷ୍ଟୋନ, ଶ୍ରୀ ଜଗନ୍ନାଥ, ସାଇବାବା, ସ୍ୱସ୍ତିକ, ଓମ୍ ଆଦି ରାଖୀକୁ ବ୍ୟବସାୟୀମାନେ ସଜାଇ ରଖିଛନ୍ତି। ଏହି ରାଖୀର ଦାମ୍ ୧୦ ଟଙ୍କାରୁ ଆରମ୍ଭ କରି ୨ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ କରୋନା କଟକଣା ଯୋଗୁ ଏ ପର୍ଯ୍ୟନ୍ତ ରଖୀ ବ୍ୟବସାୟ ଜମି ନାହିଁ। ପୂର୍ବରୁ ରକ୍ଷା ବନ୍ଧନର ମାସକ ପୂର୍ବରୁ ରାଖୀ ବିକ୍ରି ଆରମ୍ଭ ହେଉଥିଲା। ଏଥର କିନ୍ତୁ ସେହି ଉତ୍ସାହ ନାହିଁ।

ଏ ସଂକ୍ରାନ୍ତରେ ଝାରସୁଗୁଡ଼ା ବସଷ୍ଟାଣ୍ଡ ରୋଡ ନିକଟରେ ରାଖୀ ଦୋକାନ କରିଥିବା ସୟ ଭଗତ କୁହନ୍ତି, ପ୍ରତିବର୍ଷ ଭଳି ଚଳିତ ବର୍ଷ ବି ମୁଁ ରାଖୀ ଦୋକାନ କରିଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ବେପାର ଜମି ନାହିଁ। କରୋନା କଟକଣା ଓ କୋଭିଡ୍-୧୯ ଭୂତାଣୁ ଭୟ ଯୋଗୁ ଗ୍ରାହକ ଆସୁନାହାନ୍ତି। ସେଥିପାଇଁ ଗୁରୁବାର ସୁଦ୍ଧା ୧୦ ପ୍ରତିଶତ ରାଖୀ ବ୍ୟବସାୟ ହୋଇନାହିଁ। ଆଗକୁ କେମିତି ବ୍ୟବସାୟ ହେବ ତାହା ସମୟ କହିବ ବୋଲି ସେ କହିଛନ୍ତି। ସେହିପରି ସହରର ଗିଫ୍ଟ କର୍ଣ୍ଣର ଦୋକାନୀ ବିକାଶ ପାଣ୍ଡେ କୁହନ୍ତି, ପ୍ରତିବର୍ଷ ରାଖୀ ସମୟରେ ଦୋକାନରେ ଯୁବ ପିଢ଼ିଙ୍କ ଭିଡ଼ ଲାଗି ରହିଥାଏ। ବିଭିନ୍ନ ପ୍ରକାର ଗିଫ୍ଟ, କାର୍ଡ ଓ ଚକୋଲେଟ୍‌ର ଭଲ ବ୍ୟବସାୟ ହୋଇଥାଏ। ହେଲେ ଏଥର ସୀମିତ ସମୟ ପର୍ଯ୍ୟନ୍ତ ଦୋକାନ ଖୋଲାଯାଉଛି। ବ୍ୟବସାୟ ବି ପୂର୍ବ ବର୍ଷ ପରି ନାହିଁ।

ତଥାପି ଏପରି ପରିସ୍ଥିତିରେ ସୋସିଆଲ ମିଡିଆରେ ନିଜ ଭଉଣୀଙ୍କୁ ସନ୍ଦେଶ ଦେବାକୁ ପ୍ରସ୍ତୁତି ଚଳାଇଛନ୍ତି କଲେଜ ଛାତ୍ର ରାଜେଶ ବେହେରା। ଭଉଣୀର ସ୍ୱତନ୍ତ୍ର ଭିଡିଓ ଓ ଫଟୋ ତିଆରି କରି ତାକୁ ଶୁଭେଚ୍ଛା ଜଣାଇବି। କାରଣ ଏଥର କଟକଣା ଯୋଗୁ କେହି କାହା ଘରକୁ ଯିବା ସମ୍ଭବ ହୋଇ ପାରୁ ନାହିଁ। ସେଥିପାଇଁ ସୋସିଆଲ ମିଡ଼ିଆ ସାହାର୍ଯ୍ୟ କରିବ ବୋଲି ସେ କହିଛନ୍ତି। କୋରିୟର ବଏ ମନୋଜ ପାଣ୍ଡେ କୁହନ୍ତି, ରାଖୀ ପାଇଁ କେରିୟର ସଂଖ୍ୟା ବଢ଼ିଛି। ପୂର୍ବବର୍ଷ ଅପେକ୍ଷା ବହୁତ କୋରିୟର ଆସୁଛି। ସେଥିପାଇଁ ଆମକୁ ଅଧିକ ପରିଶ୍ରମ କରିବାକୁ ପଡୁଛି। ଦୂରରେ ଥିବା ଭଉଣୀ ଘରକୁ ଯାଇ ଭାଇ ହାତରେ ରାଖୀ ବାନ୍ଧିବା ଚଳିତ ବର୍ଷ ସମ୍ଭବ ହେବ ନାହିଁ। ସେଥିପାଇଁ କୋରିୟରରେ ରାଖୀ ପଠାଇ ଭଉଣୀ ତାର କର୍ତ୍ତବ୍ୟ ଶେଷ କରିଛି। ସେଥିପାଇଁ ଏବେ ଅଧିକ ପରିମାଣର ରାଖୀ ପାର୍ସଲରେ ଆସୁଥିବା ସେ କହିଛନ୍ତି।

### ହାତବାନ୍ଧି ବସିଛନ୍ତି ବ୍ୟବସାୟୀ

ଭବାନୀପାଟଣା,୩୧।୭(ଡି.ଏନ.ଏ.)-ଭବାନୀପାଟଣା ସମେତ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ରାଖୀ ଦୋକାନ ଖୋଲିଛି। କିନ୍ତୁ କରୋନା କଟକଣା ଯୋଗୁ ଦୋକାନରେ ଗହଳ ଚହଳ ନାହିଁ। ଫଳରେ ଚଳିତ ବର୍ଷ ରାଖୀ ବେପାର ମାନ୍ଦା ପଡିଛି। ବ୍ୟବସାୟ କରି ଦୁଇପଇସା ରୋଜଗାର କରିବାକୁ ଆଶା ରଖିଥିବା ବ୍ୟବସାୟୀମାନେ ଚିନ୍ତାରେ ପଡିଛନ୍ତି। ଆଉ ମାତ୍ର ଦିନ କେଇଟା ପରେ ରାଖୀ ପୂର୍ଣ୍ଣିମା। ପୂର୍ବବର୍ଷ ଏହି ସମୟ ମଧ୍ୟରେ ପ୍ରାୟ ୬୦ ପ୍ରତିଶତ ରାଖୀ ବିକ୍ରି ହୋଇସାରିଥିଲା। କିନ୍ତୁ ଚଳିତ ବର୍ଷ ୧୦ ପ୍ରତିଶତ ରାଖୀ ବିକ୍ରି ହୋଇନାହିଁ ବୋଲି କୁହନ୍ତି ସ୍ଥାନୀୟ ବ୍ୟବସାୟୀ ସୁଦର୍ଶନ ଦାସ, ବିକ୍ରମ ସାହୁ ଓ ଅନ୍ୟମାନେ। ଗତ ବର୍ଷ ଦିନକୁ ପ୍ରାୟ ୨ ହଜାର ଟଙ୍କାର ବେପାର ହେଉଥିଲା। କିନ୍ତୁ ଚଳିତ ବର୍ଷ ଦୋକାନ ଖୋଲା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସମୁଦାୟ ୨ ହଜାର ଟଙ୍କା ବିକ୍ରି ହୋଇନାହିଁ। ଜଣେ ଜଣେ ବ୍ୟବସାୟୀ, ୧୦ରୁ୨୦ ହଜାର ଟଙ୍କାର ରାଖୀ କିଣି ଦୋକାନ ଖୋଲିଛନ୍ତି। କିନ୍ତୁ ବେପାର ମାନ୍ଦା ରହୁଥିବାରୁ ସେମାନଙ୍କ ଚିନ୍ତା ବଢି ଯାଇଛି। ଅପରପକ୍ଷେ କରୋନ କଟକଣା ଯୋଗୁ ଭବାନୀପାଟଣା ସହରର ବ୍ୟବସାୟ ପ୍ରତିଷ୍ଠାନ ସକାଳ ୭ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଖୋଲା ରହୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବ୍ୟବସାୟୀମାନେ କହିଛନ୍ତି।

# ଜେଏମ୍‌ଜେକୁ କୋଭିଡ୍ ହସ୍ପିଟାଲ କରାଯାଉ

**ସମ୍ବଲପୁର,୩୧।୭(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକଙ୍କ ଅନୁରୋଧ**

ସମ୍ବଲପୁର ଜିଲା ସଦର ଡାକ୍ତରଖାନା ଉପରେ ନିର୍ଭର କରୁଥିବା ରୋଗୀମାନଙ୍କ ବିକଳ୍ପ ପାଇଁ ବରେଇପାଲି ଠାରେ ଥିବା ଜେଏମଜେ ଘରୋଇ ମେଡିକାଲ ସହ ପ୍ରଶାସନ ଚୁକ୍ତି କରିଛି। ଏହି ମେଡିକାଲରେ କଣ ସୁବିଧା ଓ ସମସ୍ୟା ରହିଛି ସେ ନେଇ ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରୀଶ ପଟେଲ ଶୁକ୍ରବାର ପରିଦର୍ଶନ କରି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ବିଧାୟକ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜେଏମ୍‌ଜେକୁ କୋଭିଡ ହସ୍‌ପିଟାଲ କରିବା ପାଇଁ ଦାବିଛନ୍ତି।

ସେ ଉଲେଖ କରିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଜେଏମ୍‌ଜେରେ ରୋଗୀ ସେବା ଯୋଗାଇ ଦିଆଯିବ ବୋଲି ଘୋଷଣା ହୋଇଛି। ହେଲେ ମେଡିକାଲର କେବଳ କିଛି ଭାଗକୁ କାର୍ଯ୍ୟକ୍ଷମ କରିବାକୁ ଚୁକ୍ତି ହୋଇଛି। ସେଠାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ କାମ କରିବ। ସାମାନ୍ୟ ଭାବେ ଅସ୍ଥିଶଲ୍ୟ ବିଭାଗ ମଧ୍ୟ କାମ କରିବ ବୋଲି ଜେଏମଜେ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟ କୌଣସି ରୋଗୀଙ୍କ ପାଇଁ ସେଠାରେ ଚିକିତ୍ସା ବ୍ୟବସ୍ଥା କରାଯାଇନାହିଁ। ଜିଲାରେ ଅଣ କୋଭିଡ ରୋଗୀମାନେ ଚିକିତ୍ସା ନ ପାଇ ହଇରାଣ ହେଉଛନ୍ତି। ଚିକିତ୍ସା ଅଭାବରୁ ଅନେକ ସ୍ଥାନରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଜେଏମଜେକୁ ସମ୍ପୂର୍ଣ୍ଣ ଭାବେ କୋଭିଡ ମେଡିକାଲ କରି ଜିଲା ମୁଖ୍ୟ ସଦର ଡାକ୍ତରଖାନାକୁ ପୂର୍ବଭଳି କାର୍ଯ୍ୟକ୍ଷମ କରାଯାଉ ବୋଲି ମିଶ୍ର ଦାବି କରିଛନ୍ତି।

## ସଂକ୍ଷେପରେ

### ବୀମା ସୁବିଧା ଦେଲା ଗ୍ରୀନ୍‌ଲାମ୍

**ନୂଆଦିଲ୍ଲୀ,୩୧।୭ :** କୋଭିଡ୍-୧୯ ସମୟରେ ଗ୍ରୀନ୍‌ଲାମ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ଡେକୋଉଡ୍ କେୟାର ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଏହାର ଡେକୋରେଟିଭ ଭିନିର ବ୍ରାଣ୍ଡ ଡେକୋଉଡ୍ ଅଧୀନରେ ଏହି କାର୍ଯ୍ୟକ୍ରମକୁ ହାତକୁ ନେଇଛି। ମହାମାରୀ ସମୟରେ ଇଣ୍ଟେରିୟର କଣ୍ଟ୍ରାକ୍ଟରମାନଙ୍କର ସୁରକ୍ଷାକୁ ଧ୍ୟାନରେ ରଖି ବୀମା ପ୍ରଦାନ ଯୋଗାଣ ଲକ୍ଷ୍ୟ କମ୍ପାନୀ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ବ୍ରାଣ୍ଡର ଆନୁଆଲ ପ୍ରୋଗ୍ରାମ ଏଟିଭର୍ସ କ୍ଲବ ଦ୍ୱାରା ଇଣ୍ଟେରିୟର କଣ୍ଟ୍ରାକ୍ଟରଙ୍କୁ ୧ ଲକ୍ଷ ଟଙ୍କାର ବୀମା ସ୍ୱାସ୍ଥ୍ୟ ବୀମା କଭର କମ୍ପାନୀ ପ୍ରଦାନ କରୁଛି। ବର୍ତ୍ତମାନ ସମୟରେ କାର୍ଯ୍ୟକୁ ଚଳାଇବା କଷ୍ଟକର ହେଉଛି। ଏଭଳି ସମୟରେ କଣ୍ଟ୍ରାକ୍ଟରମାନେ ବ୍ରାଣ୍ଡର ଉନ୍ନତୀକରଣ ଦିଗରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ପଦକ୍ଷେପ ଦ୍ୱାରା ଏକ ନିରାପଦ କାର୍ଯ୍ୟ ପରିସର ସୃଷ୍ଟି ଉପରେ କାର୍ଯ୍ୟ କରୁଥିବା ଗ୍ରୀନଲାମ୍‌ର କର୍ପୋରେଟ୍ ଶିବାଜୀ ମୋହିନ୍ତା ସୂଚନା ଦେଇଛନ୍ତି।

### ୫୪,୫୩୮ ଟଙ୍କା ଛୁଇଁଲା ସୁନା

**ନୂଆଦିଲ୍ଲୀ,୩୧।୭ :** ଅନ୍ତର୍ଜାତୀୟ ବଜାରରେ ସୁନା ଚାହିଦା ଲାଗି ରହିବାରୁ ସୁନା ଦରରେ ବୃଦ୍ଧି ଘଟିଥିବା ଜଣାପଡିଛି। ଶୁକ୍ରବାର ଦିଲ୍ଲୀରେ ୧୦ ଗ୍ରାମ ପିଛା ସୁନା ଦର ୮୬୭ ଟଙ୍କା ବଢ଼ିଛି। ସେହିଭଳି ରୁପା ଦର କିଲୋ ପିଛା ୨୮୫୪ ଟଙ୍କା ବୃଦ୍ଧି ଘଟିଥିବା ନଜରକୁ ଆସିଛି। ଏହି ସମୟରେ ଦିଲ୍ଲୀରେ ସୁନାଦର ୧୦ ଗ୍ରାମ ପିଛା ୫୪,୫୩୮ ଟଙ୍କା ରହିଥିବା ବେଳେ ପୂର୍ବ କାରବାରରେ ସୁନା ୫୩,୮୬୧ ଟଙ୍କାରେ ବନ୍ଦ ରହିଥିଲା। ରୁପା ଦର କିଲୋ ଗ୍ରାମ ପିଛା ୬୫,୯୧୦ ଟଙ୍କା ଛୁଇଁଛି। ଏହାର ପୂର୍ବ କାରବାରରେ ରୁପା ଦର ୬୩,୦୫୬ ଟଙ୍କା ରହିଥିଲା। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପିଛା ୧୯୭୬ ଡଲାର ଥିବା ବେଳେ ରୁପା ଦର ଆଉନ୍ସ ପ୍ରତି ୨୪ ଡଲାର ରହିଛି।

# ଅଗଷ୍ଟ ଯାଏ ବିଦେଶ ବିମାନ ସେବା ବାତିଲ

**ନୂଆଦିଲ୍ଲୀ,୩୧।୭**

ବର୍ତ୍ତମାନ କରୋନା ସଂକ୍ରମଣ ନିୟନ୍ତ୍ରଣାଧୀନ ହୋଇପାରିନାହିଁ। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ଅନ୍ତର୍ଜାତୀୟ ବିମାନ ସେବାକୁ ଅଗଷ୍ଟ ମାସ ୩୧ ଯାଏ ବାତିଲ କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଡିଜିସିଏ ଅନୁମତିରେ ପରିଚାଳିତ ବିମାନ କମ୍ପାନୀଗୁଡିକ ଲାଗି ଏହି ନିୟମ କାର୍ଯ୍ୟକାରୀ ହେବ। ନିର୍ଦ୍ଦେଶରେ କୁହାଯାଇଛି ଯେ, ବିଦେଶକୁ ପ୍ରାୟ ୨୫୦୦ ଉଡାଣକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ବିଦେଶରେ ଫସି ରହିଥିବା ଭାରତୀୟଙ୍କୁ ଦେଶ ମଧ୍ୟକୁ ଫେରାଇ ଆଣିବା ଏବଂ ଭାରତରେ ଫସି ରହିଥିବା ଲୋକମାନଙ୍କୁ ବିଦେଶ ପଠାଇବା ଲାଗି ପଦକ୍ଷେପ ନିଆଯାଇଛି।



ବନ୍ଦେ ଭାରତ ମିଶନରେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଚଳିତ ବର୍ଷ ୬ମେଠାରୁ ୩୦ ଜୁଲାଇ ମଧ୍ୟରେ ୨.୬୭ ଲକ୍ଷ ଯାତ୍ରୀଙ୍କୁ ବିଦେଶରୁ ଭାରତକୁ ଆଣିଛି। ସେହିଭଳି ଅନ୍ୟ ବିମାନ କମ୍ପାନୀଗୁଡିକ ୪.୮୬ ଲକ୍ଷ ଲୋକଙ୍କୁ ଏଭଳି ସେବା ଯୋଗାଇ ଦେଇଛନ୍ତି। ଯାତ୍ରୀ ସୁବିଧା ଲାଗି ଭାରତ, ଆମେରିକା, ଫ୍ରାନ୍ସ ଏବଂ ଜର୍ମାନୀ ଭଳି ଦେଶ ସହ ବବଲ୍ ଏଗ୍ରିମେଣ୍ଟ କରିଛି।

ନିକଟରେ କେନ୍ଦ୍ର ସରକାର କୁଏତ ସହ ପରିବହନ ବବଲ୍ ଏଗ୍ରିମେଣ୍ଟ କରିଛନ୍ତି। ଏହାଦ୍ୱାରା ସେଠାରେ ଫସି ରହିଥିବା ଲୋକଙ୍କୁ ଭାରତ ଫେରାଇ ଆଣିବାକୁ ଯୋଜନା ହାତକୁ ନିଆଯାଇଛି। ଭାରତରେ ରହିଥିବା ଲୋକଙ୍କୁ ମଧ୍ୟ କୁଏତ ପଠାଇବା ଲାଗି ବ୍ୟବସ୍ଥା କରାଯାଇଛି। ଫସି ରହିଥିବା ଲୋକଙ୍କୁ ଦେଶକୁ ଆଣିବା ତଥା ପଠାଇବା ଲାଗି ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଡିଜିସିଏ ପକ୍ଷରୁ ସୂଚନା ରହିଛି।

## ଫିନୋଲେକ୍ସ ପକ୍ଷରୁ ରିଲିଫ କାର୍ଯ୍ୟକ୍ରମ




**ନୂଆଦିଲ୍ଲୀ,୩୧।୭ :** ଫିନୋଲେକ୍ସ ଇଣ୍ଡଷ୍ଟ୍ରିଜ ଏବଂ ଏହାର ସିଏସ୍‌ଆର୍ ପାର୍ଟନର ମୁକୁଲ ମାଧବ ଫାଉଣ୍ଡେଶନ ପକ୍ଷରୁ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ରିଲିଫ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମାଜର ନିଷ୍ପେଷିତ ବର୍ଗ ଏବଂ କୋଭିଡ୍ ଯୋଦ୍ଧାଙ୍କୁ ସହାୟତା କରିବା ଲାଗି କମ୍ପାନୀ ବିଭିନ୍ନ ପଦକ୍ଷେପ ହାତକୁ ନେଇଥିବା କହିଛି। ଏହି କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ସୁଖିଲା ଖାଦ୍ୟ ପୁଡିଆ ଯୋଗାଇ ଦେଇଛି। ସାରା ଦେଶରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ମିଲ୍ ଯୋଗାଣ ଲାଗି ଏହା ବିଭିନ୍ନ ସଂସ୍ଥା ସହ ମିଳିତ ହୋଇ କାମ କରୁଛି। ପ୍ରବାସୀଙ୍କୁ ସହାୟତା ସମେତ ରାଜସ୍ଥାନର ସ୍ଥାନୀୟ କଳାକାରଙ୍କୁ ସହାୟତା, ପୁଣେରେ ତୃତୀୟ ଲିଙ୍ଗୀ କମ୍ୟୁନିଟି ଲାଗି ବିଭିନ୍ନ ବ୍ୟବସ୍ଥା ହାତକୁ ନେଇଛି। ଏଭଳି ସମୟରେ ଲୋକଙ୍କ ସହାୟତା କରିବା ଲାଗି ଲୋକମାନେ ଆଗେଇ ଆସିବାର ଆବଶ୍ୟକତା ରହିଛି ବୋଲି କମ୍ପାନୀ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୨୦.୭୯%

**ଭୁବନେଶ୍ୱର,୩୧।୭:** ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ମେ ମାସରେ ୩୩୦ ପଏଣ୍ଟ ଥିଲା। ଜୁନ୍‌ରେ ଏହା ୨ ପଏଣ୍ଟ ବଢ଼ି ୩୩୨ ପଏଣ୍ଟ ଛୁଇଁଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୫୦ ପଏଣ୍ଟ ଥିଲା। ଏଥିରେ ୫ ପଏଣ୍ଟ ବୃଦ୍ଧି ପାଇ ୩୫୫ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୨୭ ପଏଣ୍ଟ ଥିବା ବେଳେ ଏଥିରେ ୨ ପଏଣ୍ଟ ବୃଦ୍ଧି ପାଇ ୩୨୯ ପଏଣ୍ଟ ରହିଛି। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ୭% ଭତ୍ତା ବୃଦ୍ଧି ହୋଇ ୨୪% ହୋଇଛି। ବର୍ଦ୍ଧିତ ଡିଏ ମଧ୍ୟରୁ ୪% ପିଛିଲା ଭାବେ ଚଳିତ ବର୍ଷ ଜାନୁୟାରୀ ଏବଂ ଅବଶିଷ୍ଟ ୩% ଜୁଲାଇ ପହିଲାରୁ କର୍ମଚାରୀ ପାଇବେ।

ବର୍ତ୍ତମାନ ବ୍ୟାଙ୍କ କର୍ମଚାରୀମାନେ ୭୬.୧% ମହଙ୍ଗା ଭତ୍ତା ପାଉଛନ୍ତି। ସଂଶୋଧିତ ହାରରେ ଅଗଷ୍ଟ ପହିଲାରୁ ସେମାନେ ୨୦.୭୯% ଭତ୍ତା ପାଇବେ।




ସେହିଭଳି ବୀମା କର୍ମଚାରୀମାନେ ବର୍ତ୍ତମାନ ୬୯.୪% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୧.୪% ବୃଦ୍ଧି ଘଟି ୭୦.୮% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଅଗଷ୍ଟ ପହିଲାରୁ ପାଇବେ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ୧୫୯.୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୯% ହ୍ରାସ ଘଟି ୧୬୨.୮% ହୋଇଛି। ଏହି ଡିଏ ସେମାନେ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ପାଇବେ। ରିଜର୍ଭ ବ୍ୟାଙ୍କର ପ୍ରାୟ ୩ ହଜାର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ବର୍ତ୍ତମାନ ପେନ୍‌ସନ ପାଉନାହାନ୍ତି।


## ପୀୟୂଷ ଗୋୟଲଙ୍କ ସହ ଉର୍ଜିତଙ୍କ ମତଭେଦ ଥିଲା

**ନୂଆଦିଲ୍ଲୀ,୩୧।୭:** ପୀୟୂଷ ଗୋୟଲଙ୍କ ସହ ମତଭେଦ ଯୋଗୁ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଉର୍ଜିତ ସିଧାସଳଖ ଭାବେ ପୀୟୂଷ ଗୋୟଲଙ୍କ ନାମ ନ ଉଠାଇ କହିଛନ୍ତି ଯେ, ତତ୍କାଳୀନ ଅର୍ଥମନ୍ତ୍ରୀଙ୍କ ସହ ତାଙ୍କର ମତଭେଦ ରହିଥିଲା। ସେହି ସମୟରେ ଆସିଥିବା ଦେବାଳିଆ ଆଇନରେ ବିଭିନ୍ନ ଦିଗକୁ ନେଇ ସରକାରଙ୍କ ସହ ତାଙ୍କର ପଡି ନ ଥିଲା। ସେହି ଆଇନରେ ରହିଥିବା ବିଭିନ୍ନ ତ୍ରୁଟି ସମ୍ପର୍କରେ ଉର୍ଜିତ ସରକାରଙ୍କୁ କହିବାରୁ ରୋଷର ଶିକାର ହୋଇଥିବା କୁହାଯାଇଛି। ଉର୍ଜିତ ଏହି ପ୍ରସଙ୍ଗକୁ ତାଙ୍କ ନୂଆ ପୁସ୍ତକ ଓଭର ଡ୍ରାଫ୍ଟ ସେଭିଂ ଦି ଇଣ୍ଡିଆନ ସେଭର ପୁସ୍ତକରେ ଉଲ୍ଲେଖ କରିଛନ୍ତି। ପୁସ୍ତକରେ ସେ ପୀୟୂଷଙ୍କ ନାମକୁ ସିଧାସଳଖ ଉଲ୍ଲେଖ କରି ନ ଥିଲେ ମଧ୍ୟ ୨୦୧୮ର ମଧ୍ୟଭାଗରେ ସେ ଯେଉଁ ସମୟର କଥା କହୁଛନ୍ତି ସେହି ସମୟରେ ପୀୟୂଷ ଗୋୟଲଙ୍କୁ କିଛି ସମୟ ଲାଗି ଅର୍ଥମନ୍ତ୍ରୀ ଦାୟିତ୍ୱ ଭାର ପ୍ରଦାନ କରାଯାଇଥିଲା।

## ଟାପାରିଆ ଟୁଲ୍‌ସ ଆଣିଲା ନୂଆ ପ୍ରଡକ୍ଟ

**ଭୁବନେଶ୍ୱର,୩୧।୭**

ଟାପାରିଆ ଟୁଲ୍‌ସ ପକ୍ଷରୁ ନୂଆ ରେଞ୍ଜର ୧/୨ ସ୍କୋୟାର ଡ୍ରାଇଭ ହେକ୍ସାଗୋନାଲ ଡିପ୍ ଇମ୍ପାକ୍ଟ ସକେଟ୍ ବଜାରକୁ ଆସିଛି। କମ୍ପାନୀ ପକ୍ଷରୁ ବଜାରକୁ ଆସିଥିବା ସମ୍ପୂର୍ଣ୍ଣ ରେଞ୍ଜର ସକେଟ୍ ସ୍ପାନର୍ସକୁ ଭଲ ରେସ୍‌ପନ୍ସ ମିଳୁଥିବା ସୂଚନା ରହିଛି। କମ୍ପାନୀର ପ୍ରଡକ୍ଟ ଡିଜାଇନଯୁକ୍ତ ପ୍ଲାଷ୍ଟିକ ବକ୍ସରେ ଆସୁଛି। ଏଗୁଡିକ ବ୍ୟବହାର କରିବା ବେଶ୍ ସହଜ। ଉନ୍ନତ ଭାବେ ଡିଜାଇନ ହୋଇଥିବା ଉକ୍ତ ପ୍ରଡକ୍ଟ ୧୫% ଅଧିକ ଟର୍କ ପ୍ରଦାନ କରିବ।



କମ୍ପାନୀର ପ୍ରଡକ୍ଟଗୁଡିକ ଉଚ୍ଚ ଗୁଣବତ୍ତା ଷ୍ଟିଲ ଏବଂ ହାଇ ପଲିସି କ୍ରୋମ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି। ନୂଆକରି ଆସିଥିବା ସକେଟ୍ ସେଟ୍‌ରେ ୧୨.୭ ଏମ୍‌ଏମ୍ ସ୍କୋୟାର ଡ୍ରାଇଭ ୨୨,୧୯ ଏବଂ ୨୦ ସକେଟ୍ ସହ ଆସିଛି। ଏହବାଦ ୫ ଆସେସୋରିଜ ପ୍ୟାକ୍ ଏବଂ ୧/୨ ସ୍କୋୟାର ଡ୍ରାଇଭ ଡିପ୍ ଇମ୍ପାକ୍ଟ ସକେଟ୍ ହେକ୍ସାଗନ ଟାଇପ ମଧ୍ୟ ଏଥିରେ ସାମିଲ ରହିଛି। ଗ୍ରାହକଙ୍କୁ କ୍ୱାଲିଟି ଏବଂ ପରଫରମାନ୍ସ ପ୍ରଦାନ ଉପରେ ଏହା କାମ କରୁଛି। ସେହିଭଳି ଉଚ୍ଚ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ସୁଲଭ ମୂଲ୍ୟରେ ଯୋଗାଣ କରିବାକୁ କମ୍ପାନୀ କାମ କରୁଛି। ଘରୋଇ ବଜାରରେ ଉପସ୍ଥିତି ଦୃଢ କରିବା ଏହା ବିଦେଶକୁ ମଧ୍ୟ ରପ୍ତାନି କରୁଛି।

## ଉତ୍ପାଦନରେ ରେକର୍ଡ କଲା ଏନ୍‌ଟିପିସି

**ଭୁବନେଶ୍ୱର,୩୧।୭ :** ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ ଲିମିଟେଡ୍ (ଏନ୍‌ଟିପିସି) ଦୈନିକ ବିଦ୍ୟୁତ୍ ଉତ୍ପାଦନରେ ରେକର୍ଡ କରିଛି। ଚଳିତବର୍ଷ ୨୮ ଜୁଲାଇରେ କମ୍ପାନୀ ୯୭୭.୦୭ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଥିବା ଜଣାପଡିଛି। କମ୍ପାନୀର ମୋଟ ଉତ୍ପାଦନରେ ଏହାର ଯୌଥ ଉଦ୍ୟୋଗ ଏବଂ ସହାୟକ ଉଦ୍ୟୋଗଗୁଡିକ ଯୋଗଦାନ ମଧ୍ୟ ସାମିଲ ରହିଛି। ଏହାର ୫ ଶକ୍ତି କେନ୍ଦ୍ରଗୁଡିକ ଯଥା-ଓଡ଼ିଶାର ତାଳଚେରସ୍ଥିତ କଣିହାଁ, ଛତିଶଗଡ଼ର କୋର୍ବା, ସିପଟ୍ ଏବଂ ଲାରା, ହିମାଞ୍ଚଳ ପ୍ରଦେଶର କୋଲଡାମ ହାଇଡ୍ରୋ ୟୁନିଟଗୁଡିକ ଏହି ଦିଗରେ ଶତ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର ସହ ପରିଚାଳିତ ହୋଇଛି। ୨୦୧୯ ମାର୍ଚ୍ଚରେ ଏହାର ସର୍ବୋଚ୍ଚ ଦୈନିକ ଉତ୍ପାଦନ ୯୩୫.୪୬ ନିୟୁତ ୟୁନିଟ ଥିଲା। ମେ'ରେ ତାଳଚେର କଣିହାଁ ୟୁନିଟ ଶତ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର ସହ ପରିଚାଳିତ ହୋଇଛି।

## ରାଜ୍ୟ ଖବର

### ଓପୋଲଫେଡ୍‌ର ନୂଆ ପ୍ରଶାସକ



ରତ୍ନାକର ରାଉତ

**ଭୁବନେଶ୍ୱର,୩୧।୭:** ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସକ ରତ୍ନାକର ରାଉତ ଗୁରୁବାର ଓପୋଲଫେଡ୍‌ର ନୂତନ ପ୍ରଶାସକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ଭାବେ ମଧ୍ୟ ଓପୋଲଫେଡ୍ ସଂସ୍ଥାର ଅତିରିକ୍ତ ନିବନ୍ଧକ ଭାବରେ କାର୍ଯ୍ୟ କରୁଛନ୍ତି। ସେ ଜଣେ ଜଣାଶୁଣା ଏବଂ ଦକ୍ଷ ପ୍ରଶାସକ ଭାବରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ବେଶ ସୁନାମ ହାସଲ କରିଛନ୍ତି। ଏହି ଅବସରରେ ଓପୋଲଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ.ସତ୍ୟନାରାୟଣ ପଣ୍ଡା, ମହାପ୍ରବନ୍ଧକ ଡ.ବିମଳ କୁମାର ମହାପାତ୍ର, ସଂସ୍ଥାର ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ରନାଥ ପ୍ରଧାନଙ୍କ ସମେତ ତାରିଣୀ କୁମାର ସାହୁ, ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଭିସୁଟ୍‌ର ୟୁଜି ପରୀକ୍ଷାଫଳ ପ୍ରକାଶ

**ସମ୍ବଲପୁର,୩୧।୭(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଅଣ୍ଡର ଗ୍ରାଜୁଏଟ୍(ୟୁଜି) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ଅନ୍‌ଲାଇନରେ ପରୀକ୍ଷା କରି ଫଳ ପ୍ରକାଶ କରିବାରେ ଭିସୁଟ୍ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ରୂପେ ପରିଚିତ ହୋଇଛି । ଏହି ପରୀକ୍ଷାରେ ପାସ୍ ହାର ୯୯ ପ୍ରତିଶତ ରହିଛି। ଅନ୍ୟପକ୍ଷେ ଅଗଷ୍ଟ ୧୫ ସୁଦ୍ଧା ପିଜି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଶେଷ କରିବା ପାଇଁ ଭିସୁଟ୍ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି ବୋଲି ଡିନ୍ ଏସ୍.କେ.ସ୍ୱାଇଁ କହିଛନ୍ତି।

ଡିନ୍ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ଅଫ୍‌ଲାଇନରେ ୟୁଜି ପରୀକ୍ଷା କରିବା ପାଇଁ ପ୍ରଥମେ ଚିନ୍ତା କରାଯାଇଥିଲା । ହେଲେ କରୋନା କଟକଣା ଯୋଗୁ ତାହା ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ପରେ ଅନ୍‌ଲାଇନ ପରୀକ୍ଷା ପାଇଁ ପ୍ରକ୍ରିୟା ଜୁନରେ ଆରମ୍ଭ ହୋଇଥିଲା । ଜୁନ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ଫର୍ମ ଅନ୍‌ଲାଇନରେ ପୂରଣ କରି ଦେବାକୁ

- ୯୯% ଛାତ୍ରୀଛାତ୍ର ପାସ୍
- ଅନ୍‌ଲାଇନ୍‌ରେ ହୋଇଥିଲା ପରୀକ୍ଷା
- ଅନ୍‌ଲାଇନ୍ ପରୀକ୍ଷା କରିବାରେ ଭିସୁଟ୍ ରାଜ୍ୟରେ ପ୍ରଥମ
- ଅଗଷ୍ଟ ୧୫ ସୁଦ୍ଧା ପିଜି ପରୀକ୍ଷା




ନୋଟିସ କରାଯାଇଥିଲା । ମୋଟ ୧୦୦୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୭୦ ଜଣ ଅନ୍‌ଲାଇନ ପରୀକ୍ଷା ଦେବା ପାଇଁ ରାଜି ହୋଇଥିଲେ । ଜୁଲାଇ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ସୂଚୀ ଧାର୍ଯ୍ୟ ହୋଇଥିଲା । ଅନ୍‌ଲାଇନରେ ପ୍ରଶ୍ନପତ୍ର ଦିଆଯାଇଥିଲା । ପ୍ରତ୍ୟେକ ବିଷୟ ପାଇଁ ୨ ଘଣ୍ଟା ସମୟ ରହିଥିଲା । ଏହା ସହ ପରୀକ୍ଷା ପରିଚାଳନା କମିଟି ଅନ୍‌ଲାଇନରେ ମୌଖିକ ପରୀକ୍ଷା କରିଥିଲେ। ଛାତ୍ରୀଛାତ୍ରମାନେ ତାଙ୍କ ପ୍ରୋଜେକ୍ଟ ମଧ୍ୟ ଅନ୍‌ଲାଇନରେ ଦାଖଲ କରିଥିଲେ। ମୂଲ୍ୟାୟନ କରି ଜୁଲାଇ ୩୦ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବା ଲକ୍ଷ୍ୟ ରହିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ ଶେଷ ହୋଇଥିଲା । ଫଳରେ ପରୀକ୍ଷା ଫଳ ଠିକ୍ ସମୟରେ ପ୍ରକାଶ ପାଇଛି ବୋଲି ଡିନ୍ ସ୍ୱାଇଁ କହିଛନ୍ତି । ମାତ୍ର ୩ ପ୍ରତିଶତ ଛାତ୍ରୀଛାତ୍ର ବିଭିନ୍ନ କାରଣରୁ ଅନ୍‌ଲାଇନରେ ପରୀକ୍ଷା ଦେବା ପାଇଁ ଇଚ୍ଛା ପ୍ରକାଶ କରି ନ ଥିଲେ । ସେମାନଙ୍କୁ ପୁଣି ସୁଯୋଗ ଦିଆଯିବ। ଅଗଷ୍ଟ ୧୫ ପରେ ସେମାନଙ୍କ ପରୀକ୍ଷା କରାଯିବ। ସହପାଠୀଙ୍କ ପରୀକ୍ଷା ଫଳ ଦେଖିବା ପରେ ଏବଂ ଏଥିରେ କୌଣସି ସମସ୍ୟା ହେଉ ନ ଥିବା ଜାଣି ପରେ ସେମାନେ ପରୀକ୍ଷା ଦେବା ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି । ସେହିପରି ପିଜି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଖୁବ୍‌ଶୀଘ୍ର ଆରମ୍ଭ ହେବ । ଅଗଷ୍ଟ ୧୫ ସୁଦ୍ଧା ଏହି ପରୀକ୍ଷା ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଭିସୁଟ୍ କର୍ତ୍ତୃପକ୍ଷ ପରୀକ୍ଷା ହେବ ଓ ଛାତ୍ରୀଛାତ୍ରମାନେ ଜୁନ୍‌ରେ ହଷ୍ଟେଲ ଆସିବାକୁ ନୋଟିସ କରିଥିଲେ । ହେଲେ କରୋନା କଟକଣା ଯୋଗୁ ଛାତ୍ରୀଛାତ୍ରମାନେ ରାଜି ହୋଇ ନ ଥିଲେ । କେତେଜଣ ଛାତ୍ରୀଛାତ୍ର ଏହାକୁ ବିରୋଧ କରିଥିଲେ। ପରେ ଭିସୁଟ୍‌ର ଜଣେ ଅଧ୍ୟାପିକା କରୋନାରେ ସଂକ୍ରମିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ୭ରେ ପହଞ୍ଚିଥିଲା। ତେଣୁ ଭିସୁଟ୍ କର୍ତ୍ତୃପକ୍ଷ ସମସ୍ତ ବିଭାଗକୁ ସିଲ୍ କରିବାକୁ ବାଧ୍ୟ ହୋଇଥିଲେ । ଜୁନ୍ ମାସରେ ପରୀକ୍ଷା ପରିଚାଳନା କମିଟି ବୈଠକ ପରେ ଅନ୍‌ଲାଇନ ପରୀକ୍ଷା ସ୍ଥିର ହୋଇଥିଲା।

### କରୋନାକୁ ନେଇ ଥମୁନି ବାକ୍‌ଯୁଦ୍ଧ

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** ରାଜ୍ୟରେ କରୋନା କଟକଣା ନେଇ ବିରୋଧୀ ଭାଜପା ଓ ଶାସକ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ଥମୁନାହିଁ। କ୍ଷତିଗ୍ରସ୍ତ ଉଠାଦୋକାନୀମାନଙ୍କୁ ବୀମା ଭୁକ୍ତ ସହ ପ୍ରିମିୟମ ରାଶି ସରକାର ଦିଅନ୍ତୁ ବୋଲି ଭାଜପା ପକ୍ଷରୁ ଗତ ୨୪ ତାରିଖରେ ଦାବି କରାଯାଇଥିବା ବେଳେ ଏହାର ଜବାବରେ ଶାସକ ଦଳ ମୁଖପାତ୍ରମାନେ ଭ୍ରମାତ୍ମକ ତଥ୍ୟ ରଖିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି କି ଜଣଙ୍କ ପିଛା ୩ ହଜାର ଟଙ୍କା ଲେଖାଏ ୪୫,୬୦୦ ଜଣ ଉଠା ଦୋକାନୀଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବା ସରକାର କହିଥିବା ଭାଜପା ପକ୍ଷରୁ କୁହାଯାଇଛି। କିନ୍ତୁ ଏଭଳି ତଥ୍ୟ ରାଜ୍ୟ ସରକାରଙ୍କ କୌଣସି ୱେବ୍‌ସାଇଟ୍‌ରେ ଉପଲବ୍ଧ ନ ଥିବାରୁ ଶାସକ ଦଳ ମୁଖପାତ୍ରମାନେ ଭ୍ରମାତ୍ମକ ମନ୍ତବ୍ୟ ନ ଦେଇ ଉକ୍ତ ତଥ୍ୟ କେଉଁଠୁ ପାଇଲେ ଓ ସତ୍ୟାସତ୍ୟ ପ୍ରକାଶ କରିବାକୁ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ମୁଖପାତ୍ର ଦିଲୀପ ମହାନ୍ତି ଦାବି କରିଛନ୍ତି। ଏଥିସହ ୨୪ ମାର୍ଚ୍ଚ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇଥିବା ରାସ୍ତା ପାର୍ଶ୍ୱ ଉଠା ଦୋକାନୀଙ୍କୁ ସରକାର ଏହି ଯୋଜନାରେ ସାମିଲ୍ ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଉକ୍ତ ଅବଧିକୁ ଜୁନ୍ ୧ ଯାଏ ବୃଦ୍ଧି କରନ୍ତୁ। ପିଏମ୍ ଷ୍ଟ୍ରିଟ୍ ଭେଣ୍ଡରର୍ସ ଆତ୍ମନିର୍ଭର ନିଧି ଯୋଜନାରେ ଇ-ରେଜିଷ୍ଟ୍ରେଶନ୍ ପାଇଁ ବିଏମ୍‌ସିର ସମସ୍ତ ଜୋନାଲ୍ ଅଫିସରେ ହେଲ୍ପ ଡେକ୍ସ ଖୋଲାଯାଉ। ମଧ୍ୟବିତ୍ତ ପରିବାରବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଦିଲୀପ ଦାବି କରିଛନ୍ତି। ଅପରପକ୍ଷରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ରାଜ୍ୟ ଭାଜପା ନେତାମାନେ କୋଭିଡ୍ ମାର୍ଗଦର୍ଶିକା ପାଳନରେ ସହଯୋଗ କରିବା ବଦଳରେ ଏହାକୁ ଉଲ୍ଲଂଘନ କରୁଛନ୍ତି। ଗଣମାଧ୍ୟମରେ ଚର୍ଚ୍ଚାରେ ରହିବାକୁ ପ୍ରତିଯୋଗିତା କରୁଛନ୍ତି। ଏଭଳି ରାଜନୀତି ଖେଳ ସେମାନଙ୍କ ଅସଲ ଚେହେରାକୁ ପଦାରେ ପକାଇ ଦେଉଛି। ଯଦି ଭାଜପା ନେତାମାନେ ନିୟମ ନ ମାନିବେ ସେମାନେ କେବଳ କରୋନା ସଂକ୍ରମିତ ହେବେନି ବରଂ ଜଣେ ଜଣେ ସୁପର ସ୍ପ୍ରେଡର ହୋଇ ବାହାରିବେ ବୋଲି ସସ୍ମିତ ପ୍ରକାଶ କରିଛନ୍ତି।

### 'ରାଜନୈତିକ ଦଳ ସହ ଆଲୋଚନା କରନ୍ତୁ'

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି**

ରାଜ୍ୟରେ କରୋନା ସଂକ୍ରମଣ ଭୟାବହ ସ୍ଥିତିକୁ ଯାଉଛି। ଏହାର ମୁକାବିଲା ନିମନ୍ତେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ, ଗୋଷ୍ଠୀ ସଂକ୍ରମଣ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ନିରଞ୍ଜନ କହିଛନ୍ତି ଯେ, କରୋନା ମୁକାବିଲା ପାଇଁ ଦଳମତ ନିର୍ବିଶେଷରେ ଆମେ ସମସ୍ତେ ରାଜ୍ୟ ସରକାରଙ୍କୁ ସହଯୋଗର ହାତ ବଢାଇଛୁ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଏକ ଚିଠି ଦେଇଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ସହ ଆଲୋଚନା କରି ଏହି ଅଭିଯାନକୁ ସଫଳତା ଦିଗରେ ଆଗକୁ ନେବାକୁ ଉଦ୍ୟମ କଲେ ସଂକ୍ରମଣକୁ ନିଶ୍ଚୟ ପ୍ରତିହତ କରିହେବ ବୋଲି ସେ ଜଣାଇଛନ୍ତି। ନିରଞ୍ଜନ ଆହୁରି କହିଛନ୍ତି, ଯେଉଁ ବ୍ୟକ୍ତି ସରକାରୀ କୋଭିଡ୍ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ଚାହୁଁନାହାନ୍ତି, ସେମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ରହିବା ଆବଶ୍ୟକ। ସେମାନଙ୍କ ଚିକିତ୍ସା ପାଇବା ଅଧିକାରକୁ ସୁରକ୍ଷା ଦିଆଯାଉ। ପ୍ରତି ବେସରକାରୀ ଓ କର୍ପୋରେଟ୍ ଡାକ୍ତରଖାନାଗୁଡିକର ୨୦ ପ୍ରତିଶତ ଶଯ୍ୟା, ହାତରୁ ଖର୍ଚ୍ଚ କରି ଭଲ ପରିବେଶରେ ଚିକିତ୍ସିତ ହେବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ରଖାଯାଉ। ସେଠାରେ ଚିକିତ୍ସାର ଗୁଣାତ୍ମକ ଦିଗଟି ସରକାରଙ୍କ ତତ୍ତ୍ୱାବଧାନରେ ହେଉ। ପ୍ରତି ଘରେ ବା ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଆକ୍ରାନ୍ତ ଓ ସମାନ୍ୟ ଲକ୍ଷଣ ଦେଖାଯାଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉ। ରାଜ୍ୟର କୋଭିଡ୍ ହସ୍ପିଟାଲର ସଂଖ୍ୟା ବଢାଯାଉ। ଅନ୍ୟ ରାଜ୍ୟଗୁଡିକରେ ଘରୋଇ ହସ୍ପିଟାଲଗୁଡିକ ରୋଗୀଙ୍କ ପାଇଁ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଆରମ୍ଭ କରିଛନ୍ତି। କିନ୍ତୁ ଓଡିଶାରେ ତାହା ହୋଇନାହିଁ। ରାଜନୈତିକ ଦଳ ସହ ଆଲୋଚନା କରି ସରକାର ଆଗକୁ ନିଷ୍ପତି ନିଅନ୍ତୁ ବୋଲି ନିରଞ୍ଜନ ଅନୁରୋଧ କରିଛନ୍ତି।

### ଜଙ୍ଗଲରୁ ଅଭିଯୁକ୍ତ ଗିରଫ, ଏସ୍‌ଆଇ ନିଲମ୍ବିତ

**ଢେଙ୍କାନାଳ ଅଫିସ/ଭାପୁର (ଡି.ଏନ.ଏ.), ୩୧।୭**

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ବିଷପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ସୁବାସ ମୁଦୁଲି ଓରଫ୍ ସୁବା (୨୯)ଙ୍କୁ ପୋଲିସ ଶୁକ୍ରବାର ବୋଧିଆବେରେଣୀ ଜଙ୍ଗଲରୁ ଗିରଫ କରିଛି। ସେହିପରି କର୍ତ୍ତବ୍ୟରେ ଅବହେଳା ପାଇଁ ପୂର୍ବତନ ଫାଣ୍ଡି ଅଧିକାରୀ ତଥା ଏସ୍‌ଆଇ ପ୍ରଶାନ୍ତ ପଡ଼ିଆରୀଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ନିଲମ୍ବିତ କରିଛନ୍ତି। ଏଥିପୂର୍ବରୁ ଗୁରୁବାର ଏଏସ୍‌ଆଇ ପଦ୍ମନାଭ ସାହୁଙ୍କୁ ଆଇଜି ନିଲମ୍ବିତ କରିଥିଲେ। ଏ ସଂକ୍ରାନ୍ତରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅନୁପମା ଜେମ୍‌ସ ସୂଚନା ଦେଇ କହିଛନ୍ତି, ପୀଡ଼ିତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଗୁରୁବାର ରାତିରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଭୁବନେଶ୍ୱର, କଟକ,



ଖବରଦାତା ସମ୍ମିଳନୀରେ ଏସ୍‌ପି ଏବଂ ଗିରଫ ଅଭିଯୁକ୍ତ।

ଢେଙ୍କାନାଳ ସମେତ ୬-୭ଟି ଜାଗାରେ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ଜଙ୍ଗଲରୁ ଗିରଫ କରାଯାଇଛି। ସେ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଏଥିପୂର୍ବରୁ ତାଙ୍କ ନାମରେ ସଦର ଥାନାରେ କେସ୍ ନଂ. ୨୦୬/୧୪ରେ ବଳାତ୍କାର ଏବଂ ମରଣାନ୍ତକ ଆକ୍ରମଣ ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଶୁକ୍ରବାର ଜିଲା ଭାଜପା

**ନିର୍ଯ୍ୟାତିତା ନାବାଳିକା ଆତ୍ମହତ୍ୟା ମାମଲା**

ସଭାପତି ନରେଶଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଭାଜପାର ଏକ ଟିମ୍ ମୃତ ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଲୋଚନା କରିବା ସହ ପୀଡ଼ିତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ଦେବାକୁ ଦାବି କରିଛନ୍ତି।



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ 'ଗୁଞ୍ଜନ ସକ୍ସେନା: ଦ କାର୍ଗିଲ ଗର୍ଲ'ର ବାୟୋପିକ୍ ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି। ଅଗଷ୍ଟ ୧୨ରେ ଏହି ଫିଲ୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ। ତେବେ ଏହା ପୂର୍ବରୁ ଅଗଷ୍ଟ ୧ରେ ଏହାର ଟ୍ରେଲର ରିଲିଜ୍ ହେବ ବୋଲି ଜଣାପଡ଼ିଛି। ଏନେଇ ଜାହ୍ନବୀ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି। ଫିଲ୍ମର ଟ୍ରେଲର ଓ ରିଲିଜ୍‌କୁ ନେଇ ବେଶ୍ ଉତ୍ସାହିତ ଅଛି ବୋଲି ଜାହ୍ନବୀ କହିଛନ୍ତି। ଜଣାଶୁଣା ପ୍ରଯୋଜକ କରଣ ଜୋହରଙ୍କ ନିର୍ମିତ ଏହି ଫିଲ୍ମରେ ଜାହ୍ନବୀ ମୁଖ୍ୟ ଚରିତ୍ରରେ ବା ଫାଇଟର ପାଇଲଟ ଭୂମିକାରେ ନଜର ଆସିବେ।

# ତସ୍କରଙ୍କ ଟାର୍ଗେଟ୍‌ରେ ଭାରତୀୟ କଳାକୃତି

ଯେଉଁ ସମୟରେ ପୃଥିବୀବାସୀ ଜୀବନର ସଂଜ୍ଞା ନିରୂପଣ ଉଦ୍ୟମ କରୁଥିଲେ ସେତେବେଳେ ଭାରତ ସାଜିଥିଲା ବିଶ୍ୱଗୁରୁ। ଗଣିତ, ତ୍ରିକୋଣମିତିଠାରୁ ଆରମ୍ଭ କରି ମହାକାଶ ବିଜ୍ଞାନ ଓ ଭୂଗୋଳ ଯାଏ ସବୁକ୍ଷେତ୍ରରେ ପାରଦର୍ଶିତା ଦେଖାଇଥିଲେ ଭାରତୀୟ। ଆଜି ବି ପ୍ରାଚୀନ ମନ୍ଦିର, ଗୁମ୍ଫା, ଶିଳାଲେଖକୁ ନିରେଖି ଦେଖିଲେ ଆମର କଳା, ଭାସ୍କର୍ଯ୍ୟ କେତେ ସମୃଦ୍ଧ ଥିଲା ତାହା ସହଜରେ ବାରିହୋଇପଡ଼େ। 'ସୁନାର ପକ୍ଷୀ' ଭାବେ ପରିଚିତ ଭାରତ ଉପରେ ସବୁ ସମୟରେ ପଡିଛି ବିଦେଶୀଙ୍କ ଲୋଲୁପ ଦୃଷ୍ଟି। ସେମାନେ ଆସିଛନ୍ତି ଆଉ ଦେଶକୁ ଲୁଣ୍ଠନ କରି ଯାଇଛନ୍ତି। ଏହି ପ୍ରକ୍ରିୟା ଏବେ ବି ଜାରି ରହିଛି। ପ୍ରତିବର୍ଷ ଦେଶରୁ ହାରାହାରି ୧୦୦୦ରୁ ଊର୍ଦ୍ଧ୍ୱ ପ୍ରାଚୀନ ମୂର୍ତ୍ତି ଓ କଳାକୃତି ସମୁଦ୍ର ପଥ ଦେଇ ବିଦେଶକୁ ଚୋରା ଚାଲାଣ ହେବା ଏହାର ଏକ ଦୃଷ୍ଟାନ୍ତ।





**ନୂଆଦିଲ୍ଲୀ:** ରାଜସ୍ଥାନରୁ ୧୯୯୮ରେ ବ୍ରିଟେନକୁ ଚୋରା ଚାଲାଣ କରାଯାଇଥିବା ମହାପ୍ରଭୁ ଶିବଙ୍କ ଏକ ପ୍ରାଚୀନ ମୂର୍ତ୍ତି ଭାରତ ଫେରିବ। ୧୫ ବର୍ଷ ଧରି ଏଜାଗାରୁ ସେଜାଗା ହୋଇ ଶେଷରେ ଏହି ମୂର୍ତ୍ତି ବ୍ରିଟେନସ୍ଥିତ ଭାରତୀୟ ଦୂତାବାସରେ ପହଞ୍ଚିଥିଲା। ସେଠାରୁ ମୂର୍ତ୍ତିର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବିଦେଶକୁ ମୂର୍ତ୍ତି ଚୋରା ଚାଲାଣ ନୂଆକଥା ନୁହେଁ। ସରକାରଙ୍କ ବହିର୍ବ୍ୟାପାର ନୀତି ଯୋଗୁ ଏପରି ଅନେକ ପ୍ରାଚୀନ କଳାକୃତି ଭାରତକୁ ଫେରିପାରିଛି। ତେବେ ପ୍ରକୃତରେ ଯେତିକି ବିରଳ ମୂର୍ତ୍ତି ଚାଲାଣ ହୋଇଯାଉଛି, ସେତିକି ପରିମାଣରେ ଫେରିପାରୁନାହିଁ।

ଏକ ଆକଳନ ଅନୁଯାୟୀ, ଭାରତରୁ ପ୍ରତିବର୍ଷ ୧୦୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ କଳାକୃତି ବିଦେଶକୁ ଚାଲାଣ ହୋଇଥାଏ। ବିଶେଷ କରି ତମ୍ବା, ବ୍ରୋଞ୍ଜ୍, ମିଶ୍ର ଧାତୁ, ପଥରରେ ତିଆରି ପ୍ରାଚୀନ ମୂର୍ତ୍ତିର ଚାହିଦା ବିଦେଶରେ କାହିଁରେ କେତେ। ସିଙ୍ଗାପୁରସ୍ଥିତ ଭାରତୀୟ ମୂଳ ବାସିନ୍ଦା ତଥା ଶିପିଂ ଏକ୍‌ଜ୍ୟୁଟିଭ୍ ଏସ୍. ବିଜୟ କୁମାର କୁହନ୍ତି, ଦଶନ୍ଧିରେ ଅତିକମ୍‌ରେ ୧୦,୦୦୦ ଦୁର୍ମୂଲ୍ୟ ପ୍ରତିମୂର୍ତ୍ତି ଭାରତରୁ ଚୋରା ଚାଲାଣ ହେଉଛି। ପାଖାପାଖି ଦୁଇ ଦଶନ୍ଧି ହେଲା ସେ ଏହା ଦେଖି ଆସୁଛନ୍ତି। ଏ ସମ୍ପର୍କିତ ଏକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି, ଯାହାର ନାମ 'ଆଇଡଲ ଥିଫ' ଅର୍ଥାତ୍ 'ମୂର୍ତ୍ତି ଚୋର'। କେଉଁ ଉପାୟରେ ଏବଂ କିଭଳି ମୂର୍ତ୍ତି ଚୋରି ହୋଇଥାଏ ସେ ସମ୍ପର୍କରେ ଏଥିରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ୧୦ ଗ୍ରାମରୁ ଆରମ୍ଭ କରି ୧୫ ଟନ୍ ଓଜନର ମୂର୍ତ୍ତି ଚୋରା ଚାଲାଣ ହେଉଛି। ସମୁଦ୍ର ପଥ ସାଜିଛି ଚୋରାଚାଲାଣର ପ୍ରମୁଖ ମାଧ୍ୟମ। କଷ୍ଟମ ବିଭାଗ ଆଖିରେ ଧୂଳି ଦେଇ ଏହାକୁ ବିଦେଶକୁ ନିଆଯାଇଥାଏ। ଯଦି ବି କେତେବେଳେ ଧରାପଡ଼ିଯାଆନ୍ତି ତେବେ ମୋଟା ଅଙ୍କର ଲାଞ୍ଚ ଦେଇ ବ୍ୟବସାୟୀମାନେ ନିଜର ମନ୍ଦ ଉଦ୍ଦେଶ୍ୟ ପୂରଣ କରିଥାନ୍ତି। ସାମୁଦ୍ରିକ ପଥରେ ଗୋଟିଏ ଦେଶରୁ ଅନ୍ୟ ଦେଶରେ ପହଞ୍ଚିବା ବେଳକୁ ଏହାର ମୂଲ୍ୟ କୋଟି କୋଟି ଟଙ୍କା ହୋଇଯାଇଥାଏ। ଏଥିରେ ବିଧିବଦ୍ଧ ଭାବେ ଏକ ର୍ୟାକେଟ୍ କାମ କରିଥାଏ। ଚୋରି ହୋଇଥିବା ମୂର୍ତ୍ତିର କୌଣସି ଆଇନଗତ ଦସ୍ତାବିଜ୍ ନ ଥାଏ। ଏହା କେଉଁ ଧାତୁରେ ଗଢ଼ା, ଏହା କେତେ ପ୍ରାଚୀନ, କେଉଁ କାରିଗରଙ୍କ ଦ୍ୱାରା ଏହା ପ୍ରସ୍ତୁତ କରିଛି ସେସବୁର ମୌଖିକ ବିବରଣୀ ତସ୍କରଙ୍କ ପାଖରେ ହିଁ ରହିଥାଏ। ମୂଲ୍ୟ ହ୍ରାସ ଆଶଙ୍କା ଥିବାରୁ ଏସବୁ ତଥ୍ୟ ସଂଗ୍ରାହକଙ୍କ ସମ୍ମୁଖରେ ଉନ୍ମୋଚନ କରାଯାଏ ନାହିଁ।

### କ'ଣ କୁହେ ଆଇନ

ଭାରତରେ ଆଣ୍ଟିକ୍ ସାମଗ୍ରୀର ଚୋରା କାରବାର ରୋକିବା ଲାଗି 'ଦି ଆଣ୍ଟିକ୍ ଆଣ୍ଡ ଆର୍ଟ ଟ୍ରେଜର ଆକ୍ଟ-୧୯୭୨' ରହିଛି। ଧାତୁ ଓ ପଥର ନିର୍ମିତ ମୂର୍ତ୍ତି, କାଠନିର୍ମିତ ଭାସ୍କର୍ଯ୍ୟ କଳା, ପେଣ୍ଟିଂ, ଆଭୂଷଣ, କାଗଜ, କପଡ଼ା ଉପରେ ଅଙ୍କାଯାଇଥିବା ଚିତ୍ର, ଶତାଧିକ ବର୍ଷ ପୁରୁଣା ପାଣ୍ଡୁଲିପି ଚୋରାଚାଲାଣ ରୋକିବାକୁ ଏହି ଆଇନରେ ବ୍ୟବସ୍ଥା ରହିଛି। ଏଭଳି ପ୍ରାଚୀନ କଳାକୃତି ଯଦି କୌଣସି ସଂଗ୍ରାହକଙ୍କ ନିକଟରେ ଥାଏ ତେବେ ଏହାକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ରେ ରେଜିଷ୍ଟର କରିବା ଆଇନରେ ଉଲ୍ଲେଖ କରିଛି। ଦେଶ ଭିତରେ ମଧ୍ୟ ଏପରି ସାମଗ୍ରୀର ବିକ୍ରି କିମ୍ବା ହସ୍ତାନ୍ତର କରିବାକୁ ହେଲେ ଲାଇସେନ୍ସ କରିବା ଜରୁରୀ। ଏହାର ଉଲ୍ଲଂଘନ ହେଲେ ଏହି ଆକ୍ଟ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ହେଲେ ଆଇନର କଡ଼ାକଡ଼ି ଅନୁପାଳନ ହେଉ ନ ଥିବାରୁ ଏହା ଗୁରୁତ୍ୱ ହରାଇଛି।

### ଡାଟାବେସ୍ ନାହିଁ

ଭାରତରେ ପ୍ରାଚୀନ ସାମଗ୍ରୀ ସୁରକ୍ଷିତ ରଖିବା ଲାଗି କୌଣସି ଡାଟାବେସ୍ ନାହିଁ। 'ନ୍ୟାଶନାଲ ମିଶନ ଫର୍ ମନ୍ୟୁମେଣ୍ଟ ଆଣ୍ଟିକ୍' ଅନୁଯାୟୀ, ଦେଶରେ ଅତିକମ୍‌ରେ ୭ ମିଲିୟନ ପ୍ରାଚୀନ କଳାକୃତି ରହିଛି। ତନ୍ମଧ୍ୟରୁ କେବଳ ୧.୩ ମିଲିୟନ ଆଣ୍ଟିକ୍ ସାମଗ୍ରୀର ତଥ୍ୟାବଳୀ ସଂଗୃହୀତ ହୋଇପାରିଛି। କୌଣସି ସରକାର ଏହି କାର୍ଯ୍ୟକୁ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଅନେକ ଥର କମିଟି ଗଠନ ପରେ ବି ନିୟମ କଡ଼ାକଡ଼ି ହୋଇପାରୁନାହିଁ। ସାମୁଦ୍ରିକ ସୀମା ମୁକୁଳା ପଡ଼ିବା, କଡ଼ା ପାଟ୍ରୋଲିଂ ନ ହେବା ଏପରି ଆଣ୍ଟିକ୍ ସାମଗ୍ରୀ ଚାଲାଣକୁ ସୁଯୋଗ ଦେଉଛି। ସେହିପରି ଅନ୍ତର୍ଜାତୀୟ ସନ୍ଧି ଅନୁଯାୟୀ ଚୋରାଚାଲାଣ ହେବା ସତ୍ତ୍ୱେ ଏପରି କଳାକୃତିକୁ ଫେରିପାଇବା ବାଟ ଖୋଲାଥାଏ। ୧୯୭୦ରେ ୟୁନେସ୍କୋ ଚୁକ୍ତି ଅନୁଯାୟୀ ଭାରତ ମଧ୍ୟ ଏଥିରେ ସାମିଲ ହୋଇଛି। ତେବେ ଭାରତୀୟ କଳାକୃତିଗୁଡ଼ିକୁ ବିଦେଶୀମାନେ ଘରେ ରଖିଦେଉଥିବାରୁ ଏହାକୁ ଫେରସ୍ତ ପାଇବା ଏବଂ ଟ୍ରାକିଂ କରିବା କଷ୍ଟକର ବ୍ୟାପାର।

### ଯେତିକି ଯାଉଛି, ସେତିକି ଫେରୁନି

### ଚର୍ଚ୍ଚିତ ତସ୍କର ସୁଭାଷ କପୁର

ମୂର୍ତ୍ତି ଚୋରା ବେପାରର ଏକ ଚର୍ଚ୍ଚିତ ନାମ ହେଉଛି ସୁଭାଷ କପୁର। ମ୍ୟାନ୍‌ହାଟାନ୍‌ରେ ଆର୍ଟ ଗ୍ୟାଲେରି ଜରିଆରେ ସେ ଭାରତର ଅନେକ ଦୁର୍ମୂଲ୍ୟ ମୂର୍ତ୍ତି ବିକ୍ରି କରିଦେଇଛନ୍ତି। ଏଥିରେ ୯୦୦ ବର୍ଷ ପୁରାତନ ଏକ ନଟରାଜ ମୂର୍ତ୍ତି ରହିଛି, ଯାହାର ମୂଲ୍ୟ ୫ ମିଲିୟନ ଡଲାର। ଏହାକୁ ସେ ଅଷ୍ଟ୍ରେଲିଆକୁ ବିକ୍ରି କରିଥିଲେ। ସେହିପରି ୧୧୦୦ ବର୍ଷ ପୁରୁଣା ଏକ ଶିବଙ୍କ ମୂର୍ତ୍ତିକୁ ସେ ନ୍ୟୁ ସାଉଥ୍ ୱେଲ୍ସରେ ବିକ୍ରି କରିଥିଲେ। ଆମେରିକୀୟ ଅଧିକାରୀଙ୍କ ଦ୍ୱାରା ଗିରଫ ହେବାବେଳକୁ ସୁଭାଷଙ୍କ ପାଖରେ ୧୦୭ ମିଲିୟନ ଡଲାରରୁ ଅଧିକ ଟଙ୍କାର ଭାରତୀୟ କଳାକୃତି ଥିଲା। ଏହା ଥିଲା ଆମେରିକାର ଇତିହାସରେ ସବୁଠାରୁ ବଡ଼ ମୂର୍ତ୍ତି ତସ୍କରୀ।

## ସୁଶାନ୍ତଙ୍କ ସ୍ମୃତିରେ ଅଙ୍କିତା ଭାବୁକ



ଅଙ୍କିତା ଲୋଖଣ୍ଡେ

**ମୁମ୍ବାଇ:** ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟାକୁ ନେଇ ପ୍ରତିଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ରିୟା ଚକ୍ରବର୍ତ୍ତୀଙ୍କ ସହ ସମ୍ପର୍କ ସ୍ଥାପନ ପୂର୍ବରୁ ସୁଶାନ୍ତ ଅଙ୍କିତା ଲୋଖଣ୍ଡେଙ୍କୁ ଡେଟ କରୁଥିଲେ। ବର୍ତ୍ତମାନ ଅଙ୍କିତା ଲୋଖଣ୍ଡେ ଏବଂ ସୁଶାନ୍ତଙ୍କ ଏ ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ଚିତ୍ରରେ ଅଙ୍କିତା ସୁଶାନ୍ତଙ୍କୁ ପ୍ରେମ ବ୍ୟକ୍ତ କରିଛନ୍ତି। ଏହା ମଧ୍ୟ କହିଛନ୍ତି ଯେ, ତାଙ୍କୁ ଯେତିକି ଭଲ ପାଆନ୍ତି କେହି ତାଙ୍କୁ ଭଲପାଇ ପାରିବେ ନାହିଁ। ଫଟୋ ପୋଷ୍ଟ କରି ଅଙ୍କିତା ଲେଖିଛନ୍ତି ଯେ, 'କୌନ ତୁଝେ ୟୁଁ ପ୍ୟାର କରେଗା ଯୈସେ ମୈଁ ୟୁଁ କରତି ହୁଁ, 'ଗୁଗା ଲଭ୍ ୟୁ ଶୋ ମଚ୍ ବେବି'। ଏହି ଫଟୋ ୨୮ ଫେବୃଆରୀ ୨୦୧୬ ରେ ଅଙ୍କିତା ତାଙ୍କ ଟୁଇଟର୍ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସୁଶାନ୍ତ ଏବଂ ଅଙ୍କିତାଙ୍କ ଯୋଡି ଉଭୟ ଅନ୍ ସ୍କ୍ରିନ୍ ଏବଂ ଅଫ୍ ସ୍କ୍ରିନରେ ହିଟ୍ ହୋଇଥିଲା। ଦୁହେଁ ଅନେକ ବର୍ଷ ପର୍ଯ୍ୟନ୍ତ ସମ୍ପର୍କରେ ରହିଥିଲେ। ଏହା ପରେ କିନ୍ତୁ ସେମାନଙ୍କ ରାସ୍ତା ଅଲଗା ହୋଇଗଲା। ସୁଶାନ୍ତଙ୍କ ମୃତ୍ୟୁ ପରେ ଅଙ୍କିତା ବେଳେବେଳେ ବହୁତ ଭାବପ୍ରବଣ ହୋଇପଡ଼ନ୍ତି। ସୁଶାନ୍ତ ଓ ଅଙ୍କିତା 'ପବିତ୍ରରିସ୍ତା' ସିରିଏଲରେ ଏକାଠି କାମ କରିଥିଲେ। ସେହି ସମୟରେ ଅଙ୍କିତା ଏବଂ ସୁଶାନ୍ତ ଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏହା ପରେ ଦୁହିଁଙ୍କ ମଧ୍ୟରେ କ'ଣ ଘଟିଲା ତାହା କେହି ଜାଣି ନାହାନ୍ତି, ମାତ୍ର ସୁଶାନ୍ତଙ୍କ ମୃତ୍ୟୁ ପରେ ଅଙ୍କିତା ସୁଶାନ୍ତଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ।

## ବୋଲେରୋରେ ମଦ ଚାମ୍ବର



**ଲକ୍ଷ୍ନୌ:** ଜଣେ ନେପାଳୀ ଯୁବକଙ୍କୁ ଉତ୍ତରପ୍ରଦେଶର ଚନ୍ଦୋଲି ପୋଲିସ ମଦ ଚୋରାଚାଲାଣ ଅଭିଯୋଗରେ ଗିରଫ କରିଛି। ମାତ୍ର ଯୁବକଙ୍କ ବୁଦ୍ଧିକୁ ଦେଖି ପୋଲିସର ଅକଲ ଗୁଡୁମ୍ ହୋଇଯାଇଥିଲା। କାରଣ ଯୁବକ ଜଣକ ଏକ ଭିନ୍ନ ତରିକାରେ ମଦ ଚୋରାଚାଲାଣ କରୁଥିଲେ। ଏକ ବୋଲେରୋ ଛାତରେ ଗୁପ୍ତ ଭାବରେ ଚାମ୍ବର ତିଆରିକରି ଏଥିରେ ବିପୁଳ ପରିମାଣର ବିଦେଶୀ ମଦ ବୋତଲ ଲୁଚାଇ ରଖିଥିଲେ ଏହି ଯୁବକ। ଏହି ମଦକୁ ସେ ବିହାରରେ ଚୋରାରେ ବିକ୍ରି କରୁଥିଲେ। ପୋଲିସ ଏହି ମାମଲାରେ ନେପାଳୀ ଯୁବକଙ୍କ ସମେତ ଆଉ ଦୁଇ ଜଣଙ୍କୁ ଗିରଫ କରି ପଚରା ଉଚରା ଜାରି ରଖିଛି। ବିହାରରେ ମଦ ବିକ୍ରି ଉପରେ କଟକଣା ଲଗାଯାଇଥିଲେ ମଧ୍ୟ ଅନ୍ୟ ରାଜ୍ୟରୁ ଏଠାକୁ ମଦର ବନ୍ୟା ଛୁଟୁଛି। ଉତ୍ତରପ୍ରଦେଶ- ବିହାର ସୀମା ଅତିକ୍ରମ କରି ବିହାରରେ ମଦ କାରବାର ହେଉଥିବା ପୋଲିସ ସୂଚନା ପାଇବା ପରେ ଏହା ଉପରେ କଡ଼ା ନଜର ରଖିଥିଲା। ଉତ୍ତରପ୍ରଦେଶ -ବିହାର ସୀମା ଦେଇ ଯାଉଥିବା ଏହି ବୋଲେରୋର ପିଛା କରିଥିଲା ପୋଲିସ। ପରେ ଏହାକୁ ଜବତ କରି ଥାନାକୁ ଆଣିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଭଳି ଅନେକ ମଦ ଚୋରାଚାଲାଣ କରାଯାଉଥିଲେ ସୁଦ୍ଧା ପୋଲିସକୁ ଚକ୍‌ମାଦେଇ ଅପରାଧୀମାନେ ସେମାନଙ୍କ କାର୍ଯ୍ୟରେ ସଫଳ ହେଉଥିବାର ନଜିର ରହିଛି।

## ସମ୍ବଲପୁରୀ ଶାଢ଼ି ପ୍ରେମରେ ବିଦ୍ୟା ବାଲାନ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ ଏବେ ସମ୍ବଲପୁରୀ ଶାଢ଼ି ପ୍ରେମରେ ପଡ଼ିଛନ୍ତି। ଫିଲ୍ମ 'ଶକୁନ୍ତଳା ଦେବୀ'ର ଇ-ପ୍ରମୋଶନ ଅବସରରେ ଏକ ସ୍ୱତନ୍ତ୍ର ସମ୍ବଲପୁରୀ ଶାଢ଼ି ପିନ୍ଧି ସେ ବେଶ୍ ଖୁସି ଜଣାପଡୁଛନ୍ତି। ଏହାର ଏକ ଫଟୋ ବିଦ୍ୟା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସମ୍ବଲପୁରୀ ଶାଢ଼ି ପିନ୍ଧି ବିଦ୍ୟା ବେଶ୍ ଖୁସି ଥିବା ଭିଡିଓରେ ଦେଖିବାକୁ ମିଳିଛି। ଓଡ଼ିଶାବାସୀ ମଧ୍ୟ ବିଦ୍ୟାଙ୍କୁ ସମ୍ବଲପୁରୀ ଶାଢ଼ିରେ ଦେଖି ଆହୁରି ଖୁସି ହୋଇଛନ୍ତି। ବିଦ୍ୟା ଏକ କଳାରଙ୍ଗର ସମ୍ବଲପୁରୀ ଶାଢ଼ି ପିନ୍ଧିଛନ୍ତି। ଏଥିରେ ବିଭିନ୍ନ ଗାଣିତିକ ଚିତ୍ର ଅଙ୍କା ଯାଇଛି। ଏପରି ଏକ ସୁନ୍ଦର ଶାଢ଼ି ପ୍ରସ୍ତୁତ କରିଥିବା ବୁଣାକାରଙ୍କୁ ବିଦ୍ୟା ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଛନ୍ତି। ଶାଢ଼ିଟିକୁ ସୋନପୁର କେନ୍ଦୁପାଲିର ରମାକାନ୍ତ ମେହେର ବୁଣିଥିବା ବେଳେ ଭୁବନେଶ୍ୱରର ଉତ୍କଳ ମିତ୍ର ସଂସ୍ଥା ଏହାର ବ୍ରାଣ୍ଡିଂ କରିଥିବା ବିଦ୍ୟା ତାଙ୍କ ଭିଡିଓରେ କହିଛନ୍ତି। ଏହି ଶାଢ଼ିଟିକୁ ବୁଣିବା ପାଇଁ ବୁଣାକାର ରମାକାନ୍ତଙ୍କୁ ପ୍ରାୟ ମାସେ ସମୟ ଲାଗିଥିଲା। ସୂଚନାଯୋଗ୍ୟ, ଫିଲ୍ମ 'ଶକୁନ୍ତଳା ଦେବୀ' ଏକ ବାୟୋପିକ୍ ଫିଲ୍ମ। ଏହା ମହାନ ଗଣିତଜ୍ଞ ଶକୁନ୍ତଳା ଦେବୀଙ୍କ ଜୀବନୀ ଉପରେ ଆଧାରିତ। ଫିଲ୍ମଟି ଶୁକ୍ରବାର ଆମାଜନ ପ୍ରାଇମ୍ ଭିଡିଓରେ ରିଲିଜ୍ ହେବ।

## କୋଭିଡ୍ ତରକାରିକୁ ମାସ୍କ ନାନ୍



**ଯୋଧପୁର:** ରାଜସ୍ଥାନର ଯୋଧପୁରରେ ଏବେ ଏକ ରେଷ୍ଟୁରାଣ୍ଟରେ ମିଳୁଛି କୋଭିଡ୍ ତରକାରି ଆଉ ନାନ୍ ମାସ୍କ। ରେଷ୍ଟୁରାଣ୍ଟର ମେନୁରେ ଏବେ ଏମିତି ସବୁ ଡିସ୍‌କୁ ନେଇ ଲୋକଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି। କରୋନାକୁ ନେଇ ସମସ୍ତେ ଭୟଭୀତ ଥିବାବେଳେ ରେଷ୍ଟୁରାଣ୍ଟର ମାଲିକ ଚର୍ଚ୍ଚାକୁ ଆସିବା ନିମନ୍ତେ ହଠାତ୍ ମେନୁ ବଦଳାଇ ଦେଇଥିଲେ ଏବଂ ସମସ୍ତ ଡିସ୍‌କୁ କରୋନା ସହିତ ଯୋଡ଼ି ଦେଇଥିଲେ। ଅର୍ଥାତ୍ ରେଷ୍ଟୁରାଣ୍ଟକୁ ଆପଣ ଯଦି ଖାଇବାକୁ ଯିବେ ତା'ହେଲେ ହଠାତ୍ ପ୍ଲେଟରେ ଥିବା ଖାଦ୍ୟକୁ ଦେଖି କରୋନା କଥା ନିଶ୍ଚୟ ମନେ ପକାଇବେ। କାରଣ ରେଷ୍ଟୁରାଣ୍ଟରେ ଦିଆଯାଉଥିବା କୋଭିଡ୍ ତରକାରିରେ ଯେଉଁ କୋଫ୍‌ତା ପରଷାଯାଉଛି ତାହା ଦେଖିବାକୁ କରୋନା ଭାଇରସ୍‌ର କାଳ୍ପନିକ ଚିତ୍ର ଭଳି। ସେହିପରି ଅନ୍ୟ ସମସ୍ତ ଖାଦ୍ୟକୁ ବି କରୋନା ସହିତ ଯୋଡ଼ିବା ପାଇଁ ରେଷ୍ଟୁରାଣ୍ଟରେ ପୂରା ପ୍ରୟାସ କରାଯାଇଛି। ଏଠାରେ ଯେଉଁ ନାନ୍ ଦିଆଯାଉଛି ତାହା ଦେଖିବାକୁ ମାସ୍କ ଭଳି। କରୋନା ପାଇଁ କିଛିଦିନ ବ୍ୟବସାୟ ବନ୍ଦ ହୋଇଥିବାବେଳେ ଏପରିଭାବେ ହଠାତ୍ ବ୍ୟବସାୟକୁ ବଢ଼ାଇବା ସମ୍ଭବ ହୋଇପାରିଛି।

## ୧୦୫ ବର୍ଷରେ କରୋନାକୁ ଜିତିଲେ


**କୋଲ୍ଲାମ୍:** ସମଗ୍ର ଦେଶରେ କରୋନା ସଂକ୍ରମିତ ଏବଂ ଏହା ଜନିତ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ଏଭଳି ସମୟରେ କେରଳର ଜଣେ ୧୦୫ ବର୍ଷୀୟା ମହିଳା କରୋନାକୁ ମାତ୍‌ଦେଇ ସୁସ୍ଥହୋଇ ଫେରିଥିବା ସୂଚନା ମିଳିଛି। ସେ ହେଲେ କୋଲ୍ଲାମ୍ ଜିଲାର ଥାଜାମେଲ୍ ଗ୍ରାମର ଆସ୍‌ମା ବିବି। ପାରିପାଲ୍ଲୀ ମେଡିକାଲ କଲେଜ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ସଂକ୍ରମଣର ମାତ୍ର ୯ଦିନ ପରେ ତାଙ୍କ ରିପୋର୍ଟ ନେଗେଟିଭ ଆସିଥିବା ଜଣାପଡ଼ିଛି। ଆସ୍‌ମାଙ୍କ ନାତି ଜଣେ ମାଛ ବ୍ୟବସାୟୀ ହୋଇଥିବାବେଳେ ସେ ପ୍ରଥମେ କରୋନା ସଂକ୍ରମିତ ହୋଇଥିଲେ। ତାଙ୍କ ଦ୍ୱାରା ପରିବାରର ୫ମାସର ଶିଶୁ ଏବଂ ଆସ୍‌ମାଙ୍କ ସମେତ ୮ଜଣ ସଦସ୍ୟ ସଂକ୍ରମିତ ହୋଇଥିଲେ। ବାର୍ଦ୍ଧକ୍ୟଜନିତ ଦୃଷ୍ଟିଶକ୍ତି ଅଭାବ ଏବଂ ଆଣ୍ଠୁ ବ୍ୟଥା ବ୍ୟତୀତ ଆସ୍‌ମାଙ୍କ ଅନ୍ୟ କୌଣସି ସମସ୍ୟା ନ ଥିଲା। ଏହି ଶତାୟୁ ବୃଦ୍ଧା ଅତି ସହଜରେ କରୋନାକୁ ପରାଜିତ କରିବାରେ ସଫଳ ହୋଇଥିବା ଜଣାପଡ଼ିଛି।



## ବଜାରରେ ଅଜବ ମାସ୍କ

ବର୍ତ୍ତମାନ ସମଗ୍ର ବିଶ୍ୱରେ କରୋନା ମହାମାରୀ ଆତଙ୍କ ଖେଳାଇ ଚାଲିଛି। ଏହି ମହାମାରୀ ପାଇଁ ସମଗ୍ର ବିଶ୍ୱବାସୀ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏହାର ଔଷଧ ଏ ପର୍ଯ୍ୟନ୍ତ ବାହାରି ନ ଥିବାରୁ ଏହାକୁ ପ୍ରତିହତ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ କ୍ରମାଗତ ଭାବରେ ଏହା ବିଷୟରେ ସଚେତନତା ସୃଷ୍ଟି କରୁଛି। ନିଜକୁ ରକ୍ଷା କରିବା ପାଇଁ ସମସ୍ତେ ମାସ୍କ ବ୍ୟବହାର କରୁଛନ୍ତି। ତେବେ ଏହି ସମୟରେ କେତେକ ଅଜବ ମାସ୍କ ବଜାରରେ ଦେଖିବାକୁ ମିଳୁଛି। ଏହା ମଧ୍ୟରୁ କିଛି କୌତୂହଳ ସୃଷ୍ଟି କରୁଥିବା ବେଳେ ଆଉ କିଛି ମାସ୍କ ଦେଖି ଡର ଲାଗୁଛି। କେତେକ ମାସ୍କରେ ବଡ଼ ଦାନ୍ତର ପ୍ରିଣ୍ଟ ଅଛି ତ ଆଉ କେଉଁଥିରେ ପାଟି ଆଁ କରିଥିବା ମାସ୍କ ଦେଖିବାକୁ ମିଳୁଛି। ଏପରିକି କେହି ମାସ୍କରେ ମାଙ୍କଡ଼ ମୁହଁ ରଖିଛନ୍ତି। ଏହି ଚିତ୍ରଗୁଡ଼ିକ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ନିକଟରେ ମହାରାଷ୍ଟ୍ରର ପୁଣେରେ ରହୁଥିବା ଶଙ୍କର କୁରାଦେ ନାମକ ଜଣେ ବ୍ୟକ୍ତି ୨.୮୯ ଲକ୍ଷ ଟଙ୍କା ମୂଲ୍ୟରେ ନିର୍ମିତ ସୁନା ମାସ୍କ ପିନ୍ଧି ଚର୍ଚ୍ଚାକୁ ଆସିଥିଲେ। ମାସ୍କ ଆମ ଜୀବନର ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହୋଇପାରିଛି। ବିଶେଷକରି କରୋନା ଭୂତାଣୁ ରୋକିବା ପାଇଁ ଏହା ନିହାତି ଜରୁରୀ। ପାଟି ଏବଂ ନାକକୁ ଘୋଡ଼ାଇ ରଖିଲେ ଏହି ଭୂତାଣୁ ପ୍ରବେଶ କରିପାରିବ ନାହିଁ।






# ମନେ ପଡ଼ନ୍ତି

### ଏକବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ମହାନ୍ତି

ଆବିର୍ଭାବ: ୧୪।୦୨।୧୯୧୨
ତିରୋଧାନ: ୨୪।୦୮।୧୯୯୯

ଆପଣଙ୍କର ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ପରିଜନ ଓ ଛାତ୍ରଛାତ୍ରୀବୃନ୍ଦ।
ଧ-୧୭୮୫୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଏକାଦଶାହ ଅବସରରେ




ସ୍ୱର୍ଗତ ଧରଣୀଧର ଜେନା
ପୁଣ୍ୟତୋୟା,ଇ,୭, ବି.ଜେ.ବି. ନଗର

**ଆବିର୍ଭାବ: ତା ୧୫।୦୯।୧୯୫୭**
**ତିରୋଧାନ: ତା ୨୨।୦୭।୨୦୨୦**
**(ଶୁକ୍ଳପକ୍ଷ ଦ୍ୱିତୀୟା ତିଥି)**

ବାପା, ତୁମେ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଥିଲ, କିନ୍ତୁ ଏତେ ଶୀଘ୍ର ସେହି ପରମ ପୁରୁଷଙ୍କ ପାଖକୁ ଚାଲିଯିବ ଆମ ଭାବନାର ବାହାରେ ଥିଲା। ଏହି ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ, ତୁମ ଆଶୀର୍ବାଦ ଆମ ଉପରେ ସର୍ବଦା ରହିଥାଉ।

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ସୁନିଶ୍ଚିତ୍ (ତାନୁ) ଏବଂ ପରିବାରବର୍ଗ।
ଧ-୧୭୮୨୯

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅନ୍ତର୍ଯ୍ୟାମୀ ମିଶ୍ର

ତୀର୍ଥରେଣୁ, କେଦାରଲେନ୍, ପୁରୁଣା ଭୁବନେଶ୍ୱର

ପୂଜ୍ୟସ୍ପଦ ନନା, ଷୋଳତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କୁ ବିଶେଷ ଶ୍ରଦ୍ଧାଞ୍ଜଳି, ଏମିତିକି ଆପଣଙ୍କ ନୀତି, ଆଦର୍ଶ, ଶୃଙ୍ଖଳା, ସଦାଚାର ଓ ଈଶ୍ୱର ଚିନ୍ତନ ଆମ୍ଭମାନଙ୍କୁ ପ୍ରତ୍ୟେକ ଦିନ ମାର୍ଗଦର୍ଶନ କରିଥାଏ, ମାତ୍ର ଆଜିର ଏ ବିଶେଷ ଦିନରେ ଆପଣଙ୍କୁ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆପଣଙ୍କର ପରିବାରବର୍ଗ ଓ ଶୁଭେଚ୍ଛୁ।
ଧ-୧୭୮୫୧

## କ ବି ତା



### ରାଖୀ ପୂନେଇଁ

ଶ୍ରାବଣ ମାସରେ ଗହ୍ମାପୂନେଇଁ
ଚାଷୀଭାଇ ରହିଥାଏ ଅନେଇ।
ବରଷା ଋତୁର ହୁଅଇ ଅନ୍ତ
ଏ ଦିନ ଜନମ ରୋହିଣୀ ସୁତ।
ଅପ୍ରମିତ ବଳ ରୂପ ସୁନ୍ଦର
ତେଣୁ ବଳରାମ ରୂପ ତାଙ୍କର।
କଳିଯୁଗେ ବଳଭଦ୍ର ବୋଲାଇ
ଶ୍ରୀକ୍ଷେତ୍ରରେ ଲୀଳା କରନ୍ତି ରହି।
ଆୟୁଧ ତାଙ୍କର ହଳ ମୂଷଳ
ଚାଷୀଭାଇକୁ ସେ ଦିଅନ୍ତି ବଳ।
କୃଷକ ସର୍ଜଇ ଶସ୍ୟ ସମ୍ଭାର
ଶସ୍ୟ ନ ଫଳିଲେ ସୃଷ୍ଟି ଅନ୍ଧାର
ଗହ୍ମାପୂର୍ଣ୍ଣମୀରେ ରକ୍ଷାବନ୍ଧନ
ଭାଇଭଉଣୀଙ୍କ ପବିତ୍ର ଦିନ।
ଭଉଣୀ ଧରିଛି ରେଶମ ଡୋରି
ଭାଇ ହାତେ ବାନ୍ଧେ ସେନେହ କରି।
ଭଉଣୀକୁ ଭାଇ ଦିଏ ସୁରକ୍ଷା
ରାଖୀପୂନେଇଁରୁ ମିଳେ ଏ ଶିକ୍ଷା।
ପ୍ରତ୍ୟେକ ପରବ ମୂଳରେ କିଛି
ମହତ୍ ଉଦ୍ଦେଶ୍ୟ ଲୁଚି ରହିଛି।

**– ମାଧବୀଲତା ଦେଈ,** *ପ୍ରଧାନ ଶିକ୍ଷୟିତ୍ରୀ, କନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ, ନିମାପଡ଼ା, ପୁରୀ*

### ଆଣି ଦିଅ ଗୋଟେ ଭଉଣୀ

ବଡି ଭୋରୁ ମନ ଖୁସିରେ
ଉଠି ପଡିଲା କୁନା,
ଯାଇଁ ଦେଖିଲା କବାଟ ଫାଙ୍କେ
ଫୁଲ ତୋଳୁଛି ମୁନା।
କହିଲା କୁନା ହଇରେ ମୁନା
ଫୁଲତୋଳୁ କାହାପାଇଁ,
କହି ମୁନା ଧୀର ପାଟିରେ
ଆଜିପରା ଗହମା ପୂନେଇଁ।
ସଅଳ ଯିବି ଘରକୁ ଆଜି
ଫୁଲ ଚାଙ୍ଗୁଡା ଧରି ମୁହିଁ
ରାଖୀ ବାନ୍ଧିବ ବୋଲି ମୋ ହାତେ
ନାନୀ ବସିଛି ଚାହିଁ।
ମା' କରିଛନ୍ତି କାକରା ପିଠା
ଚକୁଳି ମଣ୍ଡା ଖିରି,
ଗାଳି ଖାଇବି ମା'ଙ୍କଠାରୁ
କରିବି ଯଦି ଡେରି,
ଏତକ କହି ମୁନା ମାରିଲା କୁଦା
ହାତେ ଚାଙ୍ଗୁଡା ଧରି।
ମନ ଦୁଃଖରେ ଆସିଲା କୁନା
କାନ୍ଦିଲା କଇଁ କଇଁ,
ପଚାରିଲେ ମା' କୋଳକୁ ନେଇ
କାନ୍ଦୁଛୁ କାହିଁ ପାଇଁ।
ବୁଝାଇ ବୁଝାଇ ଥକିଲେ ବାପା
କେହି ପାରିଲେ ନାହିଁ ଜାଣି,
ନୂଆ ଖେଳନା ଦେବି କି ଆଣି
ରୁଷିଛୁ ସେଥିପାଇଁ।
କହିଲା କୁନା ଆଜି ରାଖୀ ପୁନେଇଁ
ପାର ନାହିଁ କି ଜାଣି,
ମୋ ହାତେ ରାଖୀ ବାନ୍ଧିବା ପାଇଁ
ନାହିଁ କାହିଁ ମୋର ଭଉଣୀ।
ବୁଝି ମା' ପାରି କୁନାର ଦୁଃଖ
ତାକୁ କୋଳକୁ ନେଲେ ଟାଣି,
ପିନ୍ଧାଇ ରାଖୀ ଖୋଇଲେ ମିଠା
ତା' ମନକୁ ଜାଣି।

**–ମୀରା ବେଉରା,** *ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, ତୁଳସୀପୁର, କଟକ*

### ରକ୍ଷା ବନ୍ଧନ

ବଳଦେବଙ୍କ ଜନ୍ମଜୟନ୍ତୀ
ରକ୍ଷାବନ୍ଧନର ପବିତ୍ର ତିଥି
ପରମ୍ପରା ଖୁସି ବହି,
ଭାଇ-ଭଉଣୀର ମମତା ସ୍ୱଚ୍ଛ
ଭଉଣୀ ଭାଇର ରକ୍ଷା କବଚ
ଆସିଛି ରାଖୀ ପୁନେଇଁ।
ଘରେ ଘରେ ପିଠାପଣା ଆସର
ଭଉଣୀଟି ଯାଏ ଭାଇର ଘର
ରାଖୀ ବାନ୍ଧିବା ପାଇଁ,
ରାଖୀ ବାନ୍ଧି ଦୀପ ବୁଲେଇ ଦିଏ
ଫୁଲ ଚନ୍ଦନରେ ମଥାକୁ ଛୁଏଁ
ଦୁହେଁ କୋଳାକୋଳି ହୋଇ।
ଆନନ୍ଦେ ଲୋତକ ପଡଇ ଝରି
ଅତୁଟ ସମ୍ପର୍କ ରହିଛି ଭରି
କେହି ଭୁଲିବାର ନାହିଁ,
ଏଥୁଅନ୍ତେ ଭାଇ ହରଷେ ଭରେ
ମିଠାଟି ଖୁଆଇ ଦିଏ ପାଟିରେ
ପରସ୍ପର ମୁଖ ଚାହିଁ।
ଏତିକିରୁ ସରେ ନାହିଁ କାହାଣୀ
ଉପହାର ଅଳି କରେ ଭଉଣୀ
ଭାଇ ହାତ ଧରି ଦେଇ,
ଅଳିଅଳୀ ପରା ମୁଁ ସବା ସାନ
ଭଉଣୀକୁ ଦେଲେ ସରେନା ଧନ
କେଉଁ କାଳୁ ଅଛି ରହି।

**–ବସନ୍ତ କୁମାର ଦାସ,** *ରମ୍ଭା, ବରି, ଯାଜପୁର*

## ଆ ଇ ନା



ଅନୁଷ୍କା
୧୦ବର୍ଷ

## ଖିଲିଖିଲି ହସ

ଥରେ କ୍ଲାସରେ ସାର୍ ପଢ଼ାଉଥିବା ବେଳେ ସୋନୁ ଡେସ୍କ ଉପରେ ମୁଣ୍ଡ ରଖି ଶୋଇଥିଲା। ତାକୁ ଉଠାଇ ସାର୍ ପଚାରିଲେ, ତୋ ମନ ଏବେ କେଉଁଠି ଅଛି ? ସେ ଉତ୍ତର ଦେଲା, ସାର୍, ମୁଁ ଏବେ ଜାପାନରେ ବୁଲୁଛି। ସାର୍ କହିଲେ, ଆରେ ବୋକା, ତୁ ଏବେ ଏଇଠି କ୍ଲାସରେ ଅଛୁ। ସୋନୁ ଉତ୍ତର ଦେଲା, ସାର୍, ଆପଣ ଯାହା କହୁଛନ୍ତି ତାହା ଠିକ୍, ହେଲେ ମୁଁ ଏବେ ସ୍ୱପ୍ନରେ ଜାପାନରେ ବୁଲୁଥିଲି।

ଥରେ ପ୍ରତ୍ୟାଶାକୁ ଟ୍ୟୁଶନ ସାର ପଚାରିଲେ, ଆରେ ତୁ ହୋମ ୱର୍କ କାହିଁକି କରିନୁ ? ସେ ଉତ୍ତର ହେଲା, ସାର୍, ମୁଁ ହଷ୍ଟେଲ୍‌ରେ ରହୁଛି, ତେଣୁ ହୋମଓ୍ୱର୍କ କେମିତି କରିବି ? ମୋତେ ହଷ୍ଟେଲ ୱର୍କ ଦିଅନ୍ତୁ ନା !

ଥରେ ପପୁ କାର୍ ଧୋଉଥିବା ବେଳେ ତାକୁ ତା' ଅଜା ପଚାରିଲେ, ଆରେ, ତୁ ଏତେ ସମୟ ହେଲାଣି କାର୍ ଧୋଉଛୁ ? ପପୁ କହିଲା, ଅଜା ତମେ ଜାଣିନ ? ମୁଁ ଅଧିକ ସମୟ କାର୍ ଧୋଇଲେ ତାହା ବଡ ହେଲେ ବସ୍ ହେବ।

## ମତାମତ

- ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ସମସ୍ତ ବିଷୟଗୁଡିକ ମନଛୁଆଁ ହୋଇପାରୁଛି।
  –ପ୍ରଭାତ କୁମାର ସାହୁ, ବରଗଡ
- ଗତ ସପ୍ତାହରେ 'ଗପ' ସ୍ତମ୍ଭରେ ପ୍ରକାଶିତ 'ଛେପ ପକାଇବା ମନା' ଗପଟି ପଢ଼ି ଭଲ ଲାଗିଲା।
  *–ତପସ୍ୱିନୀ ଦାସ, ଭଦ୍ରକ*
- ଗତ ସପ୍ତାହରେ 'ତୁମ ତୁଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ହୋଇଥିଲା।
  *–ବିରାଜ କୁମାର ନାୟକ, ଢେଙ୍କାନାଳ*
- ଗତ ସପ୍ତାହରେ 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ପ୍ରକାଶିତ 'ଏକ ମିନିଟ୍‌ରେ ୧୯୬ ପ୍ରଶ୍ନର ଉତ୍ତର' ବିଷୟଟି ପଢ଼ି ସେ ବିଷୟରେ ଅନେକ କଥା ଜାଣିହେଲା।
  *–ଅଜିତ ପ୍ରହରାଜ, ଯାଜପୁର*

# ରାଖୀ: ଏଥର ଏମିତି

**ଭାଇ ହାତରେ ଭଉଣୀର ସେନେହର ଡୋରି ହେଉଛି ରାଖୀ। ସେଥିପାଇଁ ତ ରାଖୀପୂର୍ଣ୍ଣିମାକୁ ଅପେକ୍ଷା କରିଥାନ୍ତି ସମସ୍ତେ। ହେଲେ କରୋନା ପାଇଁ ଲକ୍‌ଡାଉନ୍ ଆଉ ଶଟ୍‌ଡାଇନ୍ ଭିତରେ ଏଥର ରାଖୀପୂର୍ଣ୍ଣିମା ବି ଫିକା। ପୂର୍ବବର୍ଷ ଭଳି ଏଥର ରାଖୀ ଦୋକାନ ଖୋଲିନି କି ମିଠା ଆଉ ଗିଫ୍ଟ ଦୋକାନ ବି ଖୋଲିପାରିନି। ଏଭଳି ସ୍ଥିତିରେ ପିଲାମାନେ କେମିତି ବାନ୍ଧିବେ ରାଖୀ ସେସମ୍ପର୍କରେ ଉପସ୍ଥାପନା...**



ରାଖୀ ବାନ୍ଧିବା ପାଇଁ ଭାଇ ଭଉଣୀଙ୍କ ମନରେ ରହିଥାଏ ପ୍ରବଳ ଉତ୍ସାହ। ରାଖୀକୁ ନେଇ ପିଲାମାନେ କେତେକଣ ଭାବିଥାନ୍ତି। କିଏ ଭଲ କାର୍ଟୁନ ରାଖୀ ପିନ୍ଧିବ ବୋଲି ଭଉଣୀକୁ କହିଥାଏ ତ କିଏ ପିନ୍ଧିବ ସବୁଠୁ ବଡ଼ ରାଖୀ। ମନପସନ୍ଦର ରାଖୀ ହେଲେ ଅନେକ ଦିନ ଯାଏ ହାତରେ ବାନ୍ଧି ରଖନ୍ତି ପିଲାମାନେ। ହେଲେ ଏଥର ଲକ୍‌ଡାଉନ୍ ପାଇଁ ସବୁଥିରେ କଟକଣା। କୌଣସି ସ୍ଥାନକୁ ଯାଇ ହେଉନି କି ମାର୍କେଟ ଯାଇ ମନଖୋଲା ଜିନିଷ କିଣି ହେଉନି। ଏଭଳି ସ୍ଥିତିରେ ପିଲାମାନେ ବି ବୁଝିବା ଉଚିତ କରୋନା ସଂକ୍ରମଣଠାରୁ ଦୂରେଇ ରହିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ସୁରକ୍ଷା ହିଁ ପ୍ରଥମ କାମ। ଆଉ ରାଖୀରେ ଏଥର ମଜା କରି ନ ପାରିଲେ ଆରଥରକୁ ତ ନିଶ୍ଚୟ ଖୁସିରେ ପାଳନ କରିପାରିବେ। ତେଣୁ ଏଥର ସମସ୍ତେ ଘରେ ରହି ପାଳନ କରନ୍ତୁ ରାଖୀ।

### ନାଳି ଫିତାକୁ ରାଖୀ କରି ବାନ୍ଧିବି

*(**ଆରାଧ୍ୟାଶ୍ରୀ ପରିଡା,** କ୍ଲାସ-୩, ସେଣ୍ଟ ଜାଭିଅର ହାଇସ୍କୁଲ, ବାରବାଟୀ ଷ୍ଟାଡିୟମ, କଟକ)*



ଏଥର ମୁଁ ଭୁବନେଶ୍ୱରରେ ରହୁଥିବା ମୋ ସାନଭାଇ ପାଖକୁ ବି ରାଖୀ ବାନ୍ଧିବାକୁ ଯାଇପାରିବିନି। ବାବା ମନା କରୁଛନ୍ତି ଏଥର କାହାଘରକୁ ଯାଇ ହେବନି। ଏଇଠି ଖାଲି ସାନଭାଇ ହାତରେ ରାଖୀ ବାନ୍ଧିବି। ଏଥର ଗାଁକୁ ବି ବଡ଼ବାବାଙ୍କ ଘରକୁ ଯାଇପାରିବିନି। ତେଣୁ ଏଥର ମୋର ରାଖୀ କିଣିବା ବି ଦରକାର ନାହିଁ। ରାଖୀ ବି କେଉଁଠି ମିଳୁନି। ତେଣୁ ଘରେ ଠାକୁରଙ୍କ ନାଳି ଫିତାରୁ ରାଖୀ କରି ସାନଭାଇ ହାତରେ ଓ ଠାକୁରଙ୍କ ପାଖରେ ବାନ୍ଧିଦେବି।

### ନିଜେ ରାଖୀ ତିଆରି କରି ବାନ୍ଧିବି

*(**ନିଶା ପରିଡା,** କ୍ଲାସ-୮, ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର)*



ଏଥର ମୁଁ ନିଜେ ତିଆରି କରିଥିବା ରାଖୀ ମୋ ଭାଇଙ୍କ ହାତରେ ବାନ୍ଧିବି। ଲକ୍‌ଡାଉନ୍ ପାଇଁ ତ ଆମେ କେଉଁଠିକୁ ଯାଉନୁ। ଦୋକାନ ବି ଖୋଲୁନି। ସେଥିପାଇଁ ହାତରେ ରାଖୀ ତିଆରି କରିଛି। କିନ୍ତୁ ଅସୁବିଧା ହେଉଛି କି ଲକ୍‌ଡାଉନ୍ ପାଇଁ ଏଥର ମୁଁ ମାମୁ ଘରକୁ ଆଉ ଅପା ଘରକୁ ରାଖୀ ବାନ୍ଧିବା ପାଇଁ ଯାଇ ପାରିବିନି। କେବଳ ଘରେ ମୋର ଦୁଇ ଭାଇଙ୍କୁ ରାଖୀ ପିନ୍ଧାଇବି।

### ଠାକୁରଙ୍କ ପାଖରେ ରାଖୀ ବାନ୍ଧିବି

(**ଭୂମି ଶତରୂପା,** କ୍ଲାସ-୧, ଏନିସ୍ ସ୍କୁଲ, ମୋହାଲି, ପଞ୍ଜାବ)



ଲକ୍‌ଡାଉନ୍ ପାଇଁ ଏଥର ରାଖୀପୂର୍ଣ୍ଣିମାର ମଜା ଆସିବନି। ମୋ ବେଟୁ ଭାଇନା ବ୍ରହ୍ମପୁରରେ ଅଛି ଏବଂ ଆଉ ଜଣେ ଭାଇ ଆମେରିକାରେ ଅଛି। ଏଥର କାହା ପାଖକୁ ରାଖୀ ପଠେଇ ପାରିନି। ସେଥିପାଇଁ ବାବାଙ୍କ ମୋବାଇଲରେ ଭିଡିଓ କଲ୍ କରିବି। ମୋ ସାନ ଭାଇ ଭୁବନ କଲ୍ୟାଣ ମୋ ପାଖରେ ଅଛି। ଆଉ ଘର ପାଖ ଦୋକାନରେ ରାଖୀ ମିଳୁଛି। ସେଇଠାରୁ ରାଖୀ ଆଣି ତାକୁ ବାନ୍ଧିବି ଆଉ ଠାକୁର ଘରେ ଜଗନ୍ନାଥ, ବଳଭଦ୍ରଙ୍କୁ ମଧ୍ୟ ବାନ୍ଧିବି। କରୋନା ପାଇଁ ବାବା ବାହାରୁ ମିଠା ଆଣିବେନି କହିଛନ୍ତି। ମାଆ ଘରେ ପିଠା କରିବ, ସମସ୍ତେ ଖାଇବୁ ଆଉ ରାଖୀପୂର୍ଣ୍ଣିମା ପାଳନ କରିବୁ।

### ଏଥର କୁଆଡ଼େ ଯାଇ ପାରିବିନି

*(**ଶୁଭ୍ରସ୍ମିତା ସ୍ୱାଇଁ,** କ୍ଲାସ-୬, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ଫୁଲନଖରା, କଟକ)*



କରୋନା ପାଇଁ ଏଥର କାହା ପାଖକୁ ରାଖୀ ପଠେଇବା ପାଇଁ ମାମା ମନା କରିଛନ୍ତି। ଆଉ ରାଖୀ ବାନ୍ଧିବା ପାଇଁ ବି ମୁଁ ମାମୁ ଘରକୁ କି ବଡ଼ବାବାଙ୍କ ଘରକୁ ବି ଯାଇ ପାରିବିନି। ଖାଲି ଘରେ ମୋ ସାନ ଭାଇକୁ ରାଖୀ ପିନ୍ଧାଇବି। ସବୁ ଭାଇଙ୍କ ପାଇଁ ମୁଁ ରାଖୀ ତିଆରି କରି ଦେଇଛି। କାହା ପାଖକୁ ଯାଇପାରୁ ନ ଥିବାରୁ ସମସ୍ତଙ୍କ ପାଇଁ ଠାକୁରଙ୍କ ପାଖରେ ହିଁ ରାଖୀ ରଖି ମୁଣ୍ଡିଆ ମାରବି ଆଉ ମଙ୍ଗଳକାମନା କରିବି।

### ରାଖୀ ବାନ୍ଧିବାକୁ ମାମୁ ଘରକୁ ଯିବି

*(**ବିଦିଶା ଦାଶ,** କ୍ଲାସ-୮, ସେଣ୍ଟ ଜୋଶେଫ ହାଇସ୍କୁଲ, ୟୁନିଟ୍-୯, ଭୁବନେଶ୍ୱର)*



ମୋର କି ଦାଦାଙ୍କର ପୁଅ ନାହାନ୍ତି। ସେଥିପାଇଁ ମୁଁ ସବୁବର୍ଷ ରାଖୀ ବାନ୍ଧିବାକୁ ମାମୁଙ୍କ ଘରକୁ ଯାଏ। ମାମୁଘର ଏଇଠି ପାଖରେ ଥିବାରୁ ମୁଁ ମାମାଙ୍କ ସହ ଯିବି ବୋଲି ଭାବିଛି। ହେଲେ ଏପର୍ଯ୍ୟନ୍ତ ରାଖୀ କିଣି ନାହିଁ। ସେଦିନ ଗଲାବେଳକୁ ଯଦି ରାଖୀ ବିକ୍ରି ହେଉଥିବ ତେବେ ବାଟରୁ କିଣି ନେଇଯିବି। ନ ହେଲେ ଠାକୁରଙ୍କ ପାଖରେ ଥିବା ନାଳି ଫିତା ବାନ୍ଧିବି। ଏଥର ମାମା ଘରେ ମିଠା ତିଆରି କରିବେ ବୋଲି କହିଛନ୍ତି। ମାମୁ ଘରେ ଆଈ ବି ମୋ ପାଇଁ ମିଠା ଆଉ ପିଠା ତିଆରି କରି ରଖିଥାନ୍ତି। ଯଦି ମୁଁ ଯାଇ ପାରିବିନି ତା' ହେଲେ ମାମୁ ଭାଇକୁ ନେଇ ଆମ ଘରକୁ ଆସିବେ ବୋଲି କହିଛନ୍ତି।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ସବୁଠୁ ଡେଙ୍ଗା ଜିରାଫ





ପଶୁମାନଙ୍କ ମଧ୍ୟରେ ଜିରାଫ୍ ହେଉଛି ସବୁଠାରୁ ଡେଙ୍ଗା। କିନ୍ତୁ ଏହି ଜିରାଫ ମଧ୍ୟରେ ସବୁଠୁ ଡେଙ୍ଗା ଜିରାଫ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ଆଉ ରେକର୍ଡ କରିଥିବା ଏହି ଜିରାଫଟି ହେଉଛି ଅଷ୍ଟ୍ରେଲିଆର। ସେଠାରେ ବିରୱା କୁଇନ୍ସଲାଣ୍ଡରେ ଥିବା ଏକ ଚିଡ଼ିଆଖାନାରେ ବିଶ୍ୱର ସବୁଠୁ ଡେଙ୍ଗା ଜିରାଫ ରହିଥିବା ନେଇ ସ୍ପଷ୍ଟ କରିଛନ୍ତି ଚିଡ଼ିଆଖାନାର କର୍ତ୍ତୃପକ୍ଷ। ଏହି ଜିରାଫଟିର ଉଚ୍ଚତା ହେଉଛି ୧୮ ଫୁଟ ୮ ଇଞ୍ଚ ଅର୍ଥାତ ୫.୭ ମିଟର। ଏହି ଜିରାଫଟି ପ୍ରଥମେ ଅଷ୍ଟ୍ରେଲିଆର ଏକ ଜଙ୍ଗଲରେ ରହୁଥିଲା। କିନ୍ତୁ ଗତବର୍ଷ ଏହା କୁଇନ୍ସଲାଣ୍ଡ ଚିଡ଼ିଆଖାନାକୁ ଆସିଥିଲା। ଆଉ ଏତେ ବଡ଼ ଜିରାଫ ହୋଇଥିବାରୁ ଏହାକୁ ସବୁଠୁ ଡେଙ୍ଗା ବୋଲି ରେକର୍ଡ ନିମନ୍ତେ ଦାବି କରାଯାଇଥିଲା। ଏବେ ଏହାକୁ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ମିଳିଥିବା ନେଇ ସ୍ପଷ୍ଟ କରାଯାଇଛି।

## ଟଗଲା ଭୀମୁ




## ତୁମ ତୁଳୀରୁ



**ଆଶୁତୋଷ ମିଶ୍ର,** କ୍ଲାସ-ଏଲକେଜି, ଗୁରୁନାନକ ଇଂଲିଶ ମିଡିୟମ ସ୍କୁଲ, ଗୁଡିଆପୋଖରୀ, ପୁରୀ




**ସାଦ୍ୟାନ୍ତ ଶତପଥୀ,** କ୍ଲାସ-୨, ମଦର୍ସ ପବ୍ଲିକ ସ୍କୁଲ, ପୁରୀ




**ଦୀକ୍ଷା ଦେବାଂଶୀ ବରାଳ,** କ୍ଲାସ-୨, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଶନିବାର, ଅଗଷ୍ଟ ୧/୨୦୨୦ Saturday, August 1/2020

**ସଂକ୍ଷେପରେ**

## ଡେନ୍‌ଲିଙ୍କ ସ୍ଥାନରେ ଲିଭିଂଷ୍ଟୋନ୍



**ସାଉଥାମ୍ପଟନ, ୩୧।୭(ପି.ଟି.):** ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋ ଡେନ୍‌ଲି ଆୟର୍ଲାଣ୍ଡ ବିପକ୍ଷ ଚଳିତ ଦିନିକିଆ ସିରିଜର ଅବଶିଷ୍ଟ ମ୍ୟାଚଗୁଡ଼ିକରୁ ଓହରିଯାଇଛନ୍ତି। ଟ୍ରେନିଂ ସମୟରେ ସେ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ଲଙ୍କାଶାୟାରର ଲିଆମ ଲିଭିଂଷ୍ଟୋନ ୩୪ ବର୍ଷୀୟ ଡେନ୍‌ଲିଙ୍କ ସ୍ଥାନରେ ୧୪ ଜଣିଆ ଦଳରେ ସାମିଲ ହୋଇଛନ୍ତି। ଲିଭିଂଷ୍ଟୋନ ଇଂଲଣ୍ଡ ପକ୍ଷରୁ ୨ଟି ଟି୨୦ ଖେଳିଛନ୍ତି। ଚୂଡ଼ାନ୍ତ ଏକାଦଶରେ ରହିଲେ ସେ ଆଗାମୀ ମ୍ୟାଚରେ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିବେ। ସିରିଜର ଅବଶିଷ୍ଟ ୨ଟି ମ୍ୟାଚ ଯଥାକ୍ରମେ ଶନିବାର ଓ ମଙ୍ଗଳବାର ଅନୁଷ୍ଠିତ ହେବ।

## ପୂର୍ବତନ ସୌରାଷ୍ଟ୍ର କୋଚ୍‌ଙ୍କ ପରଲୋକ

**ରାଜକୋଟ,୩୧।୭(ପି.ଟି):** ପୂର୍ବତନ ସୌରାଷ୍ଟ୍ର କୋଚ୍ ଓ ମ୍ୟାନେଜର ହସମୁଖଭାଇ ଜୋଶୀ ଗୁରୁବାର ପରଲୋକ ଗମନ କରିଛନ୍ତି। ବାବାଭାଇ ଭାବେ ବେଶ୍ ଜଣାଶୁଣା ଥିବା ଏହି ଜୋଶୀ ୮୫ ବର୍ଷରେ ମୃତ୍ୟୁବରଣ କରିଛନ୍ତି ବୋଲି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ(ଏସ୍‌ସିଏ) କହିଛି। ସୌରାଷ୍ଟ୍ର କ୍ରିକେଟ ପ୍ରତି ବିଭିନ୍ନ ରୂପରେ ତାଙ୍କର ବହୁତ ଅବଦାନ ରହିଛି। ଜଣେ ଖେଳାଳି, ୧୬, ୧୯, ୨୨ ବର୍ଷରୁ କମ୍ ବିଭାଗର ଚୟନକର୍ତ୍ତା, ଅମ୍ପାୟର, କୋଚ୍ ଓ ମ୍ୟାନେଜର ଭାବେ ସେ ବହୁତ କିଛି କାର୍ଯ୍ୟ କରିଛନ୍ତି ବୋଲି ଏସ୍‌ସିଏ ତରଫରୁ କୁହାଯାଇଛି। ସେ ମଧ୍ୟ 'ଓଲ୍ଡ ରଣଜୀ ଟ୍ରଫି ପ୍ଲେୟାର୍ସ ଅଫ୍ ଦି ପିରିୟଡ ୧୯୬୩ ସହ ୧୯୬୯- ଲା ଟିମ୍ ମେଟ୍ସ ଆଣ୍ଡ ଇନ୍‌ମେଟ୍ସ' ନାମକ ଏକ ବହି ପ୍ରକାଶିତ କରିଥିଲେ। ପୂର୍ବତନ ବିସିସିଆଇ ଓ ସିଏସ୍‌ଏ ସମ୍ପାଦକ ନିରଞ୍ଜନ ଶାହ ତାଙ୍କ ଦେହାନ୍ତରେ ଶୋକ ବ୍ୟକ୍ତ କରିଛନ୍ତି। ସେ ଜଣେ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ। କ୍ରିକେଟ ଦୃଷ୍ଟିକୋଣରୁ ସେ ବେଶ୍ ଦକ୍ଷ ଥିଲେ ବୋଲି ଶାହ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

## ୨୯ବର୍ଷରେ ଅବସର ନେଲେ ଆଲିଷ୍ଟର



**ମେଲବୋର୍ନ, ୩୧।୭ (ପି.ଟି.):** ବାରମ୍ବାର ଆଘାତଜନିତ ସମସ୍ୟାରେ ରହିବାରୁ କୁଇନ୍ସଲାଣ୍ଡ ଫାଷ୍ଟ ବୋଲର ଆଲିଷ୍ଟର ମ୍ୟାକ୍‌ଡରମଟ ମାତ୍ର ୨୯ବର୍ଷ ବୟସରେ କ୍ରିକେଟରୁ ଅବସର ଘୋଷାଣା କରିଛନ୍ତି। ଆଲିଷ୍ଟର ହେଉଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଟେଷ୍ଟ ପେସ୍ ବୋଲର କ୍ରେଗ୍ ମ୍ୟାକ୍‌ଡରମଟଙ୍କ ପୁଅ ଏବଂ ବେନ୍ ମ୍ୟାକଡରମଟ୍‌ଙ୍କ ବଡ଼ ଭାଇ। ସେ ୨୦୦୯ରେ ମାତ୍ର ୧୮ ବର୍ଷ ବୟସରେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ଆଲିଷ୍ଟର ଅଷ୍ଟ୍ରେଲିଆ ତରଫରୁ ୟୁଥ୍ ଟେଷ୍ଟ ଏବଂ ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ ଦିନିକିଆରେ ପ୍ରତିନିଧିତ୍ୱ କରିଛନ୍ତି। ଅଷ୍ଟ୍ରେଲିଆ ଏ' ଟିମ୍ ତରଫରୁ ୟୁନାଇଟେଡ୍ କିଙ୍ଗଡମ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ସେ ୨୦୧୧ରେ ଜାତୀୟ ଦଳରୁ ଖେଳିବା ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ। ସେ ତାଙ୍କ ରାଜ୍ୟ ଦଳ ସହ ଶିଫିଲ୍ଡ ଶିଲ୍ଡ ଏବଂ ଦିନିକିଆ ଟାଇଟଲ ଜିତିପାରିଥିଲେ। ବ୍ରିସ୍‌ବେନ୍ ହିଟ୍ ଟିମ୍ ତରଫରୁ ଖେଳି ବିଗ୍ ବାଶ୍ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଟାଇଟଲ ଜିତିଛନ୍ତି। ତାଙ୍କୁ ୨୨ବର୍ଷ ହେବା ପୂର୍ବରୁ ସେ ଏହି ସବୁ ଟାଇଟଲ ହାସଲ କରିପାରିଥିଲେ।

# ଖେଳାଳିଙ୍କ ପାଇଁ ପ୍ରୋଟୋକଲ

**ଦୁବାଇ, ୩୧।୭**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ହେବା ଏକପ୍ରକାର ନିଶ୍ଚିତ ହୋଇ ସାରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ କେବଳ ଅପେକ୍ଷା କରିଛି। ଏହି ଲିଗ୍ ସେପ୍ଟେମ୍ବର ୧୯ରୁ ନଭେମ୍ବର ୮ ପର୍ଯ୍ୟନ୍ତ ହେବାକୁ ଆପାତତଃ ଧାର୍ଯ୍ୟ କରାଯାଇଛି। ଆଇପିଏଲ୍ ଗଭର୍ନିଂ କାଉନସିଲ ବୈଠକ ଅଗଷ୍ଟ ୨ରେ ଅନୁଷ୍ଠିତ ହେବ। ଏଥିରେ କାର୍ଯ୍ୟସୂଚୀ ଏବଂ ଅନ୍ୟ କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ ରୂପ ଦିଆଯିବ। ଫଳରେ ୮ ଫ୍ରାଞ୍ଚାଇଜ୍ ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ସବିଶେଷ ଜାଣି ପାରିବେ। ଆଇପିଏଲ ଅଧ୍ୟକ୍ଷ ବ୍ରିଜେଶ ପଟେଲ କିଛିଦିନ ତଳେ କହିଥିଲେ ଯେ, ଏହି ଲିଗ୍ ୟୁଏଇର ୩ଟି ସ୍ଥାନ ଦୁବାଇ, ଆବୁଧାବି ଓ ଶାରଜାରେ ଅନୁଷ୍ଠିତ ହେବ। ତେବେ ଭାରତ ସରକାରଙ୍କ ଅନୁମୋଦନ ପରେ ଯାଇ ଏହି ଲିଗ୍ ହୋଇପାରିବ ବୋଲି ସେ ସ୍ପଷ୍ଟ କରିଥିଲେ। ବ୍ୟୟ ବହୁଳ ଆଇପିଏଲ ପ୍ରକୃତରେ ଗତ ମାର୍ଚ୍ଚରୁ ମେ' ମଧ୍ୟରେ ହେବାର ଥିଲା। ମାତ୍ର କରୋନା ଭାଇରସ ସଂକ୍ରମଣ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ ଯେଉଁ ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର)ପ୍ରସ୍ତୁତ କରିଥିଲା ତାହା ଏଠାରେ ମଧ ଲାଗୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଲିଗ୍ ପୂର୍ବରୁ ଫ୍ରାଞ୍ଚାଇଜ୍‌ମାନେ ୟୁଏଇ ଯାଇ ସେଠାକାର ସୁବିଧା ସୁଯୋଗ ଅନୁଧ୍ୟାନ କରିବା ଆଶା କରାଯାଉଛି।

**ୟୁଏଇରେ ଆଇପିଏଲ୍**

**କ୍ୱାରାଣ୍ଟାଇନ୍ ନିୟମ:** ଦୁବାଇରେ ସାମ୍ପ୍ରତିକ ସ୍ୱାସ୍ଥ୍ୟ ପ୍ରୋଟୋକଲ ଅନୁସାରେ ଯାହା ପାଖରେ କୋଭିଡ୍-୧୯ ନେଗେଟିଭ୍ ରିପୋର୍ଟ ଥିବ ତାକୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ ନାହିଁ। ଯାହା ପାଖରେ ନ ଥିବ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିବେ ଏବଂ ପରୀକ୍ଷା କରାଇବେ।

**କୋଭିଡ-୧୯ ଟେଷ୍ଟ:** ଖେଳାଳିମାନଙ୍କୁ ୪ ରାଉଣ୍ଡ କୋଭିଡ-୧୯ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ଭାରତ ଛାଡ଼ିବା ପୂର୍ବରୁ ୨ ଥର ଏବଂ ୟୁଏଇରେ ୨ ଥର । ୟୁଏଇରେ ପହଞ୍ଚିବାପରେ ସମସ୍ତ ଯାତ୍ରୀଙ୍କ ପାଇଁ ଟେଷ୍ଟିଂ ବାଧ୍ୟତାମୂଳକ ଏବଂ ତାହା ଖେଳାଳିଙ୍କ କ୍ଷେତ୍ରରେ ମଧ ଲାଗୁହେବ।

**ଜୈବ-ସୁରକ୍ଷିତ ପରିବେଶ:** ପ୍ରତି ଫ୍ରାଞ୍ଚାଇଜ୍ ଜୈବ-ସୁରକ୍ଷିତ ପରିବେଶ ପ୍ରତି ଧ୍ୟାନ ଦେବେ। ନିଜସ୍ୱ ଇକୋସିଷ୍ଟମ କିମ୍ବା ବିସିସିଆଇ ପକ୍ଷରୁ ଯେଉଁ ଏରିଆ ଦିଆ ଯାଇଥିବ ସେଠାରେ ଖେଳାଳିମାନେ ଯଥାସମ୍ଭବ କମ୍ ଲୋକଙ୍କ ସହିତ ମିଶିପାରିବେ। ସମାନ ନିୟମ ଆଇଏମଜି ଷ୍ଟାଫ୍, ବ୍ରଡକାଷ୍ଟର୍ସ ଆଦିଙ୍କ ପାଇଁ ଲାଗୁ ହେବ।

**ଡିଏକ୍ସବି ଆପ୍:** ଆଇପିଏଲ୍ ୨୦୨୦ରେ ଖେଳିବାକୁ ଆସୁଥିବା ସମସ୍ତ ଖେଳାଳିଙ୍କୁ ଡିଏକ୍ସବି ଆପ୍ ସେମାନଙ୍କ ସ୍ମାର୍ଟଫୋନ୍‌ରେ ଇନ୍‌ଷ୍ଟଲ କରିବାକୁ ପଡ଼ିବ। ଏହା ଭାରତର ଆରୋଗ୍ୟ ସେତୁ ଆପ୍‌ର ସମତୁଲ୍ୟ। ପଡ଼ିଆ ଭିତରେ ଏବଂ ବାହାରେ ସାମାଜିକ ଦୂରତ୍ୱ ରଖିବାକୁ ହେବ।


**ଭ୍ରମଣ ଏବଂ ରହିବା:** ରିପୋର୍ଟ ଅନୁସାରେ ସମସ୍ତ ଫ୍ରାଞ୍ଚାଇଜ୍‌ଙ୍କୁ ୟୁଏଇରେ ସେମାନଙ୍କ ରହିବା ଏବଂ ଭ୍ରମଣ କଥା ବୁଝିବାକୁ ପଡ଼ିବ। ୟୁଏଇ କର୍ମକର୍ତ୍ତାଙ୍କ ସହ ବିସିସିଆଇ ଯୋଗାଯୋଗ ରକ୍ଷାକରି ହୋଟେଲ ପାଇଁ କେତେ ରିହାତି ହୋଇ ପାରିବ ତାହା ଫ୍ରାଞ୍ଚାଇଜ୍‌ଙ୍କୁ ଜଣାଇବ। ତେବେ ଫ୍ରାଞ୍ଚାଇଜ୍‌ମାନେ ବିସିସିଆଇ କରିଥିବା ବ୍ୟବସ୍ଥାରେ ରହିବେ କିମ୍ବା ନିଜେ ବ୍ୟବସ୍ଥା କରିବେ ତାହା ସେମାନଙ୍କ ଉପରେ ନିର୍ଭର କରେ।

**ଡ୍ରେସିଂରୁମ୍:** ଖେଳାଳିମାନେ ସେମାନଙ୍କ ଦଳ ସହ ଏକା ସମୟରେ ଯୋଗଦେବେ। ସର୍ବାଧିକ ୧୫ ଖେଳାଳି ଡ୍ରେସିଂରୁମ୍ ଭିତରେ ଏକତ୍ରିତ ହୋଇପାରିବେ।

# ଦର୍ଶକଙ୍କ ଉପସ୍ଥିତିରେ ଆଇପିଏଲ୍ ପାଇଁ ବିଚାର

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ଆୟୋଜନ ହେଲେ ଷ୍ଟାଡିୟମର ୩୦ରୁ ୫୦ ପ୍ରତିଶତ ଆସନ ପୂରଣ କରିବା ଲାଗି ଏମିରେଟ୍ସ କ୍ରିକେଟ ବୋର୍ଡ(ଇସିବି) ଆଗ୍ରହୀ। ତେବେ ଏହା ସେଠିକା ସରକାରଙ୍କ ଅନୁମୋଦନ ଉପରେ ନିର୍ଭର କରେ ବୋଲି ଇସିବି ସାଧାରଣ ସମ୍ପାଦକ ମୁବାସଶିର୍ ଉସ୍‌ମାନୀ ପ୍ରକାଶ କରିଛନ୍ତି। ଆଇପିଏଲ ଚେୟାରମ୍ୟାନ ବ୍ରିଜେଶ ପଟେଲ ତାରିଖ ଘୋଷଣା କରିବା ବେଳେ ଟୁର୍ଣ୍ଣାମେଣ୍ଟ ସମୟରେ ଦର୍ଶକ ଉପସ୍ଥିତ ରହିପାରିବେ କି ନା ସେ ନିଷ୍ପତ୍ତି ୟୁଏଇ ସରକାର ନେବେ ବୋଲି କହିଥିଲେ। ସେ ଆହୁରି ମଧ କହିଥିଲେ ଯେ, ୟୁଏଇରେ ଆଇପିଏଲ୍ ଆୟୋଜନ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ସରକାରଙ୍କ ଅନୁମତିକୁ ଅପେକ୍ଷା କରି ରହିଛି। ଉସ୍‌ମାନୀ କହିଛନ୍ତି ବିସିସିଆଇଠାରୁ ସବୁଜ ସଂକେତ ମିଳିଯିବା ପରେ ଆମେ ଆମ ସରକାରଙ୍କ ନିକଟରେ ସମ୍ପୂର୍ଣ୍ଣ ପ୍ରସ୍ତାବ ଏବଂ ବିସିସିଆଇ ଏବଂ ଆମ ଦ୍ୱାରା ପ୍ରସ୍ତୁତ ଏସଓପିକୁ ଉପସ୍ଥାପନ କରିବୁ। ଆମ ଲୋକେ ଏହି ସମ୍ମାନଜନକ ଇଭେଣ୍ଟର ଅଭିଜ୍ଞତା ହାସଲ କରନ୍ତୁ ବୋଲି ଆମେ ଚାହୁଁ, କିନ୍ତୁ ଏହା ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ସୂଚନାଯୋଗ୍ୟ, ୟୁଏଇରେ କୋଭିଡ୍-୧୯ ମହାମାରୀ ମୋଟାମୋଟି ଭାବେ ନିୟନ୍ତ୍ରଣରେ ରହିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୬,୦୦୦ରୁ ସାମାନ୍ୟ ଅଧିକ। ଅନ୍ୟପକ୍ଷରେ କରେନାଭାଇରସ୍ ଆଶଙ୍କାରେ ୧୯୭୦ ପରେ ପ୍ରଥମଥର ନଭେମ୍ବରରେ ହେବାକୁଥିବା ଦୁବାଇ ରଗ୍‌ବୀ ସେଭେନ ଇଭେଣ୍ଟ ୨୦୨୦କୁ ବାତିଲ କରାଯାଇଛି। ଉସ୍‌ମାନ କହିଛନ୍ତି, ୟୁଏଇ ସରକାର କରୋନା ସଂକ୍ରମଣକୁ ରୋକିବା ଦିଗରେ ଦକ୍ଷ ସାବ୍ୟସ୍ତ ହୋଇଛନ୍ତି। ଆମେ ଏଠାରେ ସ୍ୱାଭାବିକ ଜୀବନଯାପନ କରୁଛୁ, ତେବେ କେତେକ ନୀତି ନିୟମ ଓ ପ୍ରୋଟୋକଲ ମାନି ଚଳିବାକୁ ହେଉଛି।



ଏଡ୍‌ମଣ୍ଟନଠାରେ ଅନୁଷ୍ଠିତ ନ୍ୟାଶନାଲ ଆଇସ୍ ହକି ଲିଗ୍‌ର ଏକ ପ୍ରଦର୍ଶନୀ ମ୍ୟାଚରେ ନଶଭିଲେ ପ୍ରେଡାଟୋର୍ସର କ୍ରେଗ୍ ସ୍ମିଥ (ଡାହାଣ) ଓ ଡଲାସ ଷ୍ଟାର୍ସର ଇସା ଲିଣ୍ଡେଲଙ୍କ ମଧ୍ୟରେ ବଲ୍ ପାଇଁ ସଂଘର୍ଷ।

## ମଞ୍ଜରେକରଙ୍କ ଅନୁରୋଧ

**ମୁମ୍ବାଇ,୩୧।୭(ପି.ଟି.):**ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମଞ୍ଜରେକର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କମେଣ୍ଟ୍ରି ପ୍ୟାନେଲରେ ପୁଣି ଥରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏ ନେଇ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିବା ଭାରତ- ଦକ୍ଷିଣ ଆଫ୍ରିକା ସିରିଜ ପୂର୍ବରୁ ତାଙ୍କୁ କମେଣ୍ଟ୍ରି ପ୍ୟାନେଲ୍‌ରୁ ହଟାଇ ଦିଆଯାଇଥିଲା। ଅବଶ୍ୟ ଏହି ସିରିଜ କୋଭିଡ୍-୧୯ ମହାମାରୀ କାରଣରୁ ବାତିଲ ହୋଇଥିଲା। ଏବେ ସେ ୟୁନାଇଟେଡ ଆରବ ଏମିରାଟ୍ସ (ୟୁଏଇ)ରେ ଖେଳାଯିବାକୁ ଥିବା ଆଇପିଏଲ୍‌ରେ କମେଣ୍ଟ୍ରି ପ୍ୟାନେଲରେ ଦ୍ୱିତୀୟଥର ସାମିଲ ହେବାକୁ ବୋର୍ଡକୁ ଅନୁରୋଧ କରିଛନ୍ତି। ସେ ବିସିସିଆଇ ଜାରି କରାଯାଇଥିବା ଗାଇଡଲାଇନ୍‌କୁ ମାନିବେ ଓ ସେହି ଅନୁସାରେ କାର୍ଯ୍ୟ କରିବେ ବୋଲି ମଞ୍ଜରେକର ଇମେଲ ଜରିଆରେ ବୋର୍ଡକୁ ଅବଗତ କରାଇଛନ୍ତି। ଇଂଲଣ୍ଡରେ ଗତବର୍ଷ ଅନୁଷ୍ଠିତ ବିଶ୍ୱକପ୍‌ରେ ମଞ୍ଜରେକର ଅଲ- ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଉପରେ ବିବଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ। ଏ ନେଇ କେତେକ ଭାରତୀୟ ଖେଳାଳି ଏକାଠି ହୋଇ ମଞ୍ଜରେକରଙ୍କ ବିରୋଧରେ ବିସିସିଆଇ ନିକଟରେ ଅଭିଯୋଗ ଆଣିଥିଲେ। ଏବେ ଏହି ଘଟଣା ନେଇ ଆଉ ଚର୍ଚ୍ଚା କରିବାର ଆବଶ୍ୟକତା ନାହିଁ।

# ଜାତୀୟ କ୍ରୀଡ଼ା ପୁରସ୍କାର ସିଲେକ୍ସନ କମିଟିରେ ସେହ୍ୱାଗ, ସର୍ଦ୍ଦାର



ସର୍ଦ୍ଦାର ସିଂ ଓ ବୀରେନ୍ଦ୍ର ସେହ୍ୱାଗ।

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ଚଳିତବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ୧୨ ଜଣିଆ ସିଲେକ୍ସନ କମିଟି ଗଠନ କରିଛନ୍ତି। ଏଥିରେ ପୂର୍ବତନ ଭାରତ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଓ ହକି ଷ୍ଟଲୱାର୍ଟ ସର୍ଦ୍ଦାର ସିଂ ସ୍ଥାନ ପାଇଛନ୍ତି। ଏକାଧିକ କମିଟି ଗଠନ କରାଯିବା ଦ୍ୱାରା ଦ୍ୱନ୍ଦ୍ୱ ଓ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ମନ୍ତ୍ରଣାଳୟ ଗତବର୍ଷ ଭଳି ଗୋଟିଏ ସିଲେକ୍ସନ କମିଟି ଗଠନ କରିଛି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଜଷ୍ଟିସ୍ ମୁକୁନ୍ଦକମ ଶର୍ମାଙ୍କୁ ଏହାର ମୁଖ୍ୟ କରାଯାଇଛି। ଏହି ପ୍ୟାନେଲରେ ପାରାଅଲିମ୍ପିକ ରୌପ୍ୟ ବିଜେତା ଦୀପା ମଲିକଙ୍କୁ ମଧ ସାମିଲ କରାଯାଇଛି। କମିଟିରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନଙ୍କ ମଧରେ ରହିଛନ୍ତି ପୂର୍ବତନ ଟେବୁଲ ଟେନିସ ଖେଳାଳି ମୋନାଲିସା ବରୁଆ ମେହେଟା, ବକ୍ସର ଭେଙ୍କଟେଶନ ଦେବରାଜନଙ୍କ ସମେତ ସ୍ପୋର୍ଟ୍ସ କମେଣ୍ଟେଟର ମନୀଷ ଭଟାଭିଆ ଏବଂ ଜର୍ନାଲିଷ୍ଟ ଆଲୋକ ସିହ୍ନା ଓ ନିରୁ ଭାଟିଆ। ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରତିବର୍ଷ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅଗଷ୍ଟ ୨୯ରେ ଦିଆଯାଇଥାଏ। ସିଲେକ୍ସନ ପ୍ୟାନେଲରେ କ୍ରୀଡ଼ା ମନ୍ତ୍ରଣାଳୟ ପ୍ରତିନିଧି, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହା ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ଯୁଗ୍ମ ସଚିବ (ସ୍ପୋର୍ଟ୍ସ ଡେଭଲପମେଣ୍ଟ) ଏଲ.ଏସ୍. ସିଂ ଏବଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ରାଜେଶ ରାଜଗୋପାଳନ ମଧ୍ୟ ରହିବେ। ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି କମିଟି ଅଧ୍ୟକ୍ଷ ଅନ୍ୟ ଦୁଇ ଜଣ ସଦସ୍ୟଙ୍କୁ ଆମନ୍ତ୍ରଣ କରିପାରନ୍ତି ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ ଚଳିତ ବର୍ଷରୁ ପୁରସ୍କାର ଉତ୍ସବ ହୁଏତ ଏକ କିମ୍ବା ଦୁଇ ମାସ ଘୁଞ୍ଚାଇ ଦିଆଯାଇପାରେ। ଏ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି କିନ୍ତୁ ନିଆଯାଇ ନାହିଁ।

# ପେରେଜ ପଜିଟିଭ୍ ଯୋଗୁ ହକେନବର୍ଗ ରେସ୍ କରିବେ

**ସିଲଭରଷ୍ଟୋନ୍, ୩୧।୭ (ଏପି)**

ଚଳିତ ସପ୍ତାହାନ୍ତରେ ନିକୋ ହକେନବର୍ଗ ଫର୍ମୁଲା ୱାନ୍‌କୁ ଫେରିବେ। ସର୍ଗିଓ ପେରେଜ କରୋନା ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କ ସ୍ଥାନରେ ରବିବାର ହେବାକୁଥିବା ବ୍ରିଟିଶ ଗ୍ରାଁ ପ୍ରିରେ ହକେନବର୍ଗ ରେସିଙ୍ଗ୍ ପଏଣ୍ଟ ଟିମ୍ ତରଫରୁ ରେସ୍‌ରେ ଭାଗ ନେବେ। ୩୨ବର୍ଷୀୟ ହକେନବର୍ଗ ଏହି ସିଜନରେ ରେନଲ୍ଟ ଟିମ୍‌ରୁ ବାଦ୍ ପଡ଼ିଥିଲେ। ସେ ଉପଲବ୍ଧ ଥିବାରୁ ତାଙ୍କୁ ଡକାଯାଇଥିଲା ବୋଲି ରେସିଂ ପଏଣ୍ଟ ଟିମ୍ ପ୍ରିନ୍ସପାଲ ଓଟ୍‌ମାର୍ ସାଫାନାଉର ପ୍ରକାଶ କରିଛନ୍ତି। ହକେନବର୍ଗଙ୍କ ପାଇଁ ଏହା ହେବ ୧୭୮ତମ ଗ୍ରାଁ ପ୍ରି। ହଙ୍ଗେରିଆନ ଓ ବ୍ରିଟିଶ ରେସ୍ ମଧ୍ୟରେ ପେରେଜ ମା'ଙ୍କୁ ଭେଟିବା ଲାଗି ନିଜ ଦେଶ ମେକ୍ସିକୋ ଯାଇଥିଲେ। ତାଙ୍କ ମା' ଦୁର୍ଘଟଣାରେ ଆହତ ଥିଲେ। ବାଟରେ ହୁଏତ ସେ କେଉଁଠାରେ ସଂକ୍ରମିତ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଗୁରୁବାର ତାଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ଏଥିରେ ତାଙ୍କର ପଜିଟିଭ ଆସିଥିଲା।



ନିକୋ ହକେନବର୍ଗ

# ସିରିଜ ବିଜୟ ଲକ୍ଷ୍ୟରେ ଇଂଲଣ୍ଡ

**ସାଉଥାମ୍ପଟନ,୩୧।୭**

ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଶନିବାର ସ୍ଥାନୀୟ ରୋଜ ବାଓଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆରେ ଇଂଲଣ୍ଡ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଏହି ଦଳ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଆଗାମୀ ମ୍ୟାଚ ଜିତି ସିରିଜକୁ ଆଗୁଆ ଜିତିବା ଲକ୍ଷ୍ୟରେ ରହିଛି ଇଅନ ମୋର୍ଗାନଙ୍କ ଇଂଲଣ୍ଡ।

**ଦ୍ୱିତୀୟ ଦିନିକିଆ ଆଜି**

ପ୍ରଥମ ଦିନିକିଆରେ ଇଂଲଣ୍ଡ ୬ ଉଇକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଆୟର୍ଲାଣ୍ଡ କର୍ଟିସ କ୍ୟାମ୍ପରଙ୍କ ଅର୍ଦ୍ଧଶତକ ସହାୟତାରେ ୪୪.୪ ଓଭରରେ ୧୭୨ ରନକରି ଅଲଆଉଟ୍ ହୋଇଥିଲା। ଜବାବରେ ଇଂଲଣ୍ଡ ୨୭.୫ ଓଭରରେ ୪ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରି ନେଇଥିଲା। ୧୭୩ ରନ ଟାର୍ଗେଟର ପିଛା କରି ଇଂଲଣ୍ଡ ମଧ ୭୮ ରନରେ ୪ ଉଇକେଟ ହରାଇ ଅନୁରୂପ ଭାବେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜନି ବେୟାରଷ୍ଟୋ ୨, ଜାସନ ରଏ ୨୪, ଜେମ୍ସ ଭିନ୍ସ ୨୫, ଟମ୍ ବାଣ୍ଟନ ୧୧ ରନ କରି ଆଉଟ ହୋଇଥିଲେ। ତେବେ ପଞ୍ଚମ ଉଇକେଟ ଯୋଡିରେ ଇଅନ ମୋର୍ଗାନ ଓ ସାମ ବିଲିଙ୍ଗ୍ସ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୮୫ ବଲରୁ ଅପରାଜିତ ୯୬ ରନ କରି ଦଳକୁ ବିଜୟୀ କରାଇଥିଲେ। ବିଲିଙ୍ଗ୍ସ ୫୪ ବଲରୁ ୧୧ ଚୌକା ସହ ୬୭ ଓ ମୋର୍ଗାନ ୪୦ ବଲରୁ ୨ ଚୌକା ଓ ୪ ଛକା ସହ ୩୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଆୟର୍ଲାଣ୍ଡ ତରଫରୁ କ୍ରେଗ ୟଙ୍ଗ ୨, ଆଣ୍ଡି ମ୍ୟାକ୍‌ବ୍ରାଏନ ଓ କର୍ଟିସ କ୍ୟାମ୍ପର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ପ୍ରଥମ ଦିନିକିଆ ଅବସରରେ ଇଂଲଣ୍ଡ ଖେଳାଳିମାନେ।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୪୪.୪ ଓଭରରେ ୧୭୨ ଆଲଆଉଟ୍ (କ୍ୟାମ୍ପର- ୫୯*, ମ୍ୟାକ ବ୍ରାଏନ୍- ୪୦, ଡେଭିଡ ୱିଲି- ୫/୩୦, ସାକିବ ମେହମୁଦ-୨/ ୩୬)।

ଇଂଲଣ୍ଡ ୨୭.୫ ଓଭରରେ ୧୭୪/୪ ( ସାମ ବିଲିଙ୍ଗ୍ସ- ୬୭*, ଇଅନ ମୋର୍ଗାନ- ୩୬*, ଜାସନ ରଏ- ୨୪, ଜେମ୍ସ ଭିନ୍ସ- ୨୫, କ୍ରେଗ ୟଙ୍ଗ- ୨/୫୬)।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ